

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୪ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 14 JANUARY 2026

Vol.No. 36 ■ No.14 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଶୁଭେଚ୍ଛା



ପବିତ୍ର ମରକ ସଂକ୍ରାନ୍ତି ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇ, ଭଉଣୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଭିତରେ ନବ ଜାଗରଣ ସୃଷ୍ଟି ହେଉ ଏତିକି ହିଁ କାମନା କରୁଛି।

ଇଂ. ମଧୁସୂଦନ ସିଂ
ଆସିଷ୍ଟାଣ୍ଡ ଏକଜିକ୍ୟୁଟିଭ ଇଂଜିନିୟର
ପବ୍ଲିକ ହେଲଥ୍ ସବଡିଭିଜନ, ଭଦ୍ରକ


## ଇରାନ ସହ ବନ୍ଧୁତା ଭାରତକୁ ମହଙ୍ଗା ପଡ଼ିବ: ୨୫% ଶୁଳ୍କ ଲଗାଇଲେ ଟ୍ରମ୍ପ

ନୂଆଦିଲ୍ଲୀ,୧୩/୧ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ କାରବାର କରୁଥିବା ଦେଶଗୁଡ଼ିକ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏ ସମ୍ପର୍କ ?ରେ ସେ ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି। ଇରାନ ସହ ଭାରତର ଯଥେଷ୍ଟ ଅଧିକ ଥିବାରୁ ଏହା ଗୁରୁତର ସମସ୍ୟା ସାମ୍ନା କରିବା ଆଶଙ୍କା କରାଯାଉଛି। ପୂର୍ବରୁ ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ପାଲଟା ଶୁଳ୍କ ଭାବେ ୨୫ ପ୍ରତିଶତ ଓ ରୁଷରୁ ତେଲ କିଣୁଥିବାରୁ ଜରିମାନା ଭାବେ ଆଉ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଛି। ଏହାବାଦ ଯଦି ଇରାନ ସହ ସମ୍ପର୍କ ପାଇଁ ଆଉ ୨୫ ପ୍ରତିଶତ ଶୁଳ୍କ ଲାଗିବ ତେବେ ଭାରତ ଉପରେ ଆମେରିକା ଲଗାଇଥିବା ଶୁଳ୍କ ପରିମାଣ ୭୫ ପ୍ରତିଶତ ହୋଇଯିବ। ଏହାହେଲେ ଭାରତୀୟ ସାମଗ୍ରୀ ଆମେରିକା ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବ



ନାହିଁ, ଯାହା ରପ୍ତାନୀକୁ ଗୁରୁତର ପ୍ରଭାବିତ କରିବ। ଇରାନ ସମ୍ପର୍କରେ ଟ୍ରମ୍ପ କହିଛନ୍ତି ଯେ ଇରାନ ସହ କାରବାର କରୁଥିବା ଦେଶମାନଙ୍କୁ ଆମେରିକା ସହ କାରବାର କରିବାକୁ ହେଲେ ୨୫ ପ୍ରତିଶତ ଶୁଳ୍କ ଦେବାକୁ ପଡ଼ିବ। ଏହି ନିର୍ଦ୍ଦେଶ ଚୂଡ଼ାନ୍ତ ବୋଲି ସେ କହିଛନ୍ତି। ଇରାନରେ ଦରଦାମ ବୃଦ୍ଧିକୁ ନେଇ ବ୍ୟାପକ ପ୍ରତିବାଦ ଦେଖିବାକୁ ମିଳିଛି। ସେହି ଆନ୍ଦୋଳନକୁ ସରକାର ଦମନ କରୁଥିବା ଅଭିଯୋଗ ରହିଛି। ଇରାନ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ଲାଗି ଟ୍ରମ୍ପ 'ଶୁଳ୍କ'କୁ ଅସ୍ତ୍ର ଭାବେ ବ୍ୟବହାର କରିଛନ୍ତି। ଟ୍ରମ୍ପଙ୍କ ନିଷ୍ପତ୍ତି ଦ୍ୱାରା ଭାରତ ଗୁରୁତର ପ୍ରଭାବିତ ହେବ। କାରଣ ଇରାନ ହେଉଛି ଭାରତର ପଞ୍ଚମ ବୃହତ୍ ବ୍ୟବସାୟ ସହଯୋଗୀ। ୨୦୨୫ର ୧୦ ମାସରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପରିମାଣ ୧୩୪ କୋଟି ଡଲାର ଥିଲା। ଇରାନକୁ ଭାରତ ମୁଖ୍ୟତଃ ଚାଉଳ, ଚା, ଚିନି, ଔଷଧ, ହାତ ତିଆରି ସୂତା, ଇଲେକ୍ଟ୍ରିକ୍ ମେସିନ, କୃତ୍ରିମ ଗହଣା ପଠାଉଛି। ସେହିପରି, ଇରାନରୁ ଡ୍ରାଏ ଫ୍ରୁଟ୍ସ, ଅର୍ଗାନିକ୍ କେମିକାଲ୍ ଓ ଗ୍ଲାସ୍‌ୱେର ଆମଦାନୀ କରୁଛି। ଇରାନ ଉପରେ ଲଗାଯାଇଥିବା କଟକଣା ବାସୁମତୀ ଚାଉଳ ରପ୍ତାନିକାରୀମାନଙ୍କୁ ପ୍ରଭାବିତ କରୁଛି। ରପ୍ତାନୀରେ ବିଳମ୍ବ, ପେମେଣ୍ଟ ଅନିଶ୍ଚିତତା ଆଦି କାରଣ ପାଇଁ ଇରାନକୁ ବାସୁମତି ପଠାଇ ହେଉନାହିଁ। ଫଳରେ ଦେଶ ଭିତରେ ତାହାର ଉପଲବ୍ଧତା ବଢ଼ିବା ସହ ଦାମ୍ କମ୍ ହେବାରେ ଲାଗିଛି। ଯଦି ଇରାନ ସହ ସମ୍ପର୍କ ପାଇଁ ଭାରତ ଉପରେ ଆଉ ୨୫ ପ୍ରତିଶତ ଶୁଳ୍କ ଲାଗିବ ତେବେ ଆମେରିକାକୁ ଭାରତର ବୟନ ସାମଗ୍ରୀ, ପୋଷାକ, ରତ୍ନପଥର ଓ ଗହଣା, ଚମଡ଼ା ସାମଗ୍ରୀ ଓ ଜୋତା, ଅଟୋମୋବାଇଲ୍ ଉପକରଣ, ରାସାୟନିକ ପଦାର୍ଥ ଓ ସାମୁଦ୍ରିକ ସାମଗ୍ରୀ ରପ୍ତାନୀ ଆହୁରି ପ୍ରଭାବିତ ହେବ। ଇରାନରୁ ଆସୁଥିବା ଅଶୋଧିତ ତୈଳ ମଧ୍ୟ ମହଙ୍ଗା ହୋଇଯିବ। ଇରାନ ସଙ୍କଟ ପ୍ରଭାବରେ ଅଶୋଧିତ ତୈଳ ଦର ବଢ଼ିଲେ ତାହା ମଧ୍ୟ ଦେଶକୁ ପ୍ରଭାବିତ କରିବ। ◆◆ପୃଷ୍ଠା ୭

## ବିଧାନସଭାରେ ବଢ଼ିପାରେ ଏକ ତୃତୀୟାଂଶ ଆସନ: ବହୁ ନେତାଙ୍କ କ୍ୟାରିୟରରେ ପଡ଼ିବ ପୂର୍ଣ୍ଣଚ୍ଛେଦ

ଭୁବନେଶ୍ୱର, ୧୩/୧ (ନି.ପ୍ର): ଦୀର୍ଘବର୍ଷ ପରେ ଓଡ଼ିଶା ରାଜନୀତିରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିପାରେ । ବିଧାନସଭା ଆସନ ବଢିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଇଙ୍ଗିତ ପରେ ନେତାଙ୍କ ଠାରୁ କର୍ମୀ ଶଙ୍କାରେ । ବଦଳିଯିବନି ଯିବନି ତ ଆମ ନିର୍ବାଚନମଣ୍ଡଳୀ ଆସନ ? ହାତ ଛାଡିଦେବେନି ତ ନେତା ? ଏସବୁ ଭିତରେ ନୂଆ ପିଢିର ନେତାଙ୍କର ଛାତି କୁଣ୍ଢେମୋଟ ହୋଇଗଲାଣି । କହିଲେଣି, ଏଥର ଆମ ପାଇଁ ବାଟ ଫିଟିବ । ମୁଖ୍ୟମନ୍ତ୍ରୀଙ୍କର ବୟାନ ଶୀତୁଆ ଓଡ଼ିଶାରେ ରାଜନୈତିକ ପାରଦକୁ ଉଷ୍ମ କରିଛି । ଶୀର୍ଷ ସ୍ତରରୁ ତୃଣମୂଳସ୍ତର ଯାଏଁ ଚର୍ଚ୍ଚା, ଆସନ ବଢ଼ିଲେ ଆମ ନିର୍ବାଚନମଣ୍ଡଳୀର ଭାଗ୍ୟ କ'ଣ ହେବ ? ନେତାଙ୍କ କ୍ୟାରିୟର ପ୍ରଭାବିତ ହେବନି ତ ? ଏଭଳି ଆଶା ଓ ଆଶଙ୍କାରେ ୩ ପ୍ରମୁଖ ଦଳର ନେତା ଓ କର୍ମୀ । ୨୦୨୭ ଜନଗଣନା ପରେ ସୀମା ପୁନଃନିର୍ଦ୍ଧାରଣ ହେଲେ ବଦଳିଯିବ ଅନେକ ନିର୍ବାଚନମଣ୍ଡଳୀର ଇତିହାସ ଓ ଭୂଗୋଳ । ବଦଳିଯିବ ଆସନ, ବଦଳିଯିବ ଚେହେରା । କିଛି ନିର୍ବାଚନମଣ୍ଡଳୀର ବିଲୟ ଘଟିବ, ଅନେକ ନିର୍ବାଚନମଣ୍ଡଳୀ ନୂଆ ନାଁରେ ନୂଆ ରୂପରେ ଜନ୍ମ ନେବ । ଠିକ୍ ରାଜନଗର-ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀ ଭଳି । ପ୍ରାୟ ଏକ ତୃତୀୟାଂଶ ଆସନ ବଢିବା ନେଇ ସଂକେତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଏହାଦ୍ୱାରା ସୁଯୋଗ ଅପେକ୍ଷାରେ ଥିବା ଅନେକ ନୂଆ ନେତାଙ୍କ ରାଜନୈତିକ ଏଣ୍ଟ୍ରି ହେବ । ୨୦୦୯ରେ ଶେଷ ଥର ପାଇଁ ହୋଇଥିଲା ସୀମା ପୁନଃନିର୍ଦ୍ଧାରଣ । ଏହା ପୂର୍ଣ୍ଣାଙ୍ଗ ନଥିଲେ ମଧ ଅତି ପ୍ରଭାବୀ ହୋଇଥିଲା । ଏହା ଜରିଆରେ ବଳଶାଳୀ ହୋଇଥିଲା ବିଜେଡି, ପ୍ରଭାବ ହରାଇଥିଲା ବିଜେପି । ◆◆ପୃଷ୍ଠା ୭

## ୧୮ ତାରିଖ ସୁଦ୍ଧା ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର, ୧୩/୧ (ନି.ପ୍ର): ସୁଭଦ୍ରା ଯୋଜନାକୁ ନେଇ ଆସିଲା ବଡ଼ ଖବର । ଆସନ୍ତା ୧୮ ତାରିଖ ଭିତରେ ମିଳିବ ସୁଭଦ୍ରା ଟଙ୍କା । ଏନେଇ ସୂଚନା ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ତାଙ୍କ କହିବା ମୁତାବକ, ଏଯାବତ ସୁଭଦ୍ରା ଯୋଜନାରେ ମୋଟ ୪ ଲକ୍ଷ ୫୭ ହଜାର ୬୮୧ଜଣ ମହିଳା ସାମିଲ ହୋଇସାରିଛନ୍ତି । ତାଙ୍କ ଭିତରୁ ନୂଆକରି ୧ ଲକ୍ଷ ୭୮ ହଜାର ୩୯୮ ଜଣ ମହିଳାଙ୍କୁ ସାମିଲ କରାଯାଇଛି । ଯେଉଁମାନେ କି ପ୍ରଥମ ଥର ପାଇଁ ସୁଭଦ୍ରା କିସ୍ତି ପାଇବେ । ତେବେ ପ୍ରଥମ ଏବଂ ଦ୍ୱିତୀୟ କିସ୍ତିରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣଙ୍କୁ ଏଥର ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି । ସେମାନେ ଏଥର ଏକାବେଳକେ ଦୁଇଟି କିସ୍ତିର ଟଙ୍କା ପାଇବେ । ମିଳିଥିବା ସୂଚନା ଅନୁସାରେ, ଅଭିଯୋଗ ଶୁଣାଣି ପରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରାରେ ସାମିଲ କରାଯାଇଥିବା ନେଇ ଉପ-ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

## ରାଜ୍ୟରେ ୩୬ହଜାରରୁ ବୃଦ୍ଧି ପାଇଁ ୪୩ହଜାର କରାଗଲା ବୁଥ୍ ସଂଖ୍ୟା

ଭୁବନେଶ୍ୱର, ୧୩/୧ (ନି.ପ୍ର): ରାଜ୍ୟରେ ବଢିଲା ବୁଥ ସଂଖ୍ୟା । ଏସଆଇଆର ପୂର୍ବରୁ ବୁଥ ସଂଖ୍ୟା ଆଉ ୭ ହଜାର ବୁଥ ବୃଦ୍ଧି କରାଯାଇଛି । ପୂର୍ବରୁ ୩୬ ହଜାର ବୁଥ ଥିବା ବେଳେ ଏବେ ପ୍ରାୟ ୪୩ ହଜାର ବୁଥ କରାଯାଇଛି । ଏସଆଇଆର ପାଇଁ ଓଡ଼ିଶା ପ୍ରସ୍ତୁତ । ଓଡିଶାରେ ଏସଆଇଆର ଲାଗୁ ପାଇଁ ପ୍ରସ୍ତୁତି ୫ ମାସ ଧରି ଚାଲିଛି । ଗୋଟିଏ ବୁଥରେ ୧୨୦୦ ରୁ ଉର୍ଦ୍ଧ ଭୋଟର କିମ୍ବା ତାଠାରୁ କମ ଭୋଟର ରହିବେ । ଏନେଇ ସମସ୍ତ ପ୍ରୋସେସ ସରିଛି । ରାଜ୍ୟରେ ପ୍ରାୟ ୪୩ ହଜାର ବୁଥ ସୃଷ୍ଟି ହୋଇଛି ସବୁ ବୁଥରେ ୧୨୦୦ କିମ୍ବା ତାଠାରୁ କମ ଭୋଟର ରହିବେ । ସବୁ ବୁଥରେ ବୁଥ ଲେବୁଲ ଅଧିକାରୀ ନିଯୁକ୍ତ କରାଯାଇଛି। ୨୦୦୨ ମସିହାରେ ଶେଷ ଥର ପାଇଁ ଓଡିଶାରେ ଏସଆଇଆର ହୋଇଥିଲା । ୨୦୦୨ ରୁଲରେ ଯେଉଁମାନଙ୍କ ନାମ ଥିଲା ୨୦୨୫ ରୁଲରେ ନାମ ଥିଲେ ଆଉ ସଂଶୋଧିତ ଦରକାର ନାହିଁ । ସେଥିରେ ସେମାନଙ୍କ ପୁଅ ଝିଅଙ୍କ ନାମ ଯୋଡ଼ାଯିବ । ୨୦୨୫ ଏବଂ ୨୦୦୨ ଡାଟା ଇଂଟିଗ୍ରେଟ ହୋଇସାରିଛି । ୭୦ ପ୍ରତିଶତ ମ୍ୟାପିଙ୍ଗ ସରିଛି ।

## ଉତ୍ତରାଖଣ୍ଡର ବାଗେଶ୍ୱରରେ ୩.୫ ତୀବ୍ରତାର ଭୂମିକମ୍ପ ଅନୁଭୂତ

ନୂଆଦିଲ୍ଲୀ,୧୩/୧ : ମଙ୍ଗଳବାର ସକାଳେ ଉତ୍ତରାଖଣ୍ଡର ବାଗେଶ୍ୱର ଜିଲ୍ଲା ନିକଟରେ ୩.୫ ଭଳି ନିମ୍ନ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏଥିରେ କୌଣସି ଧନଜୀବନ ହାନି ହୋଇନାହିଁ ବୋଲି ଅଧିକାରୀମାନେ କହିଛନ୍ତି। ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟର କହିବା ଅନୁସାରେ, ସକାଳ ୭ଟା ୨୫ ମିନିଟ୍‌ରେ ୩.୫ ତୀବ୍ରତାର ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା। ବାଗେଶ୍ୱର ଜିଲ୍ଲା ମୁଖ୍ୟାଳୟଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଥିବା କାପକୋଟ ସହର ନିକଟରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା। ବାଗେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଶିଖା ସୁୟାଲ କହିଛନ୍ତି ଯେ, ଏପର୍ଯ୍ୟନ୍ତ କୌଣସି ଜୀବନ କିମ୍ବା ସମ୍ପତ୍ତି ନଷ୍ଟ ହୋଇନାହିଁ।

## ଆମ ସରକାର ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩/୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତରେ ଅଛନ୍ତି। ପବିତ୍ର ମକର ସଂକ୍ରାନ୍ତିର ଶୁଭ ଅବସରରେ କେନ୍ଦୁଝରର ଉନ୍ନତି ପାଇଁ ୧,୯୦୦ କୋଟିରୁ ଅଧିକ ମୂଲ୍ୟର ୭୧ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ବିଶେଷ କରି ମା' ତାରିଣୀଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ୩୧୩ କୋଟିର ବ୍ୟୟବରାଦ ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ଏହି ନୂତନ ନିବେଶ କେନ୍ଦୁଝରର



ବିକାଶ ଧାରାକୁ ତ୍ୱରାନ୍ୱିତ କରିବ। କେନ୍ଦୁଝର ଜିଲ୍ଲାକୁ ଦୁଇଦିନିଆ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୋ ନିଜ ମାଟି, ମୋ ନିଜ ଘରକୁ ଫେରିବା ସବୁବେଳେ ମୋ ପାଇଁ ସବୁଠାରୁ ଆବେଗପୂର୍ଣ୍ଣ ମୁହୂର୍ତ୍ତ। ମୁଁ ଏଇ ମାଟିର ପୁଅ। ତେଣୁ କେନ୍ଦୁଝରର ସ୍ପନ୍ଦନକୁ ମୁଁ ଅତି ନିକଟରୁ ଅନୁଭବ କରେ। ଆଜି ଆପଣମାନଙ୍କର ସ୍ନେହ, ଶ୍ରଦ୍ଧା, ଭଲପାଇବା ଏବଂ ଭବ୍ୟ ସ୍ୱାଗତ ଦେଖି ମୁଁ ଅଭିଭୂତ। ◆◆ପୃଷ୍ଠା ୭

## ଦଳରେ କୌଣସି ବିଶୃଙ୍ଖଳା ନାହିଁ: ଶାରଦା ଜେନା

ଭୁବନେଶ୍ୱରଭୁବନେଶ୍ୱର, ୧୩/୧ (ନି.ପ୍ର): ବିଜେଡି ଶୃଙ୍ଖଳା କମିଟି ସଦସ୍ୟ ଶାରଦା ଜେନା ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଦଳରେ କୌଣସି ବିଶୃଙ୍ଖଳା ନାହିଁ । ଗଣମାଧ୍ୟମରେ ଯାହା ପ୍ରଚାର କରାଯାଉଛି ସେଥିରେ କୌଣସି ସତ୍ୟତା ନାହିଁ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ଦଳର ସମସ୍ତ କର୍ମୀ ସମ୍ମାନ ଜଣାଇ ଆସୁଛନ୍ତି । ଲତିକା ପ୍ରଧାନଙ୍କ ମନ୍ତବ୍ୟ ପ୍ରସଙ୍ଗରେ ଦଳ ବିଚାର କରୁଛି । ଦଳରେ କିଛି ବିଶୃଙ୍ଖଳା ନାହି ।

## ଭଙ୍ଗାଯିବନି ବର୍ତ୍ତମାନର ବିଧାନସଭା କୋଠା : ନୂଆ ବିଧାନସଭା ତିଆରି ହେଲେ, ମ୍ୟୁଜିୟମ୍ ହେବ ପୁରୁଣା କୋଠା

ଭୁବନେଶ୍ୱର, ୧୩/୧ (ନି.ପ୍ର): ରାଜ୍ୟରେ ନୂଆ ବିଧାନସଭା ତିଆରି ନେଇ ଖବର ଆସିବା ପରେ, ଚର୍ଚ୍ଚା ହେଉଥିଲା ଯେ, ପୁରୁଣା ବିଧାନସଭା କଣ ହେବ? ଏବେ ଏନେଇ ସ୍ପଷ୍ଟୋକ୍ତି ରଖିଛନ୍ତି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ତାଙ୍କ କହିବା ଅନୁସାରେ, ବର୍ତ୍ତମାନ ଥିବା ବିଧାନସଭା କୋଠାକୁ ଭଙ୍ଗାଯିବନି । ଏହାକୁ ସନ୍ତକ ହିସାବରେ ରଖାଯିବ । ଏମିତି କି ଭବିଷ୍ୟତରେ ଏହାକୁ



ମ୍ୟୁଜିୟମ ଭାବରେ ମଧ୍ୟ ବ୍ୟବହାର କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯଦି ଆଗକୁ ଓଡ଼ିଶାରେ ବିଧାନ ପରିଷଦ ଗଠନ ହୁଏ ତେବେ ଏହି ପୁରୁଣା ବିଧାନସଭା ଗୃହକୁ ବିଧାନ ପରିଷଦ ଗୃହ ଭାବେ ମଧ୍ୟ ବ୍ୟବହାର କରିହେବ ବୋଲି ସେ ସୂଚନା ଦେଇଛନ୍ତି । ଏହାସହ ନୂଆକରି ତିଆରି ହେବାକୁ ଥିବା ବିଧାନସଭାରେ ୩୦୦ ସଦସ୍ୟ ବସିପାରିବେ । ଲୋକସେବା ଭବନ ଏବଂ ବିଧାନସଭା ମଝିରେ ଥିବା ଖାଲି ସ୍ଥାନରେ ଏହି ନୂଆ ବିଧାନସଭା ଗଠନ ହେବ ।

## ପାକିସ୍ତାନକୁ ଚେତାବନୀ ଦେଲେ ସେନାମୁଖ୍ୟ : ୮ଟି ଆତଙ୍କବାଦୀ ଶିବିର ଏବେ ବି ସକ୍ରିୟ, କ୍ଷେପଣାସ୍ତ୍ର ପ୍ରସ୍ତୁତ କରୁଛନ୍ତି ଭାରତୀୟ ସେନା

ନୂଆଦିଲ୍ଲୀ,୧୩/୧ : ଭାରତୀୟ ସେନାର ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି, ଅପରେସନ ସିନ୍ଦୂର ଏବେ ବି ଜାରି ରହିଛି। ସେ ସ୍ପଷ୍ଟ କରିଛନ୍ତି. ଭାରତ-ଚୀନ୍ ସୀମାରେ ପରିସ୍ଥିତି ବର୍ତ୍ତମାନ ସ୍ୱାଭାବିକ ରହିଛି। ପଶ୍ଚିମ ମୋର୍ଚ୍ଚା ଏବଂ ଜମ୍ମୁ-କାଶ୍ମୀରରେ ପରିସ୍ଥିତି ଯଦିଓ ମେ' ୧୦ ତାରିଖରୁ ସମ୍ବେଦନଶୀଳ ଥିଲା ତେବେ ଏବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି ।ସେନା ମୁଖ୍ୟ କହିଛନ୍ତି, ୨୦୨୫ ଠାରୁ ବର୍ତ୍ତମାନ ସୁଦ୍ଧାରେ ୩୧ ଜଣ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ସେମାନଙ୍କ ମଧ୍ୟରୁ ପ୍ରାୟ ୬୫% ପାକିସ୍ତାନୀ ମୂଳର ଥିଲେ। ନିହତ ତିନି ଜଣ ଆତଙ୍କବାଦୀଙ୍କ ମଧ୍ୟରେ ପହଲଗାମ ଆକ୍ରମଣରେ ସାମିଲ ଥିବା ବ୍ୟକ୍ତି ମଧ୍ୟ ଥିଲେ। ଜେନେରାଲ ଦ୍ୱିବେଦୀ ଦୋହରାଇଛନ୍ତି ଯେ, ଶତ୍ରୁ ଦ୍ୱାରା ଭବିଷ୍ୟତରେ ଯେକୌଣସି ଦୁଃସାହସିକ କାର୍ଯ୍ୟର ଉଚିତ ଜବାବ ଦିଆଯିବ। ସେ ଜାତୀୟ



ସ୍ତରରେ ସମନ୍ୱୟର ପ୍ରଶଂସା କରି କହିଛନ୍ତି, ସିଏପିଏଫ୍ ?, ଗୁଇନ୍ଦା ସଂସ୍ଥା, ନାଗରିକ ସଂସ୍ଥା, ରାଜ୍ୟ ସରକାର ଏବଂ ଗୃହ ମନ୍ତ୍ରଣାଳୟ, ରେଳବାଇ ଭଳି ଅନ୍ୟାନ୍ୟ ମନ୍ତ୍ରଣାଳୟ ମିଳିତ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି, ଯାହାକୁ ସ୍ୱୀକାର କରାଯିବା ଉଚିତ ।ସେନା ମୁଖ୍ୟ କହିଛନ୍ତି, ଅପରେସନ ସିନ୍ଦୂର ତିନି ସେନା ମଧ୍ୟରେ ସମନ୍ୱୟର ଏକ ପ୍ରମୁଖ ଉଦାହରଣ ଥିଲା। ରାଜନୈତିକ ନିର୍ଦ୍ଦେଶ ବିନା ସ୍ୱାଧୀନ ଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଜମ୍ମୁ ଏବଂ କାଶ୍ମୀରରେ ସ୍ଥାନୀୟ ଆତଙ୍କବାଦୀଙ୍କ ସଂଖ୍ୟା ବର୍ତ୍ତମାନ ଏକକ ସଂଖ୍ୟାକୁ ହ୍ରାସ ପାଇଛି ଏବଂ ଆତଙ୍କବାଦୀ ନିଯୁକ୍ତି ପ୍ରାୟତଃ ବନ୍ଦ ହୋଇଯାଇଛି । ୨୦୨୫ରେ କେବଳ ଦୁଇଜଣ ନୂତନ ନିଯୁକ୍ତି ପାଇଥିଲେ। ଏହା ରାଜ୍ୟରେ ସକାରାତ୍ମକ ପରିବର୍ତ୍ତନକୁ ସୂଚିତ କରୁଛି ।ସେ କହିଛନ୍ତି, କାଶ୍ମୀରରେ ପର୍ଯ୍ୟଟନ ମଧ୍ୟ ବୃଦ୍ଧି ପାଇଛି। ଏହାର ଉଦାହରଣ ହେଉଛି ଶାନ୍ତିପୂର୍ଣ୍ଣ ଅମରନାଥ ଯାତ୍ରା। ଚଳିତ ଥର ପ୍ରାୟ ୪୦୦,୦୦୦ ତୀର୍ଥଯାତ୍ରୀ ତୀର୍ଥଯାତ୍ରା କରିଛନ୍ତି। ଯାହା ବିଗତ ପାଞ୍ଚ ବର୍ଷର ହାରାହାରି ଅପେକ୍ଷା ବହୁ ଅଧିକ ।ଜେନେରାଲ ଦ୍ୱିବେଦୀ କହିଛନ୍ତି, ସାରା ବିଶ୍ୱରେ ସାମରିକ ସଂଘର୍ଷ ବୃଦ୍ଧି ପାଉଛି।

## କୁକୁର ପ୍ରେମୀଙ୍କୁ ସୁପ୍ରିମକୋର୍ଟର କଡ଼ା ଚେତାବନୀ: ଖାଇବାକୁ ଦେବାର ଅଛି ତ ଘରେ ନେଇ ରଖ

ନୂଆଦିଲ୍ଲୀ,୧୩/୧ : ବୁଲା କୁକୁର ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ ମଙ୍ଗଳବାର ଦିନ ରାଜ୍ୟ ସରକାରମାନଙ୍କୁ କଡ଼ା ଚେତାବନୀ ଦେଇଛନ୍ତି । ଶୀର୍ଷ ଅଦାଲତ କହିଛନ୍ତି ଯେ, କୁକୁର କାମୁଡ଼ା ପ୍ରତ୍ୟେକ ଘଟଣା ଏବଂ ଏଥିଯୋଗୁଁ ହେଉଥିବା ପ୍ରତ୍ୟେକ ମୃତ୍ୟୁ ମାମଲାରେ ସମ୍ପୃକ୍ତ ରାଜ୍ୟ ଉପରେ ମୋଟା ଅଙ୍କର କ୍ଷତିପୂରଣ ଲଗାଯାଇପାରେ । ଏହା ସହିତ ଅଦାଲତ ଏହା ମଧ୍ୟ ସ୍ପଷ୍ଟ



କରିଛନ୍ତି ଯେ, ଯେଉଁ ମାମଲାରେ କୁକୁର ଆକ୍ରମଣ ଯୋଗୁଁ କୌଣସି ବ୍ୟକ୍ତିଙ୍କ ଉପରେ 'ଜୀବନବ୍ୟାପୀ ପ୍ରଭାବ' ପଡୁଛି, ସେଭଳି କ୍ଷେତ୍ରରେ ବୁଲା କୁକୁରଙ୍କୁ ଖାଦ୍ୟ ଦେଉଥିବା ବ୍ୟକ୍ତି ମାନଙ୍କର ଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରାଯିବ। ସୁପ୍ରିମକୋର୍ଟ କଠୋର ଶବ୍ଦରେ କହିଛନ୍ତି, 'ପ୍ରତ୍ୟେକ କୁକୁର କାମୁଡ଼ା ଏବଂ ମୃତ୍ୟୁ ପାଇଁ ଆମେ ରାଜ୍ୟଗୁଡ଼ିକ ଉପରେ ଭାରୀ କ୍ଷତିପୂରଣ ଧାର୍ଯ୍ୟ କରିବୁ, କାରଣ ସେମାନେ ଆବଶ୍ୟକ ବ୍ୟବସ୍ଥା କରିନାହାଁନ୍ତି । ଏହାସହ ଡଗ୍ ଫିଡର୍ସଙ୍କର ମଧ୍ୟ ଦାୟିତ୍ୱ ରହିବ । ଯଦି ଆପଣ ସେମାନଙ୍କୁ ଖାଦ୍ୟ ଖୁଆଉଛନ୍ତି, ତେବେ ସେମାନଙ୍କୁ ନିଜ ଘରେ ରଖନ୍ତୁ । ସେମାନଙ୍କୁ ବାହାରେ ବୁଲି ଲୋକଙ୍କୁ କାମୁଡ଼ିବା ଏବଂ ସେମାନଙ୍କ ଉପରେ ଆକ୍ରମଣ କରିବାକୁ ଅନୁମତି କାହିଁକି ଦିଆଯିବ? କୁକୁର କାମୁଡ଼ାର ପ୍ରଭାବ ସାରା ଜୀବନ ରହିଥାଏ।' ସମସ୍ତ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ସେମାନେ 'ଆନିମଲ୍ ବାର୍ଥ କଣ୍ଟ୍ରୋଲ' ନିୟମକୁ ଲାଗୁ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ।

# ନୀଳଗିରି ବିବେକାନନ୍ଦ ଯୁବସଂସଦ ପକ୍ଷରୁ ଜାତୀୟ ଯୁବଦିବସ ଓ ୧୬୩ତମ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ




ନୀଳଗିରି,୧୩/୧ (ନି.ପ୍ର): ସ୍ୱାମୀ ବିବେକାନନ୍ଦ ଲୋକସଂସଦର ଯୁବବିଭାଗ ତରଫରୁ 'ଜାତୀୟ ଯୁବ ଦିବସ' ଓ ୧୬୩ତମ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ବେଶ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ସ୍ଥାନୀୟ ରତ୍ନାକର ଟାଉନ୍ ହାଇସ୍କୁଲ ସମ୍ମିଳନୀ କକ୍ଷରେ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇ ଥିଲା। ଏଥିରେ ମୁଖ୍ୟ ଅତିଥି ଅଧ୍ୟାପକ ହେମନ୍ତ କୁମାର ବେହେରାଙ୍କ ଦ୍ୱାରା ବିବେକାନନ୍ଦଙ୍କ ଫଟୋ ଚିତ୍ର ନିକଟ ରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିନୋଦ ବିହାରୀ ପଣ୍ଡା, ସମ୍ମାନିତ ବକ୍ତା ଭାବେ ବିବେକାନନ୍ଦ କର, ସମ୍ମାନିତ ଅତିଥି ଶ୍ରୀ ସମରଶଙ୍କର କାନୁନଗୋ, ସଭାପତି, ଦାମୋଦର ପଣ୍ଡା ସ୍ୱାମୀ ବିବେକାନନ୍ଦଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ । ପ୍ରସିଦ୍ଧ କବୟିତ୍ରୀ ତଥା ସଂଯୋଜିକା ସୁଭାଷିନୀ ଜୀ, କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଶିବସୁନ୍ଦର ସାହୁ ଓ ସତ୍ୟ ନାରାୟଣ ମହାପାତ୍ର ବିବେକାନନ୍ଦଙ୍କ ବାଲ୍ୟ ଜୀବନ ବିଷୟରେ ବକ୍ତବ୍ୟ ରଖିଥିଲେ । ଗତ ନଭେମ୍ବର ୧୬ ତାରିଖରେ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତା ଦୁଇଟି ବିଭାଗରେ ଅନୁଷ୍ଠିତ ହୋଇଥିଲା । 'କ' ବିଭାଗ ୧ମ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଓ 'ଖ' ବିଭାଗ ୬ଷ୍ଠ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତିଯୋଗିତାରେ ଛାତ୍ର/ଛାତ୍ରୀ ମାନେ ଭାଗ ନେଇଥିଲେ । 'କ' ବିଭାଗ ରୁ ୧ମ ସ୍ଥାନରେ ଚିନ୍ମୟ ମଲ୍ଲିକ , ୨ୟ ସ୍ଥାନରେ ସାନଭି କାନୁନଗୋ ଓ ୩ୟ ସ୍ଥାନରେ ଆଦିତ୍ୟ ଜେନା ଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିବା ବେଳେ 'ଖ' ବିଭାଗରେ ୧ମ ସ୍ଥାନରେ ସୁରଭି ବେହେରା, ୨ୟ ସ୍ଥାନରେ ଚନ୍ଦନ ବିଷ୍ଣାଣି ଓ ୩ୟ ସ୍ଥାନରେ ହ୍ରିତିକ କୁମାର ଦାସ ଙ୍କୁ ସଭାପତିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଆକାରରେ ପୁସ୍ତକ ପ୍ରଦାନ କରାଯାଇଥିଲା। ସ୍ୱଦେଶ ମନ୍ତ୍ରପାଠ କରାଯାଇଥିଲା। ଶେଷରେ ସଭାପତି ସଭା ସାଙ୍ଗ କରିଥିଲେ ଓ ଚିତ୍ତରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୩/୧ (ନି.ପ୍ର): ଜିଲ୍ଲାସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶଶାଙ୍କ ବିଉରା, ଉପଜିଲ୍ଲାପାଳ ପୁଷ୍ପାଞ୍ଜଳି ପଣ୍ଡାଙ୍କ ସମେତ ପ୍ରମୁଖ ବିଭାଗୀୟ ଅଧିକାରୀ, ସମସ୍ତ ସ୍କୁଲ ଓ କଲେଜ ର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ସମାଜସେବୀ, ଶିକ୍ଷାବିତ, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ର କର୍ମଚାରୀ ଉପସ୍ଥିତ ରହି ଚଳିତ ବର୍ଷ ଜାତୀୟ ଦିବସଟି କିପରି ମହା ସମାରୋହରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯିବ ସେହି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଚଳିତ ସାଧାରଣତନ୍ତ୍ର ଦିବସ ପାଳନ ଦିନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସକାଳ ୫ଟା ସମୟରେ ସମ୍ବଲପୁର ମହାନଗର ନିଗମ ଅଂଚଳରେ ରାମଧୂନ ପରିବେଷଣ କରାଯିବ। ପରେ ସହରରେ ବିଭିନ୍ନ ସ୍ଥାନରେ ଥିବା ବୀରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ପୂର୍ବାହ୍ନ ୮ଟା ୩୦ ମିନଟ ସମୟରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରି ସମବେତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିବା ସହିତ ଅଭିଭାଷଣ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକରେ ଉକ୍ତ ଦିନ ପୂର୍ବାହ୍ନ ୭ଟାରୁ ୭ଟା ୩୦ ସମୟ ମଧ୍ୟରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଏହି ଜାତୀୟ ଦିବସଟି ସହରର ସମସ୍ତ ମାନ୍ୟଗଣ୍ୟ ଅତିଥିଙ୍କୁ ଆମନ୍ତ୍ରିତ କରାଯିବ। ଏହି ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉକ୍ତ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିପାରିବେ। ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ୟାରେଡ଼ରେ ଅଂଶ ଗ୍ରହଣ କରିବେ। ଏଥି ସକାଶେ ଜାନୁଆରୀ ମାସ ୨୧, ୨୨ ଏବଂ ୨୪ ତାରିଖ ଦିନ ରିଜର୍ଭ ଇନ୍ସପେକ୍ଟରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରିଜର୍ଭ ପୁଲିସ ଗ୍ରାଉଣ୍ଡ ଠାରେ ପ୍ୟାରେଡ଼ ଅଭ୍ୟାସ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ହୋଇଥିବା ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ପ୍ୟାରେଡ୍ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ଦଳ ଏବଂ ଅନ୍ୟାନ୍ୟ କୃତୀତ୍ୱ ହାସଲକାରୀ ଦଳଙ୍କୁ ମୁଖ୍ୟ ଉତ୍ସବର ଆୟୋଜିତ କାର୍ଯ୍ୟକ୍ରମ ଠାରେ ପୁରସ୍କାର ପ୍ରଦାନ କରାଯିବ । ଏଥିସହ ପ୍ୟାରେଡ ପଡିଆ ସାଜସଜ୍ଜା, ବ୍ୟାରିକେଡ଼ ନିର୍ମାଣ, ଶାନ୍ତିଶୃଙ୍ଖଳାରକ୍ଷା, ପାନୀୟଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ଅସ୍ଥାୟୀଶିବିର ବ୍ୟବସ୍ଥା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ସମ୍ବଲପୁର ମଣ୍ଡଳ କାରାଗାର, ନାରୀବନ୍ଦି ନିକେତନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଦୁର୍ଗାପାଲି ସ୍ଥିତ ଦୟାମଣି ଜରା ନିବାସର ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ବଂଟନ, ଓଡିଶା ସାଂସ୍କୃତିକ ସମାଜ ସଭାଗୃହରେ ଉତ୍ସର୍ଗ ଆନୁକୁଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଯୋଗଦେବେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ ସଭା ପରିଚାଳନା କରିବା ସହିତ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଭୁବନ,୧୩/୧ (ନି.ପ୍ର): ଭୁବନ ବିନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୩ ତମ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । କ୍ରୀଡ଼ାବିତ୍ ମାନେ ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା କରି ମଶାଲ ଧରି ସହର ପରିକ୍ରମା କରି ବିଦ୍ୟାଳୟରେ ପହଂଚି ଥିଲେ । ବିଦ୍ୟାଳୟ ସମ୍ପାଦକ ସମୀର କୁମାର ସାହୁ କାଳୀ ବଜାର ଠାରେ ସ୍ୱାଗତ ଜଣାଇବା ସହ ସହିଦ୍ ବାଜି ରାଉତଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାଳୟ ଅଧକ୍ଷ କାମାକ୍ଷା ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ରୀଡା ଉତ୍ସବରେ ପଞ୍ଜାବ ନେସନାଲ ବ୍ୟାଙ୍କ, ଭୁବନ ଶାଖା ପରିଚାଳକ ସନ୍ତୋଷ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କ୍ରୀଡାକୁ ଉଦଘାଟନ କରି ସୁସ୍ଥ ଶରୀର ପାଇଁ କ୍ରୀଡା ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଭୁବନ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ସାଗର ରାଉତ, ସମ୍ମାନିତ ଅତିଥି ଭାବେ ପଞ୍ଜାବ ବ୍ୟାଙ୍କ୍ କର୍ମଚାରୀ ଦୁଷ୍ମନ୍ତ ସାମଲ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ବିନୋଦିନୀ ପାତ୍ର ମଂଚ ପରିଚାଳନା କରିଥିବା ବେଳେ ସ୍ୱପ୍ନିଳା ପ୍ରିୟଦର୍ଶିନୀ ବର୍ଦ୍ଧନ ଧନ୍ୟବାଦ ଅର୍ପଣ କରିଥିଲେ। ୮ଟି ବିଭାଗ ରେ ୮୦ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ସୁରକ୍ଷା ପ୍ରତି ଅଙ୍ଗୀକାରବଦ୍ଧତାକୁ ସୁଦୃଢ଼ କରିବା ନିମନ୍ତେ କିଲୋମିଟର ବ୍ୟାପି ମାନବ ଶୃଙ୍ଖଳ ଆୟୋଜିତ

ରାଉରକେଲା,୧୩/୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ସଡ଼କ ସୁରକ୍ଷା ସଚେତନତା ମାସ-୨୦୨୬ ପାଳନର ଅଂଶ ସ୍ୱରୂପ କର୍ମଚାରୀ ଏବଂ ଅନ୍ୟାନ୍ୟ ପଣଧାରୀମାନଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରୁଛି। କାରଖାନାର ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଅନ୍ୟ ବିଭାଗର ସହଭାଗିତାରେ ପଥଚାରୀ ଓ ଗାଡିଚାଳକମାନଙ୍କୁ ସଡ଼କ ସୁରକ୍ଷା ସମ୍ବନ୍ଧିତ କ'ଣ କରିବା ଏବଂ କ'ଣ ନକରିବା ଉଚିତ ବିଷୟରେ ସଚେତନ କରୁଛି। କାର୍ଯ୍ୟସ୍ଥଳରେ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ୟାନ୍ୟ ବିଭିନ୍ନ କାର୍ଯ୍ୟକ୍ରମ ନିରନ୍ତର ଭାବରେ ମଧ ଆୟୋଜିତ ହେଉଛି।

ଜାନୁଆରୀ ୧୨ ତାରିଖରେ, ପ୍ରାୟ ୩୦୦ କର୍ମଚାରୀ, ଅଧିକାରୀ ଏବଂ ଠିକା ଶ୍ରମିକ ମିଳିତ ହୋଇ ଏକ କିଲୋମିଟରରୁ ଅଧିକ ଲମ୍ବ ସୁରକ୍ଷା ମାନବ ଶୃଙ୍ଖଳ ଗଠନ କରିଥିଲେ। ଏହା ଆରଏସପି ସାମୂହିକଙ୍କ ସୁରକ୍ଷା ପ୍ରତି ପ୍ରତିବଦ୍ଧତାକୁ ଦୋହରାଇଥିଲା। ଏହି ମାନବ ଶୃଙ୍ଖଳ ଟି ଆଣ୍ଡ ଆରଏମ୍ ବିଭାଗରୁ ଏଫଏମ (ଏମ) ବିଭାଗ ପର୍ଯ୍ୟନ୍ତ ଲମ୍ବିଥିଲା । କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ ଏହି ଅଭିଯାନରେ ଯୋଗ ଦେଇ କାର୍ଯ୍ୟସ୍ଥଳୀ ଏବଂ ରାସ୍ତାରେ ସୁରକ୍ଷା ମାନଦଣ୍ଡକୁ କଡ଼ାକଡ଼ି ପାଳନ କରିବାକୁ ସାମୂହିକଙ୍କୁ ଉତ୍ସାହିତ କରିଥିଲେ। ସୁରକ୍ଷା ଏକ ସହଭାଗୀ ଦାୟିତ୍ୱ ଏବଂ ଦୁର୍ଘଟଣା ରୋକିବା ସହ ଶୂନ୍ୟ କ୍ଷତି ଲକ୍ଷ୍ୟ ହାସଲ କରିବା ପାଇଁ ସ୍ଥିର ସଚେତନତା, ଶୃଙ୍ଖଳା ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣ ଅତ୍ୟନ୍ତ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅଭିଯାନରେ ଟି ଆଣ୍ଡ ଆରଏମ୍ ବିଭାଗର ସିଜିଏମ୍ ଶ୍ରୀ କୌଶିକ ଶୂନ୍ୟାନି, ସୁରକ୍ଷା ବିଭାଗର ଜିଏମ୍ ଶ୍ରୀ ଅବକାଶ ବେହେରା, ସିଇଡ଼ି ବିଭାଗର ଜିଏମ୍ ଇନ-ଚାର୍ଜ ଶ୍ରୀ ଏସ୍ ଆର ପତି, ଏସଏସଏମ ବିଭାଗର ଜିଏମ୍ ଇନ-ଚାର୍ଜ ଶ୍ରୀ ସି ଆର ମିଶ୍ର ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଭାଗର ଡିଏସଓ ଏବଂ ଏଏସଓମାନେ ସଂଯୋଜନା କରିଥିଲେ। ଉତ୍ସାହୀ ଅଂଶଗ୍ରହଣକାରୀମାନେ ସଡ଼କ ସୁରକ୍ଷା ଏବଂ କାର୍ଯ୍ୟସ୍ଥଳୀ ସୁରକ୍ଷା ଉପରେ ଅତ୍ୟାବଶ୍ୟକ ସୁରକ୍ଷା ବାର୍ତ୍ତା ବହନ କରୁଥିବା ପ୍ଲାକାର୍ଡ ଧରିଥିଲେ। ଏହି ପ୍ଲାକାର୍ଡଗୁଡ଼ିକ ସଡକ ସୁରକ୍ଷାର ମହତ୍ତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଥିଲା, ଯେପରିକି ଓଭରଟେକିଂ ଏଡାଇବା, ଲାଲ ଆଲୋକ ଉଲ୍ଲଂଘନରୁ ନିବୃତ୍ତ ରହିବା, ଗାଡ଼ି ଚଲାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାରକୁ ନ କରିବା, ଅସୁରକ୍ଷିତ ଗାଡ଼ି ଚାଳନା ଅଭ୍ୟାସକୁ ଏଡାଇବା ଏବଂ କାରଖାନା ପରିସରରେ ଗତି ସୀମା ପାଳନ କରିବା।

ଏହି ଅଭିଯାନ ସକାଳ ୮.୪୫ ରୁ ୯.୩୦ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା, ଏହା ନିଶ୍ଚିତ କରିଥିଲା ଯେ ସଂସ୍କାର ଗେଟ୍ ଏବଂ ମୁଖ୍ୟ ଗେଟ୍ ଦେଇ ପ୍ରବେଶ କରୁଥିବା କର୍ମଚାରୀମାନେ ଏକତା ଏବଂ ସୁରକ୍ଷା ସଚେତନତାର ପ୍ରଦର୍ଶନ ଦେଖିପାରିବେ।

ଅନୁରୂପ ଭାବେ, ନୂତନ ପ୍ଲେଟ୍ ମିଲ୍ ଏବଂ ସ୍ପେଶାଲ୍ ପ୍ଲେଟ୍ ପ୍ଲାଣ୍ଟ ଦ୍ୱାରା ଇଡ଼ି (ୱାର୍କସ୍) ଛକରେ ଆୟୋଜିତ ଅନ୍ୟ ଏକ ସଡ଼କ ସୁରକ୍ଷା ସଚେତନତା ଅଭିଯାନରେ, ୪୦୦ ରୁ ଅଧିକ କର୍ମଚାରୀ, ଅଧିକାରୀ ଏବଂ ଠିକା ଶ୍ରମିକ ଏକ ମାନବ ଶୃଙ୍ଖଳ ଗଠନ ପାଇଁ ହାତ ମିଳାଇଥିଲେ। ଏହି କାର୍ଯ୍ୟକ୍ରମ ଏନପିଏମ, ଏସପିପି ଏବଂ ଡିଜିଟାଲାଇଜେସନ୍ ବିଭାଗର ସିଜିଏମ ଶ୍ରୀ ଆର. କେ. ମୁଦୁଲି, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ଶ୍ରୀ ହୀରାଲାଲ ମହାପାତ୍ର, ଶ୍ରୀ ଅବକାଶ ବେହେରା, ଏସପିପି ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ପି. କେ. ପାଢୀ, ଶ୍ରୀ ଏନ. ମହାପାତ୍ର, ଶ୍ରୀ ଏସ. ସୁଧାକର ଏବଂ ଶ୍ରୀ ଏ. ରାଉତଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା।

ପୂର୍ବରୁ, ଜାନୁଆରୀ ୦୮ ତାରିଖରେ ଇଡ଼ି (ୱାର୍କସ୍) ଛକରେ ସିଇ (ଏସ) ବିଭାଗ ଦ୍ୱାରା ଏକ ଅଭିଯାନ ଆୟୋଜନ କରାଯାଇଥିଲା। ଏହି ଅଭିଯାନଟି ସିଇଏସ ବିଭାଗର ଜିଏମ ଇନ-ଚାର୍ଜ ଶ୍ରୀ ପବନ ଗୁପ୍ତାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୧୫୦ ଜଣ କର୍ମଚାରୀ ଏବଂ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ, ଯେଉଁମାନେ ସଡ଼କ ସୁରକ୍ଷା ଉପରେ ସଚେତନତା ପ୍ରସାର ପାଇଁ ସକ୍ରିୟ ଭାବରେ ହାତ ମିଳାଇଥିଲେ।

ଜାନୁଆରୀ ୦୬ ତାରିଖରେ ପ୍ଲେଟ୍ ମିଲ୍ ରାସ୍ତାରେ ଆୟୋଜିତ ଅନ୍ୟ ଏକ ସଡ଼କ ସୁରକ୍ଷା ସଚେତନତା ଅଭିଯାନରେ, ପ୍ଲେଟ୍ ମିଲ୍ ବିଭାଗର ସିଜିଏମ୍ ଶ୍ରୀ ଏତୱା ଓରାଓଁ ଏବଂ ଶ୍ରୀ ଅବକାଶ ବେହେରା ନେତୃତ୍ୱ ନେଇଥିଲେ । ୧୦୦ରୁ ଅଧିକ କର୍ମଚାରୀ ଏବଂ ଠିକା ଶ୍ରମିକ ଏହି ରାସ୍ତାରେ ପ୍ଲାକାର୍ଡ ଧରିବା ସହ ଏକ ମାନବ ଶୃଙ୍ଖଳ ଗଠନ କରି ସୁରକ୍ଷିତ ଏବଂ ଦାୟିତ୍ୱପୂର୍ଣ୍ଣ ସଡ଼କ ଆଚରଣର ଗୁରୁତ୍ୱକୁ ବୁଝାଇବା ପୂର୍ବକ ଅଭିଯାନରେ ଅଂଶଗ୍ରହଣ କରିଥିଲେ।

# ଲମତାପୁଟ ବସଷ୍ଟାଣ୍ଡ ଉଦ୍‌ଘାଟିତ

ଜୟପୁର,୧୩/୧ (ନି.ପ୍ର): କୋରାପୁଟ ଜିଲ୍ଲା ଲମତାପୁଟ ଠାରେ ଅଟଳ ବସଷ୍ଟାଣ୍ଡ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଆଭାସୀ ମାଧ୍ୟମରେ ଶୁଭ ଉଦଘାଟନ ହୋଇଯାଇଛି ଓ ଏହି ବସଷ୍ଟାଣ୍ଡ ଉଦଘାଟନ ଅବସରରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ୧.୨ ଏକର ବିସ୍ତୃତ ଏହି ବସଷ୍ଟାଣ୍ଡରେ ଅତ୍ୟାଧୁନିକ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିଛି ଓ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବସିବା ବ୍ୟବସ୍ଥା ଠାରୁ ଆରମ୍ଭ କରି ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ଶୌଚାଳୟ ବ୍ୟବସ୍ଥା ରହିଛି ଓ ଦୁଇଟି ଗେଟ ପ୍ରବେଶ ଓ ପ୍ରସ୍ଥାନପାଇଁ ଅଲଗା ଅଲଗା, ଦୁଇଟି ଟିକେଟ କାଉଂଟର, ଅଫିସର ଚେମ୍ବର, ମିଶନ ଶକ୍ତି କେଫେ ତଥା ଗାଡି ଡ୍ରାଇଭର ଓ କଣ୍ଡକ୍ଟରଙ୍କ ବିଶ୍ରାମ ଗୃହ ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ଅଲଗା ଅଲଗା ରହିଛି ଓ ବସଷ୍ଟାଣ୍ଡ ମଧ୍ୟରେ ୪ଟି ଷ୍ଟଲ, ସ୍ୱତନ୍ତ୍ର ଗାଡି ଧୋଇବା ବ୍ୟବସ୍ଥା, ଇଭି ଚାର୍ଜିଙ୍ଗ ଷ୍ଟେସନ, ଫାୟାର ଫାଇଟିଙ୍ଗ ସିଷ୍ଟମ, ୩ଟି ଷ୍ଟୋର ରୁମ, ଡିଜି ସେଟ, ପିଏ ସିଷ୍ଟମ ଘୋଷଣା କରିବା ପାଇଁ ରହିଛି ଓ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସିସିଟିଭି ବ୍ୟବସ୍ଥା ସହ ଆଇଡିଆଲ ପାର୍କିଂ ବ୍ୟବସ୍ଥା କରଯାଇଛି ଓ ଏହି ବସଷ୍ଟାଣ୍ଡ ପ୍ରାୟ ୫୦ ହଜାର ଲୋକଙ୍କୁ ସୁବିଧା ଯୋଗାଇବା ସହ ୧୧୭ଟି ଗ୍ରାମ, ୧୧ଟି ଗ୍ରାମପଂଚାୟତକୁ ଉପକୃତ କରିବ ଓ ବସଷ୍ଟାଣ୍ଡ ଉଦଘାଟନ ଅବସରରେ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟଵାନ ମହାଜନ ଓ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ଦୁଇ ଜଣ ହିତାଧିକାରୀଙ୍କ ସହ କଥା ହୋଇ ବସଷ୍ଟାଣ୍ଡର ଅତ୍ୟାଧୁନିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ଓ ମହିଳା ହିତାଧିକାରୀ ସୁମିତ୍ରା ବେହେରା ବସଷ୍ଟାଣ୍ଡରେ ସିସି ଟିଭି ଲାଗିଥିବାରୁ ସୁରକ୍ଷିତ ମନେ କରୁଛନ୍ତି ତେଣୁ ମୁଖ୍ୟମନ୍ତ୍ରୀଙ୍କୁ ବିଶେଷ ଧନ୍ୟବାଦ ଜ୍ଞାପନ କରିଥିଲେ ଓ ଆଉ ଜଣେ ହିତାଧିକାରୀ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ବସଷ୍ଟାଣ୍ଡ ଉଦଘାଟନ ଦ୍ୱାରା ଲମତାପୁଟ ବାସୀଙ୍କ ଅନେକ ଦିନର ଆଶା ପୂରଣ ହୋଇଥିବାରୁ ଖୁସି ଲାଗୁଛି ବୋଲି କହିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଲମତାପୁଟ ପଂଚାୟତ ଅଦକ୍ଷ ତାପସ କୁମାର ଚାଲାଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବେଣୁଧର ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟନ୍ତ କୁମାର ମେହେର, ଲମତାପୁଟ ତହସିଲଦାର ଦିବାକର ବାଘ, ଆଂଚଳିକ ପରିବହନ ଅଧିକାରୀ ରାଜେଶ ମାରାଣ୍ଡି, ଜିଲ୍ଲା ପରିବହନ ବିଭାଗର ପରିଚାଳକ ଅରଶ୍ରୀ ସାହୁ, ସହାୟକ ପରିଚାଳକ ପ୍ରକାଶ କୁମାର ନାୟକ, ବ୍ଲକ ସୁପରଭାଇଜର ସୁଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ଓ ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ରାଧାରାଣୀ ସରକାର ମଂଚ ପରିଚାଳନା କରିଥିଲେ ।

# ମାଲକାନଗିରି ଜିଲ୍ଲାରେ ସମସ୍ତ ବିଦ୍ୟାଳୟରେ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ

ମାଲକାନଗିରି,୧୩/୧ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ସମସ୍ତ ବିଦ୍ୟାଳୟରେ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜାତୀୟ ଯୁବ ଦିବସ ଉପଲକ୍ଷେ ଆଜି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ୍ ଗାନ କରିବା ସହ ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ ପାଠ କରିଥିଲେ। ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏହି କାର୍ଯ୍ୟକ୍ରମର ସୁଚାରୁ ରୂପେ ଆୟୋଜନ ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ କ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ଆତ୍ମନିର୍ଭର ଭାରତ ଆମ୍ବାସାଡର ଭାବରେ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ମଧ ଆୟୋଜନ କରାଯାଇଥିଲା ଏବଂ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ।

# ସୁଧାଂଶୁବାଳା ସାହୁଙ୍କ ହିନ୍ଦୀ କବିତା ପୁସ୍ତକ 'କସିସ୍' ଏବଂ ପ୍ରମେୟା ଫାଉଣ୍ଡେସନ ଲୋକାର୍ପିତ




ଭୁବନେଶ୍ୱର,୧୩/୧ (ନି.ପ୍ର): କିସ୍ ବିଶ୍ୱବିଦ୍ୟାଳୟର ହିନ୍ଦୀ ଅଧ୍ୟାପିକା ସୁଧାଂଶୁବାଳା ସାହୁଙ୍କ ରଚିତ ହିନ୍ଦୀ କବିତା ପୁସ୍ତକ ' କସିସ୍ ' ଆଜି ସ୍ଥାନୀୟ ବୁଦ୍ଧମନ୍ଦିର ପ୍ରକ୍ଷାଳୟରେ ଉନ୍ମୋଚିତ ହେବା ସହିତ ନିଜ ମାତା ଓ ପିତାଙ୍କ ନାମରେ ଗଠିତ ହେଇଥିବା' ପ୍ରମେୟା ' ଫାଉଣ୍ଡେସନ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହେଇଛି। ଶିକ୍ଷାବିତ୍ ତଥା ଲେଖକ ଡ. ଏ ଉସମାନ ଖାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସିନେ ସଂଳାପକାର ତଥା ଲେଖକ ଡ. ରଜନୀ ରଞ୍ଜନ ଯୋଗଦେଇଥିଲେ, ସମ୍ମାନୀତ ଅତିଥି ଭାବରେ ସାମ୍ବାଦିକ, ଗାଳ୍ପିକ ଓ ସ୍ତମ୍ଭକାର ତଥା ଓଡ଼ିଶା ମିରର୍ ସଂପାଦକ ଦିଲ୍ଲୀପ କୁମାର ବିଶ୍ୱାଳ, ପ୍ରତିମା ନଳିନୀ ପତି, ଏବଂ ପ୍ରମୟା ଫାଉଣ୍ଡେସନ୍ ମୁଖ୍ୟ ସୁଧାଂଶୁବାଳା ସାହୁଙ୍କ ମାତା ପ୍ରମିଳା ସାହୁ, ପିତା ମହେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଶ୍ରୀମତୀ ସାହୁଙ୍କ ଏହି ପ୍ରୟାସକୁ ପ୍ରଶଂସା କରିବା ସହିତ, ସମାଜକୁ ସଶକ୍ତ କରିବା ସହିତ ସଂସ୍କାର ଆଣିବା ନିମନ୍ତେ ଏହା ପ୍ରଯୁଜ୍ୟ ବୋଲି ଅତିଥି ମାନେ ମତପ୍ରକାଶ କରିଥିଲେ। ପୁସ୍ତକ ଲୋକାର୍ପଣ ଅବସରରେ ବିଶିଷ୍ଟ ସାହିତ୍ୟିକମାନେ ପୁସ୍ତକର ସମୀକ୍ଷା କରିବା ସହିତ ପ୍ରମେୟା ଅନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥଲେ, ଯେଉଁମାନେ ପୁସ୍ତକ ସମୀକ୍ଷା କରିଥଲେ ସେମାନେ ହେଲେ କଣ୍ଠଶିଳ୍ପୀ ଓ ଲେଖିକା ଡ. ସୌଦାମିନୀ ସାମନ୍ତରାୟ , କିସ୍ ବିଶ୍ୱବିଦ୍ୟାଳୟ ଓଡ଼ିଆ ଅଧ୍ୟାପିକା ତଥା ଲେଖିକା ଦେବାହୁତି ପଟ୍ଟନାୟକ, ହିନ୍ଦୀ ଲେଖିକା ପ୍ରଫେସର୍ ଜସ୍ମିନୀ ପଟ୍ଟନାୟକ, କବି ଓ ସାହିତ୍ୟିକ କ୍ରିଷନ ଖଣ୍ଡେଲୱାଲ ପ୍ରମୁଖ। କାର୍ଯ୍ୟକ୍ରମରେ ଡ. ସୌଦାମିନୀ ସାମନ୍ତରାୟ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବାବେଳେ, ପ୍ରମେୟା ଫାଉଣ୍ଡେସନ ମୁଖ୍ୟ ଲେଖିକା ଓ ଅଧ୍ୟାପିକା ସୁଧାଂଶୁବାଳା ସାହୁ ଧନ୍ୟବାଦ୍ ଅର୍ପଣ କରିଥଲେ। ଅନୁଷ୍ଠାନ ପକ୍ଷରୁ ଅତିଥି ମାନଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ମାନୀତ କରଯାଇଥିଲା।

# ଦିବାକର ମେମୋରିଆଲ ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାସୁଦେବପୁର,୧୩/୧ (ନି.ପ୍ର): ବାସୁଦେବପୁର ସହର ନିକଟସ୍ଥ ସୁଙ୍ଗୁଡା ନୀଳମଣି ମିନି ଷ୍ଟାଡିୟମରେ ଶ୍ରୀ ଗଣେଶ କ୍ଲବ୍ ପକ୍ଷରୁ ଆୟୋଜିତ ଦିବାକର ମେମୋରିଆଲ ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଇତି ମଧ୍ୟରେ ଉଦଯାପିତ ହୋଇ ଯାଇଛି। ଏହି ଉତ୍ସବରେ ଫାଇନାଲ ମ୍ୟାଚରେ ମିଶନ ଟାଇଗର ବାଲେଶ୍ୱର ୨-୧ ଗୋଲରେ ନୃସିଂହନାଥ କ୍ଲବ୍ ରାଜ କନିକା କୁ ହରାଇ ବିଜୟ ଲାଭ କରିଛି। ବିଜୟୀ ଓ ହାରିଥିବା ଦଳକୁ ଟ୍ରଫି ଓ ଆର୍ଥିକ ରାଶି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶିଷ୍ଟ ଆଇନଜିବୀ ବିଜୟ ପାଣିଗ୍ରାହୀ, ବିଶିଷ୍ଟ ସମାଜସେବୀ ଭବାନୀ ଶଙ୍କର ପଣ୍ଡା,ସମାଜସେବୀ ବିଜୟ ମହାନ୍ତି,ନରସିଂହପୁର ପଞ୍ଚାୟତର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ଯୁବ ସମାଜସେବୀ ରାଜେନ୍ଦ୍ର ମହାନ୍ତି, ଅଭିନେତ୍ରୀ ଶ୍ରେୟା,ତୁହିଦ୍ ଖାଁ, ଥାଇରୋକେୟାର କମ୍ପାନୀର ଆଞ୍ଚଳିକ ଅଧିକାରୀ ବୀରେନ୍ଦ୍ର ନାୟକ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଖେଳକୁ ପରିଚାଳନା କରିଥିଲେ ଗଣେଶ୍ୱର ସିଂ, ମାନସ ସିଂ ଓ ଲକ୍ଷ୍ମଣ ସୋରେନ। ଏହି ଉତ୍ସବରେ ଶ୍ରୀଗଣେଶ କ୍ଲବର ସଭାପତି ଗୌରାଙ୍ଗ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ ଏବଂ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। କବି ରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ ସମ୍ପାଦକ ହୃଷୀକେଶ ସାହୁ, ଉପ ସଭାପତି ଗୁଲାମ୍ ସଫିଆନ, ପ୍ରକାଶ ନାୟକ, ଦେବେନ୍ଦ୍ର ପ୍ରସାଦ ମହାନ୍ତି, ସତ୍ୟଜିତ ନାୟକ ଓ ଶ୍ରୀଗଣେଶ କ୍ଲବ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ହଜାର ହଜାର ଦର୍ଶକ ଏହି ଆକର୍ଷଣୀୟ ଖେଳରେ ମନ୍ତ୍ର ମୁଗ୍ଧ ହୋଇ ଥିଲେ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜାତୀୟ ଯୁବ ଦିବସ ପାଳିତ

ନୂଆପଡ଼ା,୧୩/୧ (ନି.ପ୍ର): ନୂଆପଡ଼ା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ଆଜି ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ସାହୁ ଓ ଶିକ୍ଷକ ଶିକ୍ଷୟିତ୍ରୀଗଣ, ପ୍ରାଧିକରଣର ଅଧିକାର ମିତ୍ରଗଣ ଉପସ୍ଥିତ ହୋଇ ଜାତୀୟ ଯୁବ ଦିବସ ପାଳନର ମହତ୍ୱ, ନିଶାମୁକ୍ତ ଭାରତ ନିର୍ମାଣରେ ଯୁବଶକ୍ତିର ଭୂମିକା, ବାଲ୍ୟବିବାହମୁକ୍ତ ଭାରତ ଗଠନ, ପରିବେଶକୁ ସ୍ୱଚ୍ଛ ଓ ଏକକ-ବ୍ୟବହାର ପ୍ଲାଷ୍ଟିକମୁକ୍ତ କରିବା ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ବିଭିନ୍ନ ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ନିଶାମୁକ୍ତ ଭାରତ ଗଠନ ସମ୍ବନ୍ଧିତ ଏକ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ନୂଆପଡାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ । କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା ।

# ଚାଷୀ ସମସ୍ୟା ନେଇ ସାମ୍ବାଦିକ ସମ୍ମିଳନୀ

ନୂଆପଡ଼ା,୧୩/୧ (ନି.ପ୍ର): ଚାଷୀଙ୍କୁ ଠିକ ସମୟରେ ବିହନ ସାର୍ ଓ ଔଷଧ ମିଳୁ ନାହିଁ, ମଣ୍ଡିରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି ଏମିତି ଅଭିଯୋଗ ଆଣି ସମସ୍ୟାରେ ସମାଧାନ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ଚାଷୀ। ଆଜି ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଦୋହେଲପଡ଼ା ଗ୍ରାମରେ ନବ ନିର୍ମାଣ କୃଷକ ସଂଗଠନ ନୂଆପଡ଼ା ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ସଂଗଠନର ଜିଲ୍ଲା ସଭାପତି କେଶବ ଚନ୍ଦ୍ର ବେହେରାଙ୍କ ସମେତ ଅନେକ ଚାଷୀ ଏଥିରେ ଯୋଗ ଦେଇଥିଲେ। ଚାଷୀ ମାନଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପ୍ରଦର୍ଶନ କରୁଥିବା ସେମାନେ ଅଭିଯୋଗ କରିଥିଲେ। ମଣ୍ଡିରେ କଟଣୀ ଛଟଣୀ ହେଉଥିବା, ଠିକ୍ ସମୟରେ ଟୋକନ୍ ଆସୁ ନଥିବା, ସୋନପୁର ଠାରେ ଚାଷୀ ମାନଙ୍କୁ ପୁଲିସ ଅତ୍ୟାଚାର କରୁଥିବା, ଜଣେ ବରିଷ୍ଠ ମନ୍ତ୍ରୀ ତାଚ୍ଛଲ୍ୟ କରିଥିବା ଆଦି ଅଭିଯୋଗ ଆଣି ସରକାର ଏ ଦିଗରେ ଦୃଷ୍ଟି ନଦେଲେ ସଂଗଠନ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା।

# ଜାତିପ୍ରାଣ ସଂକ୍ରାନ୍ତି ପୁରୁଷ ଫକୀରମୋହନ

## ଡ଼କ୍ଟର ଲକ୍ଷ୍ମଣ ସାହୁ





ଜାତିପ୍ରାଣ ଫକୀରମୋହନ ସେନାପତି ତାଙ୍କ ସାହିତ୍ୟ କୃତି ପାଇଁ ମକର ସଂକ୍ରାନ୍ତିରେ ମନେ ପଡନ୍ତି । ଊଣବିଂଶ ଶତକରେ ଓଡିଶାରେ ଯେତେବେଳେ ନବଜାଗରଣର ଜୁଆର ଉଠିଲା। ନୂତନ ରୁଚି ପରିଚର୍ଯ୍ୟାର ଇଚ୍ଛାର ସୃଷ୍ଟି ଘଟିଲା । ନୂତନ ଚିନ୍ତା ଓ ଚେତନାର ସୁଅ ପ୍ରବାହିତ ହେଉଥିଲା । ତା'ର ଅନ୍ତରାଳରେ ଯେଉଁ କେତେଜଣ ମୁଷ୍ଟିମେୟ ଜାତିପ୍ରାଣ ଓଡିଆ ଥିଲେ , ସେମାନଙ୍କ ମଧ୍ୟରୁ ଫକୀରମୋହନ ଅନ୍ୟତମ ସାରଥୀ । ଫକୀରମୋହନ ଜଣେ ଏଭଳି ସ୍ରଷ୍ଟା ଭାରତୀୟ ସାହିତ୍ୟ ଜଗତରେ ଏ ଯାବତ୍ କେହି ତାଙ୍କପରି ହୋଇଥିବା ମନେହୁଏନାହିଁ । ତାଙ୍କର ଜନ୍ମ ବାଲେଶ୍ୱରର ଏକ ସମ୍ଭ୍ରାନ୍ତ ବଂଶରେ ଘଟିଥିଲା । ହେଲେ ସେ ଥିଲେ ଶୈଶବରୁ ପିତୃମାତୃହୀନ, କପର୍ଦ୍ଦକଶୂନ୍ୟ, ସ୍ୱଳ୍ପଶିକ୍ଷାପ୍ରାପ୍ତ ଓ ରୁଗ୍ ଣ ବ୍ୟକ୍ତିଟିଏ । ବାଲ୍ୟବସ୍ଥାରେ ବୃଦ୍ଧା ପିତାମହୀଙ୍କ ପାଖରେ ପାଳିତ ହୋଇଥିଲେ ଓ ସ୍ୱଳ୍ପଶିକ୍ଷାପ୍ରାପ୍ତ ପରେ ଅର୍ଥାଭାବରୁ ବାଲେଶ୍ୱର ବନ୍ଦରରେ ପାଲ ସିଲେଇ କାମ ତଦାରଖ କରିବା ନିମନ୍ତେ ସେ ନିଜକୁ ନିୟୋଜିତ କରିଥିଲେ ।

ଫକୀର ମୋହନ ଏକାଧାରରେ କବି, ଔପନ୍ୟାସିକ, ଶାସକ, ପଣ୍ଡିତ, ସମାଜ-ସଂସ୍କାରକ, ମୁଦ୍ରାକର, ସଂପାଦକ, ବ୍ୟବସାୟୀ, ସର୍ବୋପରି ଜଣେ ଦେଶଭକ୍ତ ଓ ଜାତି ସେବକ ଥିଲେ। ତାଙ୍କ ଜୀବନ ଅତି ରୋମାଂଚକର । ଯାହାଫଳରେ ସେ ତାଙ୍କର ଅନବଦ୍ୟ ଗଳ୍ପ-ଉପନ୍ୟାସ ଦ୍ୱାରା ନିଜମାତୃଭାଷାକୁ ପ୍ରଚୁର ଉର୍ବର କରିବାରେ ସଫଳ ହୋଇପାରିଥିଲେ । ଅଧିକ ବିସ୍ମୟ ସେ ଦୁଇଟି ବର୍ଷରୁ ଅଧିକ ସ୍କୁଲ ମାଡିପାଠପଢିବାର ସୁଯୋଗ ପାଇନଥିବା ବେଳେ ସେ ନିଜ ଚେଷ୍ଟାବଳରେ ଶିକ୍ଷକତା କରିବା ସମୟରେ ଇଁରାଜୀ ଓ ସଂସ୍କୃତ ସମେତ ପାଂଚଟି ଭାଷାକୁ ଆୟତ୍ତକରି ଏକ ବିରାଟ ପ୍ରତିଭାର ପରିଚୟ ଦେଇଥିଲେ । ସେ ଓଡ଼ିଆ, ଇଂରାଜୀ, ସଂସ୍କୃତ , ବଙ୍ଗାଳୀ ଓ ପାର୍ସୀ ଆଦି ଭାଷାରେ ଦକ୍ଷତା ହାସଲ କରିଥିଲେ । ବିଭିନ୍ନ ଆଲୋଚନାମାନଙ୍କରେ ଭାଗ ନେଇ ବାଲେଶ୍ୱରର ବୁଦ୍ଧିଜୀବି ମହଲରେ ନିଜର ସ୍ୱତନ୍ତ୍ର ସ୍ଥାନ ପ୍ରତିଷ୍ଠା କରିଥିଲେ । ତାଙ୍କ ଅସାଧାରଣ ବିଚକ୍ଷଣତା ଯୋଗୁ ତତ୍କାଳୀନ ବହୁ ଉଂଚପଦସ୍ଥ ଇଁରେଜ କର୍ମଚାରୀଙ୍କ ବନ୍ଧୁ ହେବା ସଂଗେ ସଂଗେ ସେ ବେଶୀୟ ରାଜ୍ୟମାନଙ୍କର ଶାସକ ମଧ୍ୟ ହୋଇଥିଲେ ।

ସେ ଖ୍ରୀଷ୍ଟିଆନ ମିଶନ ସ୍କୁଲର ପ୍ରଧାନଶିକ୍ଷକ ଥିବା ବେଳେ ଓଡ଼ିଆ ଛାତ୍ରମାନେ ସମସ୍ତ ପାଠ ବଙ୍ଗଳାରେ ପଢୁଥିଲେ । ତେଣୁ ସେ ଓଡ଼ିଆରେ ବିଭିନ୍ନ ବିଷୟରେ ପାଠ୍ୟପୁସ୍ତକମାନ ରଚନା କରିଥିଲେ । ଜଣେ ଗର୍ବିତ ଓଡ଼ିଆ ଭାବରେ ସେ ଓଡ଼ିଆରେ ପାଠ୍ୟପୁସ୍ତକ ସବୁକୁ ଅନୁବାଦ କରି ଓଡ଼ିଶାର ଓ ଓଡ଼ିଆ ଭାଷାର ସମ୍ମାନ ବଢାଇଥିଲେ । ଖ୍ରୀଷ୍ଟିଆନ ମିଶନ ସ୍କୁଲରେ ସେ ୧୮୭୧ ଯାଏ କାର୍ଯ୍ୟ କରିଆସିଥିଲେ । ଯାହା ଫଳରେ ତାଙ୍କର ପରିଚୟ ହୁଏ ବାଲେଶ୍ୱରର ତତ୍କାଳୀନ କଲେକ୍ଟର ଜନ୍ ବିମ୍ସଙ୍କ ସହ । 'ସୁନା ଚିହ୍ନେ ବଣିଆ, ଗୁଣ ଚିହ୍ନେ ଗୁଣିଆ' ପରି ବିମ୍ସ ସାହେବ ଯିଏ ନିଜେ ଜଣେ ପଣ୍ଡିତ ଥିଲେ, ଫକୀରମୋହନଙ୍କ ଅନ୍ତର୍ନିହିତ ପାଣ୍ଡିତ୍ୟକୁ ଚିହ୍ନିପାରିଥିଲେ । ସୁବର୍ଣ୍ଣ ସୁଯୋଗ ସଂଯୋଗ ହେତୁ ବିମ୍ସ ସାହେବ ବିଭିନ୍ନ ଭାରତୀୟ ଭାଷାର ତୁଳନାତ୍ମକ ବ୍ୟାକରଣ ଉପରେ ଗୋଟିଏ ପୁସ୍ତକ ରଚନା କରୁଥିଲେ। ସେ ଫକୀରମୋହନଙ୍କଠାରୁ ଏଥିଲାଗି ଓଡ଼ିଆ ଶିକ୍ଷା କରିଥିଲେ।

ଫକୀରମୋହନ କେବଳ ମୌଳିକ ରଚନାରେ ନୁହଁନ୍ତି, ଛାପାଖାନାପ୍ରତିଷ୍ଠା, ପାଠ୍ୟପୁସ୍ତକ ପ୍ରଣୟନ, ପତ୍ରପତ୍ରିକା ସଂପାଦନ, ପ୍ରଶାସନ, ସମାଜସେବା, ଭାଷା ଓ ସାହିତ୍ୟର ସୁରକ୍ଷା ଆଦି ପ୍ରତ୍ୟେକକ୍ଷେତ୍ରରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହ କରିଛନ୍ତି, ସେଥିପାଇଁ ଓଡିଆଜାତି ତାଙ୍କ ପାଖରେ ଯୁଗେଯୁଗେ ଋଣୀ ହୋଇରହିଥିବ । ସେ ଥିଲେ ମନ ଓ ମନନରେ ଖାଣ୍ଟି ଓଡିଆ । ଭାଷା ଆନ୍ଦୋଳନରେ ଓ ଦେଶମିଶ୍ରଣ ଆନ୍ଦୋଳନରେ ସେ ଯେପରି ସଫଳ ଭୂମିକା ଗ୍ରହଣ କରିଛନ୍ତି । ସେପରି ମଧ ତାଙ୍କ ଭାଷା ଓ ପ୍ରକାଶଭଙ୍ଗୀ ସ୍ୱଷ୍ଟ ଓ ନିର୍ଭୀକ ଯାହା ଓଡିଆ ଜାତିର ପ୍ରାଣକୁ ନିବିଡ ଭାବରେ ସ୍ୱର୍ଷ କରିଛି । ତେଣୁ କଥାଶିଳ୍ପୀ ଫକୀରମୋହନ ଏ ଜାତିର ସାହିତ୍ୟରେ ଅଦ୍ୱିତୀୟ ଓ ଚିରନମସ୍ୟ ହୋଇରହିଛନ୍ତି ।

ଫକୀରମୋହନ ମାନବ ଜୀବନର ବାସ୍ତବ ଅନୁଭୂତି, ନାନାବିଧ ସମସ୍ୟା, ଅନ୍ତଦ୍ୱନ୍ଦ୍ୱ ଆଦିକୁ ନାନା ବର୍ଣ୍ଣବିଭାରେ ଉଦ୍ଘାଟନ କରିଛନ୍ତି । ଜୀବନ ଓ ଜଗତକୁ ଆଧାରର କ୍ଷେତ୍ରଭାବରେ ଧାରଣ କରି ସୃଷ୍ଟିକର୍ମରେ ମନୋନିବେଷ କରିଛନ୍ତି । ଜୀବନର ବିଶ୍ଲେଷଣ ସହିତ ସମାଜର ମୂଲ୍ୟବୋଧକୁ ନିରୂପଣ କରିଛନ୍ତି । ତାଙ୍କର ସୃଷ୍ଟି ମଧ୍ୟରେ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, କବିତା ଓ ଆତ୍ମଜୀବନୀ ଆଦି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତାଙ୍କର କୃତିସମୂହ ଓଡିଆ ସାହିତ୍ୟ ଭଣ୍ଡାରର ଏକ ଏକ ଅନନ୍ୟ ସାଧାରଣ ଲିପି-ସଂପଦ । ତାଙ୍କର ଅମ୍ଳାନ କୃତିଗୁଡିକ କବିତା-ପୂଷ୍ପମାଳା, ଉପହାର ଓ ଅବସର ବାସରେ, କାବ୍ୟଗୁଡିକ ହେଉଛି- ଉତ୍କଳ ଭ୍ରମଣ, ବୌଦ୍ଧବତାର କାବ୍ୟ, ପୂଜାଫୁଲ ଧୂଳି । ସେ ଥିଲେ ସଫଳ ଅନୁବାଦକ, ମହାଭାରତ (ଅସଂପୂର୍ଣ୍ଣ), ରାମାୟଣ, ଶ୍ରୀମଦ୍ ଭଗବତ୍ ଗୀତା ଓ ଉପନିଷଦର ଅନୁବାଦ କରିଛନ୍ତି । ତାଙ୍କର ରାମାୟଣ ଓ ମହାଭାରତ ରଚନା ଦ୍ୱୟ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିବାରୁ ତାଙ୍କୁ ବ୍ୟାସକବିର ଆଖ୍ୟା ଦିଆଯାଇଛି । ତତ୍କାଳୀନ ବାମଣ୍ଡାର ରାଜାଙ୍କଦ୍ୱାରା ସେ ମଧ 'ସରସ୍ୱତୀ' ଉପାଧିରେ ପୁରସ୍କୃତ ହୋଇଥିଲେ ।

ଇତିହାସ ରଚନାରେ ଭାରତବର୍ଷର ଇତିହାସ ଗ୍ରନ୍ଥ ଦ୍ୱୟ ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ତାଙ୍କର କୋଡିଏଟି ଗଳ୍ପ ଓ ଚାରୋଟି ଉପନ୍ୟାସ- ଛ'ମାଣ ଆଠଗଣ୍ଠ, ଲଛମା, ମାମୁ ଓ ପ୍ରାୟଶ୍ଚିତ ଏକ ଏକ ଅମର କୃତି । ତାଙ୍କ ରଚିତ କବିତା ଓ କାବ୍ୟ ଗୁଡିକରେ ବ୍ୟକ୍ତିଗତ ବିଷାଦବୋଧ, ଅତୀତପ୍ରୀତି, ପଲ୍ଲୀପ୍ରାଣତା ଜାତୀୟତା , ସମାଜଚିନ୍ତନ, ନାରୀବାଦୀ ଦୃଷ୍ଟିଭଙ୍ଗୀ, ମୃତ୍ୟୁବୋଧ, ବ୍ୟଙ୍ଗଧର୍ମିତା ଆଦିରେ ସ୍ୱରସଂଭାର ରହିଛି । ବିଶେଷତଃ ଦୁଇଦୁଇଟି ପତ୍ନୀ ଓ ମାତାମହୀ ଆଦିଙ୍କ ପ୍ରଭାବପୁଷ୍ଟ ତିକ୍ତ-ମଧୁର ଅନୁଭୂତି ତାଙ୍କ କାବ୍ୟ କବିତା, ଗଳ୍ପ ଉପନ୍ୟାସ ଓ ଆତ୍ମକାହାଣୀରେ ନାନା ଚରିତ୍ର ଓ ଭାବଭାବନାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ପ୍ରକାଶଲାଭ କରି ପାଠକୀୟ ହୃଦୟ ମନ୍ଥନ କରିଛି । ପ୍ରତ୍ୟେକଟି ଗଳ୍ପ, ଉପନ୍ୟାସ ଓ ଆତ୍ମଜୀବନୀରେ ସମାଜ, ସଂସ୍କୃତି, ରାଜନୀତି, ଧର୍ମ ଆଦି ନାନା ପ୍ରସଂଗ ଉପସ୍ଥାପନର କଳାତ୍ମକ ଚିତ୍ର ପ୍ରତିଫଳିତ । ବିଶେଷତଃ ଊନବିଂଶ ଓ ବିଂଶ ଶତକର ଜୀବନଚିତ୍ର ଅଙ୍କନ କରିବା ତାଙ୍କ ସୃଷ୍ଟିର ଶ୍ରେଷ୍ଠ ଉପାଦାନ ଥିଲା । ହାସ୍ୟବ୍ୟଙ୍ଗ ଶୈଳୀ, କଟାକ୍ଷ, କରୁଣ ମଧୁର ରସ ପରିବେଷଣହିଁ ତାଙ୍କ ସାହିତ୍ୟର ବୈଶିଷ୍ଟ୍ୟ । ବିଶିଷ୍ଟ କବି ଓ ସମାଲୋଚକ ଡକ୍ଟର ମାୟାଧର ମାନସିଂ ତାଙ୍କୁ ସମଗ୍ର ଆଧୂନିକ ଭାରତୀୟ ସାହିତ୍ୟର ପ୍ରଥମ ଲୋକ-ଲେଖକର ସମ୍ମାନ ଦେବାକୁ ଯାଇ ବିଖ୍ୟାତ ବଙ୍ଗଳା ଔପନ୍ୟାସିକ ବଙ୍କିମଚନ୍ଦ୍ର ଓ ହିନ୍ଦୀ ଔପନ୍ୟାସିକ ପ୍ରେମ୍ ଚନ୍ଦ୍ରଙ୍କ ସହ ତୁଳନା କରିଛନ୍ତି।

ଉତ୍କଳୀୟ ନବ ଜାଗରଣ ଯୁଗର ସେ ଜଣେ ସମୟ ସଚେତନ କର୍ମୀ ଓ କଳାକାର । ଓଡ଼ିଆ ସାହିତ୍ୟରେ ଏକ ଅଭିନବ ଗଦ୍ୟରୀତିର ପ୍ରବର୍ତ୍ତକ ଓ ସଫଳ ପରୀକ୍ଷକ ରୂପେ ସ୍ୱୀକୃତ ଓ ସମ୍ମାନିତ ତଥା ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ସେନାପତି ଫକୀର ମୋହନ ଓଡ଼ିଆ ଭାଷାରେ ସାର୍ଥକ ଉପନ୍ୟାସ ଓ ଆଧୁନିକ କ୍ଷୁଦ୍ରଗଳ୍ପର ସ୍ରଷ୍ଟା। ଓଡ଼ିଶାର ବିଭିନ୍ନ ଅଞ୍ଚଳର ସାଧାରଣ ଜନତାଙ୍କ ସଂସ୍ୱର୍ଶରେ ଆସିଥିବା ପ୍ରତ୍ୟକ୍ଷ ଅନୁଭୂତି ତଥା ପ୍ରଶାସକ ଜୀବନର ପ୍ରଚୁର ଅଭିଜ୍ଞତାକୁ ଭିତ୍ତି କରି ପରିଣତ ବୟସରେ ସୃଷ୍ଟି କରିଥିବା ତାଙ୍କ କଥା ସାହିତ୍ୟରେ ସାଧାରଣ ଲୋକ ଜୀବନର ପ୍ରତିଛବି ଫୁଟି ଉଠିଛି।

ପ୍ରକୃତ ପକ୍ଷେ ଫକୀର ମୋହନ ଆଧୁନିକ ଓଡ଼ିଆ ଗଳ୍ପର ଆଦ୍ୟ ଜନକ । ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରେ ତାଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ କ୍ଷୁଦ୍ରଗଳ୍ପ ରଚନାର ଭିତ୍ତି ପ୍ରସ୍ତୁତି ଆରମ୍ଭ ହୋଇଥିଲେ ମଧ୍ୟ ଏହି ପ୍ରାକ୍ ଫକୀର ମୋହନୀୟ ଗଳ୍ପରେ ମୁଖ୍ୟତଃ ବିଦେଶୀୟ କଥାବସ୍ତୁ ଅନୁସରଣରେ ପ୍ରେମ ଓ କାରୁଣ୍ୟ ଦେଖିବାକୁ ମିଳିଛି। ଉତ୍କଳୀୟ ସମାଜ ସଂସ୍କାର ଆଧାରରେ ବ୍ୟଙ୍ଗାତ୍ମକ ଧାରାକୁ ଭିତ୍ତି କରି ଗଳ୍ପ ରଚନା ହୋଇଥିବା ଦୃଷ୍ଟିଗୋଚର ହୁଏ। ଗଳ୍ପଗୁଡ଼ିକରେ ରୋମାଞ୍ଚକର ପରିବେଶ, ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି, କଥାବସ୍ତୁର ଆରମ୍ଭ ଓ ପରିଣତିରେ ଚମତ୍କାରିତା ଓ କଥାର କ୍ରମବିକାଶ ଥିଲେ ମଧ୍ୟ କ୍ଷୁଦ୍ରଗଳ୍ପର ଆତ୍ମିକ ଓ ଆଙ୍ଗିକ ମୂଲ୍ୟବୋଧ ନ ଥିବାରୁ ତାହାକୁ ଯଥାର୍ଥ କ୍ଷୁଦ୍ରଗଳ୍ପ ବୋଲି କୁହାଯାଇ ପାରେନାହିଁ ।

୧୮୯୮ ମସିହା ଅକ୍ଟୋବର ମାସରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ 'ରେବତୀ' ଗଳ୍ପ ଓଡ଼ିଆ ଭାଷାରେ ପ୍ରକାଶିତ ପ୍ରଥମ ସାର୍ଥକ କ୍ଷୁଦ୍ରଗଳ୍ପ । 'ରେବତୀ' ଗଳ୍ପ ରଚନା ପୂର୍ବରୁ ଫକୀର ମୋହନ 'ବୋଧଦାୟିନୀ' ପତ୍ରିକାରେ 'ଲଛମନିଆ' ନାମକ ଏକ କ୍ଷୁଦ୍ରଗଳ୍ପ ଲେଖିଥିଲେ ଫକୀର ମୋହନ ତାଙ୍କ ଆତ୍ମଜୀବନୀରେ ଏପରି ଉଲ୍ଲେଖ କରି ଲେଖିଛନ୍ତି – "ବାଲେଶ୍ୱରରେ ଶିକ୍ଷକତା କାର୍ଯ୍ୟ କରୁଥିବା ସମୟରେ ମୋର କବିତା ଲେଖିବାର ପ୍ରବୃତ୍ତି ଥିଲା। ସେଠାକାର ପ୍ରେସ୍‌ରୁ ଖଣ୍ଡେ ମାସିକ ପତ୍ରିକା ବାହାରୁ ଥିଲା ? ମୁଁ ସେଥିରେ ଆମୋଦ ଜନକ କବିତା ଲେଖୁଥିଲି।'

କୁହାଯାଇପାରେ ଫକୀର ମୋହନ ତାଙ୍କ ଜୀବନର ଶେଷ ୨୧ ବର୍ଷ ମଧ୍ୟରେ ଗଳ୍ପ ଓ ଉପନ୍ୟାସ ରଚନା କରିଥିଲେ । ୧୮୬୦ରେ ଫକୀରମୋହନଙ୍କ ରଚିତ କ୍ଷୁଦ୍ରଗଳ୍ପ 'ଲଛମନିଆ', ତାଙ୍କରିଦ୍ୱାରା ସମ୍ପାଦିତ ଓ ବାଲେଶ୍ୱରରୁ ପ୍ରକାଶିତ ବୋଧଦାୟିନୀ ପତ୍ରିକାରେ ପ୍ରକାଶିତ ହୋଇଥିଲା । ତେବେ ଦୁର୍ଭାଗ୍ୟବଶତଃ ତାଙ୍କର ଆତ୍ମଜୀବନୀରେ ଏ ବିଷୟରେ ସାମନ୍ୟ ଟିକିଏ ବର୍ଣ୍ଣନା ବ୍ୟତୀତ ଏହି ଗଳ୍ପର ସ୍ରୋତ ସମ୍ବନ୍ଧରେ ଅନ୍ୟ କୌଣସି ଖିଅ ମିଳେନାହିଁ । ନଚେତ୍ ସେ ସମଗ୍ର ଭାରତବର୍ଷରେ ସାହିତ୍ୟିକ ବିଭାଗର ସ୍ରଷ୍ଟା ରୂପେ ବିବେଚିତ ହୋଇଥା'ନ୍ତେ । ୧୮୯୮ରେ ତାଙ୍କ ରଚିତ 'ରେବତୀ' ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇ ପ୍ରଥମ ଓଡ଼ିଆ ଗଳ୍ପର ମାନ୍ୟତା ପାଇଲା । 'ରେବତୀ' ଗଳ୍ପଟିରେ ଗୋଟିଏ ଛୋଟ ଝିଅର ପାଠ ପଢିବାର ଉତ୍ସାହ ଓ ଏଥିରେ ତା'ର ଅନ୍ତରାୟ ସାଜୁଥିବା ପାରମ୍ପରିକ ଅନ୍ଧବିଶ୍ୱାସପୂର୍ଣ୍ଣ ଗ୍ରାମୀଣ ସମାଜର ଚିତ୍ରଣ କରାଯାଇଛି । ପରେ ଯେବେ ଗାଁରେ ମହାମାରୀ ବ୍ୟାପିଛି ଏଥିପାଇଁ ତା'ର ଅଧ୍ୟୟନକୁ ଦାୟୀ କରାଯାଇଛି ।

ଫକୀର ମୋହନ ସେନାପତି ଜାତୀୟତା ଓ ଭାଷାକୁ ଏକତ୍ର କରିଥିଲେ । କାରଣ ସେ ବିଶ୍ୱାସ କରୁଥିଲେ ଯେ 'ଜାତୀୟତା ଭାଷା ଦ୍ୱାରା ନିର୍ଣ୍ଣୟ କରାଯାଏ'। ଏଥିପାଇଁ ସେ ଚାରୋଟି ଅର୍ଥ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ଜାତୀୟ ସାହିତ୍ୟକୁ ପ୍ରୋତ୍ସାହିତ କରିବା ପାଇଁ କରିବା ଉଚିତ୍ । ଏହାକୁ ପଢ଼ିବା, ଲେଖିବା ଓ ଅନ୍ୟମାନଙ୍କୁ ଏହାକୁ ଲେଖିବା ପାଇଁ ପ୍ରବର୍ତ୍ତାଇବା । ସେ କହିଛନ୍ତି ଯେ ମାତୃଭାଷା ହରାଇ ଏକ ରାଷ୍ଟ୍ର ଅଗ୍ରଗତି କରିପାରିବ ନାହିଁ ଓ ବିଶ୍ୱାସ କରେ ଯେ ଗୋଟିଏ ଦେଶର ଭାଷା ପାଇଁ ସାହିତ୍ୟର ବିକାଶ ଏକ ମୌଳିକ ଅଟେ । ଅର୍ଥାତ୍ ତାଙ୍କ ଭାଷାରେ "ଯେଉଁ ଦେଶର ଭାଷା ବିକଶିତ ହୋଇନାହିଁ, ଜାଗ୍ରତ ନୁହେଁ । ଏଥିରେ ଉଦ୍ୟମର ଅଭାବ ରହିଛି ଏବଂ ଆତ୍ମ ସମ୍ମାନ ବଜାୟ ରଖିବାରେ ଅସମର୍ଥ ।"

ବାସ୍ତବରେ ଫକୀର ମୋହନଙ୍କ ସୃଷ୍ଟି ସଂପଦକୁ ଅନୁଶୀଳନ କଲେ ସ୍ପଷ୍ଟ ହୁଏ ସେ ଯେଉଳି ଜଣସାଧାରଣଙ୍କ ଲୌକିକ ଭାଷାକୁ ମାଟି ଓ ପ୍ରକୃତି ସହ ଘନିଷ୍ଠ ଭାବେ ସଂପୃକ୍ତଥିବା ନରନାରୀମାନଙ୍କୁ ସାହିତ୍ୟରେ ଅଙ୍ଗୀକାର କରି ଆମକୁ ବିଶ୍ୱଜନୀନତାର ଯେଉଁ ସ୍ୱାଦ ଦେଇଛନ୍ତି , ଯର୍ଥାଥରେ ସେ ଫବ୍ୟାସକବି' ଓ ଫସରସ୍ୱତୀ' ଉପାଧିର ଯୋଗ୍ୟ ଏକ ଅମ୍ଳାନ ମହାପୁରୁଷ । ଯୁଗଜନ୍ମା ସଂକ୍ରାନ୍ତି ପୁରୁଷ ଫକିର ମୋହନ ସଂକ୍ରାନ୍ତି ଭୂମିଷ୍ଠ ହୋଇ ସଂକ୍ରାନ୍ତିରେ ଇହଲୀଳା ସମ୍ବରଣ କରିଥିଲେ...!!!!

+ଅଧ୍ୟକ୍ଷ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ ମହାନଦୀ ଡିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ- ୪
ମୋ: ୯୦୪୦୧୫ ୧୪୭୫

# ମକର ଚେତନା : ଉପାସନା ଓ ସତକର୍ମ

## ଡ଼ଃ.ଅରୁନ୍ଧତୀ ଦେବୀ



ମକର ... ସନାର ପର୍ବ। ସୂର୍ଯ୍ୟ ନାରାୟଣଙ୍କ ସ୍ତୁତି କରି ଅନ୍ଧକାରରୁ ଆଲୋକ ଆଡ଼କୁ ଯିବା ଲାଗି ଏହି ପର୍ବ ... ଥାଏ। ଏହି ପର୍ବ ଜୀବନରେ ଶୁଷ୍କତାକୁ ସମାପ୍ତ କରି ନୂତନ ଶକ୍ତି ଭରିଥାଏ। ସୂର୍ଯ୍ୟ ମକର ରା... ବାକୁ ମକର ସଂକ୍ରାନ୍ତି କୁହାଯାଏ। ଭାରତ ଭୂଖଣ୍ଡ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଅବସ୍ଥିତ। ମକର ସଂକ୍ରାନ୍ତି ପୂର୍ବରୁ ସୂର୍ଯ୍ୟ ଦକ୍ଷିଣ ଗୋଲାର୍ଦ୍ଧରେ ଥାଆନ୍ତି। ମକର ସଂକ୍ରାନ୍ତି ପର ଠାରୁ ସେ ଉତ୍ତର ଗୋଲାର୍ଦ୍ଧକୁ ପ୍ରବେଶ କରିଥାନ୍ତି। ଏହାର ଅର୍ଥ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧରେ ଥାଆନ୍ତି। ସୂର୍ଯ୍ୟ ନିକଟକୁ ଆସୁଥିବାର ମକର ସଂକ୍ରାନ୍ତିରେ ତାଙ୍କର ପୂଜା କରାଯାଇଥାଏ।

ଓଡ଼ିଆ ସାହିତ୍ୟର ରୀତିଯୁଗୀୟ କବି ସୂର୍ଯ୍ୟ ବଳଦେବ ରଥଙ୍କ ରଚିତ କାଳଜୟୀ କାବ୍ୟ କିଶୋରଚନ୍ଦ୍ରାନନ୍ଦ ଚମ୍ପୂ 'ଗ ଚମ୍ପୂ'ର ଆଦ୍ୟ ପଂକ୍ତିଟି ହେଉଛି 'ଗଲାଣି ତ ଗଲା କଥାରେ ସଙ୍ଗାତ, ଗଲାଣି ତ ଗଲା କଥା।' ସେହିପରି ପାରମ୍ପରିକ ଜଣାଣ 'ଦେଖଲୋ ସଙ୍ଗାତ ବଡ଼ଦାଣ୍ଡେ ବିଜେ ଜଗନ୍ନାଥ...' କିମ୍ବା ଅକ୍ଷୟ ମହାନ୍ତିଙ୍କ ଗୀତ 'ଉଡିଗଲେ ଗେଣ୍ଡାଳିଆ ଝାଡ଼ି ଦେଲେ ପର...'ର 'ବସିବା ସଙ୍ଗାତ ଚାଲ, ତୋହାର ମୋହର: ଉଡି ଉଡି ଯିବା ଆମେ, ମେଘରଜା ଘର...'। ଆଦିରେ ସଙ୍ଗାତ ଶବ୍ଦର ପ୍ରୟୋଗ ଏହାର ପ୍ରାଚୀନତାକୁ ଦର୍ଶାଏ। ଅନ୍ୟପକ୍ଷରେ ଏହା ପ୍ରଗାଢ଼ ବନ୍ଧୁତ୍ୱର ପରିଭାଷାକୁ ପ୍ରତିପାଦିତ କରେ। ଆଗରୁ ଓଡ଼ିଆ ସମାଜରେ ଦୁଇ ଘନିଷ୍ଠ ବନ୍ଧୁ ସଙ୍ଗାତ ବସୁଥିଲେ। ଏହାଦ୍ୱାରା ଉଭୟଙ୍କ ପରିବାର ମଧ୍ୟରେ ଏକ ସାମାଜିକ ବନ୍ଧନ ବି ସ୍ଥାପନ ହେଉଥିଲା। ଦୁଇ ସଙ୍ଗାତ ପରିବାର ମଧ୍ୟରେ ବିବାହ, ବ୍ରତାଦି ଉତ୍ସବରେ ବେଭାର, ଗୁଆ ନିମନ୍ତ୍ରଣ ଭଳି ପରମ୍ପରା ପ୍ରଚଳିତ ହେଉଥିଲା। ସଙ୍ଗାତ ବସିଥିବା ମହିଳା ଓ ପୁରୁଷ ପରସ୍ପରକୁ ସଙ୍ଗାତ ସମ୍ବୋଧନ କରିବା ସହ ସଙ୍ଗାତଙ୍କ ପତ୍ନୀଙ୍କୁ ସଙ୍ଗାତୁଣୀ ଡକାଯିବାର ଉଦାହରଣ ମଧ୍ୟ ରହିଛି।

ଓଡ଼ିଆରେ କଥାନିକାଟି ଅଛି ମକର ଠାରୁ ଦିନ ହୁଏ ବକର। ଅର୍ଥାତ୍ ମକର ସଂକ୍ରାନ୍ତିରୁ ଦିନର ଅବଧି କ୍ରମଶଃ ବୃଦ୍ଧି ପାଏ। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଯାଉଥିବାରୁ ଖରା ଧୀରେ ଧୀରେ ପ୍ରଖର ହୁଏ। ମକର ଦିନ ଠାରୁ ସୂର୍ଯ୍ୟ ଉତ୍ତର ଦିଗକୁ ଯାତ୍ରା କରି ଛଅ ମାସ ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ ଶୁଭକର୍ମ ଅନୁଷ୍ଠିତ ହୋଇଥାଏ। ଖାଲି ସେତିକି ନୁହେଁ, ମକର ସଂକ୍ରାନ୍ତି ଓଡ଼ିଆ ମାନଙ୍କ ପାଇଁ ବନ୍ଧୁତ୍ୱର ଦିନ। ଏହି ଦିନ ବନ୍ଧୁକୁ ମକର ଚାଉଳ ଖୁଆଇ ଓଡ଼ିଆମାନେ ମକର ବସିଥାନ୍ତି। କେବଳ ମକର କାହିଁକି, ଓଡ଼ିଶାରେ ପ୍ରତିଟି ପବିତ୍ର ଦ୍ରବ୍ୟ ଓ ନୈବେଦ୍ୟକୁ ନେଇ ସମ୍ପର୍କର ସୂତ୍ର ଯୋଡ଼ିବାର ପରମ୍ପରା ବହୁ ପ୍ରାଚୀନ।

ମକର ସଂକ୍ରାନ୍ତି ବେଳକୁ ଓଡ଼ିଶାରେ ଧାନ ଓ ଆଖୁ ଆଦି ନୂଆ ଫସଲ ଅମଳ ହୋଇଥାଏ। ଏଣୁ ଏ ନୂଆଧାନରୁ ପ୍ରସ୍ତୁତ ଅପକ୍ୱ ଅରୁଆ ଚାଉଳ, ନୂଆଗୁଡ଼, ଛେନା, ନଡ଼ିଆ, ପାଚିଲା କଦଳୀ, ଘିଅ ଓ କ୍ଷୀର ଇତ୍ୟାଦି ଚକଟା ହୋଇ ଏକ ସୁମିଷ୍ଟ ଭୋଗ ପ୍ରସ୍ତୁତ କରାଯାଏ। ଏହି ଚକଟାକୁ ଗୃହ ଦେବତାଙ୍କୁ ଓ ଧାନ ଖଳାରେ ଭୋଗ ଲଗାଯାଏ। ଏହି ସୁମିଷ୍ଟ ବ୍ୟଞ୍ଜନ ମକର ଚାଉଳ ଭାବେ ପରିଚିତ। ଏହି ଭୋଗ ପରସ୍ପରକୁ ଖୁଆଖୋଇ ହୋଇ ପୁଅ ଓ ଝିଅମାନେ ମକର ବସନ୍ତି।

ମକର ସଂକ୍ରାନ୍ତିରୁ ଉତ୍ତରାୟଣ ପର୍ବ ଆରମ୍ଭ ହୁଏ। ଏହା ଦେବତା ମାନଙ୍କ ଦିନ ହୋଇଥିବା ଯୋଗୁଁ ଏହି ଦିନ ଜପ, ତପ, ଦାନ, ସ୍ନାନ, ଶ୍ରାଦ୍ଧ, ତର୍ପଣ ଆଦି ଧାର୍ମିକ କାର୍ଯ୍ୟର ବିଶେଷ ମହତ୍ତ୍ୱ ରହିଛି। ଏହିଦିନ ଠାରୁ ଦିନ ବଡ଼ ହେବାକୁ ଲାଗେ ଏବଂ ରାତି ଛୋଟ ହେବାକୁ ଲାଗେ। ଦିନ ବଡ଼ ହେବା ଯୋଗୁଁ ଅଧିକ ଆଲୋକ ମିଳେ। ଫଳରେ ତାପମାତ୍ରା କମେ। ଅର୍ଥାତ୍ ମକର ସଂକ୍ରାନ୍ତି ଠାରୁ ଶୀତର ପ୍ରକୋପ କମ୍ ହୋଇଯାଏ। ଅଧିକ ଆଲୋକ ଯୋଗୁଁ ମନୁଷ୍ୟର ଚେତନା ଓ କାର୍ଯ୍ୟଶକ୍ତି ବୃଦ୍ଧି ପାଏ। ଏହି ଦିନ ସୂର୍ଯ୍ୟଙ୍କ ରାଶିରେ ହୋଇଥିବା ପରିବର୍ତ୍ତନକୁ ଅନ୍ଧକାରରୁ ଆଲୋକ ଆଡ଼କୁ ଅଗ୍ରସର ହେବାର ପ୍ରତୀକ ଭାବରେ ବିବେଚନା କରାଯାଏ। ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ କୌଣସି ନା କୌଣସି ଦେବତାଙ୍କ ପାଇଁ ଉଦ୍ଦିଷ୍ଟ। ଉତ୍ତରାୟଣ ପର୍ବ ଅର୍ଥାତ୍ ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ଯୋଗୁଁ ମନୁଷ୍ୟ ମନରେ ମଧ୍ୟ ପରିବର୍ତ୍ତନ ଆସେ। ସମସ୍ତେ ମିଳିମିଶି ରୁହନ୍ତୁ, ସମସ୍ତଙ୍କ ଜୀବିକା ନିର୍ବିଘ୍ନରେ ଚାଲୁ, ସମସ୍ତେ ଶକ୍ତିମାନ ହୁଅନ୍ତୁ, ସତ୍‌କର୍ମରୁ ଆମକୁ ଶକ୍ତି ମିଳୁ – ଏହା ମକର ସଂକ୍ରାନ୍ତିର ସନ୍ଦେଶ। ଓଡ଼ିଆ ଆଧାତ୍ମିକ ଓ ଜନଜୀବନ ଚେତନାରେ ମକର ସଂକ୍ରାନ୍ତିର ସ୍ଥାନ ସ୍ୱତନ୍ତ୍ର ଏବଂ ଏହି ଦିନଟି ଓଡ଼ିଆ ପରମ୍ପରାରେ ଘରେ ଘରେ ସମ୍ପର୍କ ସୁଦୃଢ଼ କରିବା ପାଇଁ ଯୁଗବତ୍ ଯେଉଁ ପରମ୍ପରା ରହିଆସିଛି ତାହା ମଧ୍ୟ ସ୍ମରଣୀୟ।

+ସମ୍ପାଦିକା-ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

## ମକର ସଂକ୍ରାନ୍ତି

### କୃଷ୍ଣା ପ୍ରଧାନ



ଧନୁରାଶି ଠାରୁ ମକର ରାଶିକୁ
ସୂର୍ଯ୍ୟଙ୍କର ଆଗମନ
ଦକ୍ଷିଣାୟନରୁ ଉତ୍ତରାୟଣକୁ
ଗତି ହୁଏ ସେହିଦିନ ।
ଧରଣୀ ପୃଷ୍ଠରୁ ଶୀତ ଚାଲିଯାଏ
ଋତୁରାଜ ଆଗମନ ।
ପହିଲି ଭୋଗର ଅନ୍ତିମ ଦିବସ
ଅଟଇ ଯେ ଏହିଦିନ ।

ଅରୁଆ ଚାଉଳରେ ବଦଳି ଏଇଆ
ଅଳେଇଚ ଅଦାକ୍ଷୀର
ଗୁଡ଼, ଆଖୁ, ଘିଅ, ଛେନା ନାନାବିଧ ଫଳ
ହୁଅଇ ଚାଉଳ ମକର ।
ଏହି ସମୟରେ ଯଦି ମୃତ୍ୟୁ ହୁଏ
ବିଷ୍ଣୁଲୋକ ପ୍ରାପ୍ତି ହୁଏ
ପିତାମହ ଭୀଷ୍ମ ଉତ୍ତରାୟଣକୁ
ଚାହିଁ ରହିଥିଲେ ଜାଣ ।
ଭାରତରେ ଏହା ସମସ୍ତେ ପାଳନ୍ତି
ଭିନ୍ନ ଭିନ୍ନ ନାମ ବହି
ଆମ ଓଡ଼ିଶାରେ ମକର ସଂକ୍ରାନ୍ତି
ଏହି ପରବକୁ କହି ।
ତାମିଲନାଡୁରେ ପୋଙ୍ଗାଲ ନାମେ
ଗୁଜୁରାଟରେ ଉତ୍ତରାୟଣ।
ଲୋରି ନାମେ ଜଣା ପଞ୍ଜାବରେ ପାଳନ୍ତି
ଆସାମରେ 'ମାଘବହୁ' ନାମେ ଜାଣ।
ସଂକ୍ରାନ୍ତି ପୁରୁଷ ଫକୀରମୋହନଙ୍କ
ଆଜି ଯେ ଜନ୍ମ ଜୟନ୍ତୀ
ସାହିତ୍ୟ ଅନୁଷ୍ଠାନ ମାନଙ୍କରେ
ଯାକଜମକରେ ପାଳନ୍ତି ।

+ଚାନ୍ଦମାରି ପଡ଼ିଆ
ସହଦେବଖୁଣ୍ଟା, ବାଲେଶ୍ୱର
ମୋ: ୯୮୬୧୯୫୦୦୮୦

# ସୂର୍ଯ୍ୟ, ସଂସ୍କୃତି ଏବଂ ସ୍ତ୍ରୀ: ମକର ସଂକ୍ରାନ୍ତିର ସ୍ୱରୂପ



## ଗୋପାଳ ମହାପାତ୍ର

ଶୀତ ଋତୁରେ ଜାଡ଼ ମଧ୍ୟରେ ସୂର୍ଯ୍ୟ ଉତ୍ତରାୟଣ ହୋଇଥାନ୍ତି ଏବଂ ଅନ୍ଧକାର ରୁ ପ୍ରକାଶ ଆଡ଼କୁ ଯାତ୍ରା ଆରମ୍ଭ ହୋଇଥାଏ। ସେତେବେଳେ ମକର ସଂକ୍ରାନ୍ତି କେବଳ ତିଥି ପରିବର୍ତ୍ତନର ସଂଙ୍କେତ ଦେଇନଥାଏ ବରଂ ଭାରତୀୟ ଚେତନାର ନବ ଜାଗରଣ ର ଉଦ୍‌ଘୋଷ କରିଥାଏ। ମକର ସଂକ୍ରାନ୍ତି ପର୍ବ ଋତୁ, କୃଷି, ଆସ୍ଥା ଏବଂ ସାମାଜିକ ଏକତାର ସଙ୍ଗମ ଅଟେ। ଭାରତ ଭଳି ସଂସ୍କୃତି ସମୃଦ୍ଧ ଦେଶରେ ମକର ସଂକ୍ରାନ୍ତି ଅନେକ ନାମରେ ଓ ଅନେକ ରପରେ ପାଳିତ ହୋଇଥାଏ କିନ୍ତୁ ଏହାର ଆତ୍ମା ଗୋଟିଏ ଥାଏ। ଆଧୁନିକ ଯୁଗର ବ୍ୟବସ୍ଥା ସତ୍ତ୍ୱେ ନାରୀ ଶକ୍ତି ଏହି ପର୍ବକୁ ପରମ୍ପରା ଏବଂ ପରିବର୍ତ୍ତନର ସନ୍ତୁଳନ ସହ ଆଗକୁ ବଢ଼ାଇଥାନ୍ତି। ମକର ସଂକ୍ରାନ୍ତି ହେଉଛି ସୂର୍ଯ୍ୟ ଉପାସନାର ପର୍ବ ଯାହା ଜୀବନର ସକାରାତ୍ମକତା, ଶକ୍ତି ଏବଂ ସନ୍ତୁଳନର ପ୍ରତୀକ ଅଟେ। ମକର ସଂକ୍ରାନ୍ତି ଏଭଳି ଏକ ସମୟ ଯେଉଁ ସମୟରେ କୃଷକ ନୂଆ ଫସଲ ଅମଳ କରି ଉତ୍ସବ ପାଳନ କରିଥାନ୍ତି ଏବଂ ସମାଜ ଶ୍ରମ ସମ୍ମାନକୁ ସ୍ୱିକାର କରିଥାଏ। ମହିଳା ମାନଙ୍କ ପାଇଁ ଏହି ପର୍ବ କେବଳ ଧାର୍ମିକ ଅନୁଷ୍ଠାନ ନୁହେଁ ବରଂ ପରିବାର ଓ ସମାଜକୁ ଯୋଡିବାର ଏକ ମାଧ୍ୟମ ଅଟେ। ଘରର ରୋଷେଇ ଠାରୁ ଆରମ୍ଭ କରି ସାମୁଦାୟିକ ଆୟୋଜନ ପର୍ଯ୍ୟନ୍ତ ସବୁ ସ୍ତରରେ ପର୍ବର ଆତ୍ମାକୁ ସାକାର କରିଥାନ୍ତି ମହିଳାମାନେ। ମହିଳାଙ୍କ ସହଭାଗିତାରେ ଏହି ଉତ୍ସବ ଭାବନାତ୍ମକ, ସାମାଜିକ ଏବଂ ସଂସ୍କୃତିକ ରପରେ ସମୃଦ୍ଧ ହୋଇଥାଏ। ଅଗ୍ନିର ଚାରିପଟେ ପ୍ରଦକ୍ଷିଣ କରିବା ସହ ରାଷି, ଗୁଡ, ବାଦାମ ଏବଂ ଖୀର (ରାବିଡ଼ି) ଅର୍ପଣ କରିଥାନ୍ତି।

ଓଡ଼ିଶାରେ ମକର ସଂକ୍ରାନ୍ତି ଦିନ ମକର ଚାଉଳ କରାଯିବାର ବିଧି ରହିଛି। ଉତ୍ତରଭାରତରେ ଏହାକୁ ଲୁହାଡି ଓ ମାଘି ରୂପରେ ପାଳନ କରାଯାଥାଏ। ପଞ୍ଜାବ ହରିଆଣାରେ ଏହିଦିନ ନବ ବିବାହିତ ବୋହୁ ମାନଙ୍କୁ ବିଶେଷ ଭାବେ ସମ୍ମାନ ପ୍ରଦର୍ଶନ କରାଯାଇଥାଏ। ପଶ୍ଚିମ ଭାରତରେ ଏହି ପର୍ବକୁ ମଧ ଧୁମ୍‌ଧାମରେ ପାଳନ କରାଯାଇଥାଏ। ମହାରାଷ୍ଟ୍ରରେ ମକର ସଂକ୍ରାନ୍ତି ନାମରେ ହଳଦୀ-କୁଙ୍କୁମ ଏବଂ ରାଷି, ଗୁଡ୍ ?ର ପରମ୍ପରା ରହିଛି। ବିବାହିତ ମହିଳାମାନେ ପରସ୍ପରକୁ ରାଷି ଏବଂ ଗୁଡ଼ରେ ପ୍ରସ୍ତୁତ ରାଷିମୁଆଁ ପ୍ରଦାନ କରିଥାନ୍ତି ଘରେ ଘରେ ସୌହାର୍ଦ୍ୟ ଏବଂ ଆପଣାପଣର ବାତାବରଣ ସୃଷ୍ଟି ହୋଇଥାଏ। ନବ ବିବାହିତା ମହିଳାମାନେ ଏହିଦିନ ପୂଜାର୍ଚ୍ଚନା କରିଥାନ୍ତି ଏବଂ ପାରମ୍ପାରିକ ବସ୍ତ୍ର ପରିଧାନ କରିବାର ପରମ୍ପରା ମଧ ରହିଛି। ଏହି ପର୍ବ ମହିଳା ମାନଙ୍କ ମଧ୍ୟରେ ସହଯୋଗ, ସମ୍ମାନ ଏବଂ ସାମାଜିକ ସମ୍ପର୍କକୁ ମଜଭୁତ କରିବାର ଏକ ମାଧ୍ୟମ ପାଲଟିଯାଇଥାଏ। ମଧ ଭାରତରେ ମକର ସଂକ୍ରାନ୍ତିକୁ ସୁକରାତ ବା ସତ୍‌କ୍ରାତ କୁହାଯାଏ। ମଧ୍ୟପ୍ରଦେଶ ଏବଂ ଛତିଶଗଡରେ ମହିଳାମାନେ ହଳଦୀ କୁଙ୍କୁମ ଲଗାଇଥାନ୍ତି, ପରସ୍ପରକୁ ଆମନ୍ତ୍ରିତ କରି ରାଷି ଲଡୁ, ଖେଚେଡ଼ି ଓ ବିଭିନ୍ନ ପ୍ରକାରର ମିଠାର ଆଦାନ ପ୍ରଦାନ କରିଥାନ୍ତି। ନଦୀରେ ସ୍ନାନ, ପୂଜା-ଅର୍ଚ୍ଚନା ଏବଂ ଦାନ-ପୁଣ୍ୟର ପରମ୍ପରା ସୌଭାଗ୍ୟ ଏବଂ ପାରିବାରିକ ସୁଖର କାମନାରେ ଯୋଡି ହୋଇଥାଏ। ଏହି ପର୍ବକୁ ମହିଳା ଶସକ୍ତିକରଣ ଏବଂ ସାମାଜିକ ସମରମତ୍ତାର ପ୍ରତୀକ ବୋଲି କୁହାଯାଇପାରେ। ଗୁଜୁରାଟରେ ମକର ସଂକ୍ରାନ୍ତିକୁ ଉତ୍ତରାୟଣ ନାମରେ ପାଳନ କରାଯାଇଥାଏ। ରଙ୍ଗ ବେରଙ୍ଗର ଗୁଡି ଉଡ଼ାଯାଇଥାଏ। ମହିଳାମାନେ ମଧ ଗୁଡି ଉଡ଼ାଉଥିବା ଦେଖାଯାଇଥାଏ। ଓଡ଼ିଶାରେ ମଧ ଏହିଦିନ ଗୁଡି ଉଡ଼ାଇବା ଓ ଗୁଡି ଉଡ଼ାଇବାର ପ୍ରତିଯୋଗିତା ହୋଇଥାଏ। ରାଜସ୍ଥାନ ରେ ଏହି ପର୍ବ ସୁହାଗ ଏବଂ ସୌଭାଗ୍ୟ ସହ ଯୋଡିହୋଇଛି। ମହିଳାମାନେ ଗୁରୁଜନ ମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥାନ୍ତି ଏପରିକି ବିବାହିତ ମହିଳାମାନଙ୍କୁ ବସ୍ତ୍ର ଏବଂ ଅନ୍ୟ ଶୃଙ୍ଗାର ସାମଗ୍ରୀ ପ୍ରଦାନ କରିଥାନ୍ତି। ଏହି ଦିନ ଅନେକ ପରିବାର ପକ୍ଷରୁ ସାମୁହିକ ଭୋଜିର ଆୟାଜନ ମଧ କରାଯାଇଥାଏ। ଏହି ପରମ୍ପରା ମହିଳାମାନଙ୍କ ସାମାଜିକ ଭୂମିକା ଏବଂ ପାରିବାରିକ ସନ୍ତୁଳନକୁ ଉଜାଗର କରିଥାଏ। ତାମିଲନାଡୁରେ ଏହାକୁ ପୋଙ୍ଗଲ ନାମରେ ପାଳନ କରାଯାଇଥାଏ କିନ୍ତୁ କର୍ଣ୍ଣାଟକ, କେରଳ ତଥା ଆନ୍ଧ୍ର ପ୍ରଦେଶରେ ଏହାକୁ କେବଳ ସଂକ୍ରାନ୍ତ ବୋଲି କହିଥାନ୍ତି। ଭାରତର ଏହା ଏକ ପ୍ରମୁଖ ପର୍ବ ହୋଇଥିବା ବେଳେ ପଡ଼ୋଶୀ ଦେଶ ନେପାଳରେ ମଧ ଏହି ପର୍ବ ପାଳିତ ହୋଇଥାଏ। ମକର ସଂକ୍ରାନ୍ତି ପାଳନ ପଛରେ ଅନେକ ପୌରାଣିକ କାହାଣୀ ମଧ ରହିଛି। ଶାସ୍ତ୍ର ଅନୁସାରେ ମକର ସଂକ୍ରାନ୍ତି ଦିନ ଭଗବାନ ସୂର୍ଯ୍ୟ ତାଙ୍କ ପୁତ୍ର ଶନିଦେବଙ୍କୁ ଭେଟିବା ପାଇଁ ତାଙ୍କର ଘର (ମକର ରାଷି)କୁ ଯାଇଥାନ୍ତି। ଅନ୍ୟ ଏକ ତଥ୍ୟ ଅନୁସାରେ ଏହି ଦିନ ଗଙ୍ଗା ନଦୀ ରାଜା ଭଗିରଥଙ୍କ ତପସ୍ୟାରେ ପ୍ରସନ୍ନ ହୋଇ କପିଳ ମୂନୀଙ୍କ ଆଶ୍ରମ ଦେଇ ସାଗରରେ ମିଶିଥିଲେ। ମହାଭାରତ କଳରେ ଭୀଷ୍ମ ପିତାମହ ତାଙ୍କର ଇଚ୍ଛା ମୃତ୍ୟୁ ପାଇଁ ଏହି ଦିନଟିକୁ ବାଛିଥିଲେ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ ଏହିଦିନ ଧନୁରାଶିରୁ ମକର ରାଷିକୁ ଚଳନ କରିଥାନ୍ତି ଯାହାକୁ ସୂର୍ଯ୍ୟଙ୍କ ଉତ୍ତରାୟ ବୋଲି କୁହାଯାଏ।

## ଅନିୟନ୍ତ୍ରିତ ବେଗ ଓ ବିପଦପୂର୍ଣ୍ଣ ପ୍ରତିଯୋଗିତା

ସାମ୍ପ୍ରତିକ ସମୟରେ ବୈଷୟିକ ଜ୍ଞାନକୌଶଳର ଅଭିବୃଦ୍ଧି ଆମ ଜୀବନଶୈଳୀକୁ ଅନେକାଂଶରେ ସହଜ କରିଦେଇଛି । ଘରେ ବସି ଗୋଟିଏ କ୍ଲିକ୍‌ରେ ଖାଦ୍ୟଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇବା ଆଜିର ବ୍ୟସ୍ତବହୁଳ ଜୀବନରେ ଏକ ଆବଶ୍ୟକତା ପାଲଟିଛି । ତେବେ ଏହି ସୁବିଧାବାଦୀ ବଜାର ବ୍ୟବସ୍ଥାରେ ଏକ ନୂତନ ତଥା ବିପଜ୍ଜନକ ଧାରା ସୃଷ୍ଟି ହୋଇଥିଲା, ଯାହା ହେଉଛି 'କୁଇକ୍ କମର୍ସ' ବା ୧୦ ମିନିଟ୍ ମଧ୍ୟରେ ସାମଗ୍ରୀ ପହଞ୍ଚାଇବାର ପ୍ରତିଶ୍ରୁତି। ବ୍ଲିଙ୍କିଟ୍, ଜେପ୍ଟୋ ଏବଂ ସ୍ୱିଗି ଇନ୍‌ଷ୍ଟାମାର୍ଟ ଭଳି କମ୍ପାନୀଗୁଡ଼ିକ ମଧ୍ୟରେ ଚାଲିଥିବା ଏହି ଅନ୍ଧ ପ୍ରତିଯୋଗିତା କେବଳ ବଜାର ନିୟମକୁ ଉଲ୍ଲଂଘନ କରୁନଥିଲା, ବରଂ ହଜାର ହଜାର ଡେଲିଭରି ବୟ ବା 'ଗିଗ୍ ଶ୍ରମିକ'ଙ୍କ ଜୀବନକୁ ମଧ୍ୟ ବାଜି ଲଗାଇ ଦେଇଥିଲା। ସୌଭାଗ୍ୟବଶତଃ, କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ହସ୍ତକ୍ଷେପ କରି ଏହି '୧୦ ମିନିଟ୍ ଡେଲିଭରି' ଅଭ୍ୟାସ ଉପରେ ରୋକ୍ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ନିଶ୍ଚିତ ଭାବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ଭାରତୀୟ ବଜାରରେ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ କମ୍ପାନୀଗୁଡ଼ିକ ମଧ୍ୟରେ ସର୍ବଦା ପ୍ରତିଦ୍ୱନ୍ଦ୍ୱିତା ଲାଗିରହିଥାଏ । କିନ୍ତୁ ଯେତେବେଳେ ଏହି ପ୍ରତିଯୋଗିତା ମଣିଷର ସୁରକ୍ଷାକୁ ଅଣଦେଖା କରେ, ସେତେବେଳେ ରାଷ୍ଟ୍ରର ହସ୍ତକ୍ଷେପ ଜରୁରୀ ହୋଇପଡ଼େ। ଗତ କିଛି ବର୍ଷ ଧରି ଆମେ ଦେଖୁଛୁ ଯେ, ସହରାଞ୍ଚଳରେ ରାସ୍ତାଘାଟର ଅବସ୍ଥା ଏବଂ ଟ୍ରାଫିକ୍ ସମସ୍ୟା ସତ୍ତ୍ୱେ କିଛି କମ୍ପାନୀ ଗ୍ରାହକଙ୍କ ନିକଟରେ ୧୦ ମିନିଟ୍‌ରେ ଗ୍ରୋସରୀ ବା ଖାଦ୍ୟ ପହଞ୍ଚାଇବାର ଦାବି କରୁଥିଲେ । ଏହି ଦାବି ପଛରେ ଥିବା ବାସ୍ତବତା ଅତ୍ୟନ୍ତ କରୁଣ । କମ୍ପାନୀମାନେ ଯୁକ୍ତି ବାଢ଼ନ୍ତି ଯେ ସେମାନଙ୍କର 'ଡାର୍କ ଷ୍ଟୋର' ବା ଗୋଦାମ ଘରଗୁଡ଼ିକ ଗ୍ରାହକଙ୍କ ନିକଟରେ ଥିବାରୁ ସେମାନେ ଏତେ ଶୀଘ୍ର ସାମଗ୍ରୀ ପହଞ୍ଚାଇ ପାରୁଛନ୍ତି । କିନ୍ତୁ ବାସ୍ତବ ଚିତ୍ର ହେଉଛି, ଏହି ସମୟସୀମା ମଧ୍ୟରେ ଅର୍ଡର ପହଞ୍ଚାଇବା ପାଇଁ ଡେଲିଭରି ପାର୍ଟନରମାନଙ୍କ ଉପରେ ଅଦୃଶ୍ୟ ଚାପ ସୃଷ୍ଟି କରାଯାଏ। ଯଦିଓ କମ୍ପାନୀଗୁଡ଼ିକ କୁହନ୍ତି ଯେ ସେମାନେ ଡେଲିଭରି ପାର୍ଟନରଙ୍କୁ ଜରିମାନା କରନ୍ତି ନାହିଁ, କିନ୍ତୁ 'ଇନ୍‌ସେଣ୍ଟିଭ୍' ବା ପ୍ରୋତ୍ସାହନ ରାଶି ପାଇବାର ଲୋଭ ଏବଂ କମ୍ ସମୟରେ ଅଧିକ ଟ୍ରିପ୍ ମାରିବାର ନିଶା ଏହି ଶ୍ରମିକମାନଙ୍କୁ ବିପଦପୂର୍ଣ୍ଣ ଭାବେ ଗାଡ଼ି ଚଳାଇବାକୁ ବାଧ୍ୟ କରିଥାଏ।

କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟର ଏହି ନିଷ୍ପତ୍ତି ପଛରେ ଏକାଧିକ କାରଣ ରହିଛି, ଯାହାକୁ ଆମେ ବିଶ୍ଳେଷଣ କରିବା ଆବଶ୍ୟକ । ପ୍ରଥମତଃ, ସଡ଼କ ସୁରକ୍ଷା। ଭାରତ ବିଶ୍ୱର ସେହି ଦେଶମାନଙ୍କ ମଧ୍ୟରେ ଅନ୍ୟତମ ଯେଉଁଠାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ସର୍ବାଧିକ। ବ୍ୟସ୍ତବହୁଳ ରାସ୍ତାରେ, ଟ୍ରାଫିକ୍ ନିୟମକୁ ଉଲ୍ଲଂଘନ କରି, ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ଡେଲିଭରି ବୟମାନେ କେବଳ ନିଜ ଜୀବନକୁ ବିପଦରେ ପକାନ୍ତି ନାହିଁ, ବରଂ ରାସ୍ତାରେ ଯାଉଥିବା ଅନ୍ୟ ନିରୀହ ପଥଚାରୀଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି କରନ୍ତି। ଗତ କିଛି ମାସ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ଘଟିଥିବା ଦୁର୍ଘଟଣା, ଯେଉଁଥିରେ ଡେଲିଭରି ପାର୍ଟନରମାନଙ୍କର ମୃତ୍ୟୁ ଘଟିଛି ବା ସେମାନେ ଗୁରୁତର ଆହତ ହୋଇଛନ୍ତି, ତାହା ଏହି '୧୦ ମିନିଟ୍ ମଡେଲ୍'ର ଭୟାବହତାକୁ ପଦାରେ ପକାଇଛି । ହାଇଦ୍ରାବାଦରେ ଘଟିଥିବା ଏକ ଘଟଣା, ଯେଉଁଠାରେ ଜଣେ ଯୁବକ ଡେଲିଭରି ପାର୍ଟନର ପ୍ରାଣ ହରାଇଥିଲେ, ତାହା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଦ୍ୱିତୀୟତଃ, ଶ୍ରମିକଙ୍କ ଅଧିକାର ଏବଂ ମାନସିକ ସ୍ୱାସ୍ଥ୍ୟ। ଆମେ ଯେଉଁମାନଙ୍କୁ 'ଡେଲିଭରି ପାର୍ଟନର' ବୋଲି କହୁଛୁ, ସେମାନେ ପ୍ରକୃତରେ ଅଣସଂଗଠିତ କ୍ଷେତ୍ରର ଶ୍ରମିକ । ସେମାନଙ୍କର କୌଣସି ନିର୍ଦ୍ଦିଷ୍ଟ ଦରମା ନଥାଏ, କାମ ଅନୁସାରେ ପାଉଣା ମିଳେ । ସାମାଜିକ ସୁରକ୍ଷା, ଯେପରିକି ପିଏଫ୍, ଇଏସ୍‌ଆଇ କିମ୍ବା ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ସେମାନେ ପ୍ରାୟତଃ ବଞ୍ଚିତ ରୁହନ୍ତି । ଏଭଳି ପରିସ୍ଥିତିରେ, କମ୍ପାନୀଗୁଡ଼ିକ ନିଜର ବ୍ରାଣ୍ଡିଂ ପାଇଁ '୧୦ ମିନିଟ୍'ର ଯେଉଁ ବିଜ୍ଞାପନ ଦିଅନ୍ତି, ତାହା ଏହି ଶ୍ରମିକମାନଙ୍କ ମାନସିକ ସ୍ତରରେ ଏକ ଗଭୀର ଚାପ ସୃଷ୍ଟି କରେ। ଗ୍ରାହକଙ୍କ ଆପ୍‌ରେ ଯେତେବେଳେ ସମୟ ଗଣନା (ଟାଇମର) ଚାଲେ, ସେତେବେଳେ ଡେଲିଭରି ବୟ ଜଣକ ଅଜାଣତରେ ଏକ ଅଦୃଶ୍ୟ ଘଣ୍ଟା ସହ ଦୌଡ଼ିବାକୁ ବାଧ୍ୟ ହୁଏ। ଏହାଦ୍ୱାରା ସେମାନଙ୍କର ମାନସିକ ଚାପ ବୃଦ୍ଧି ପାଏ, ଯାହା ଦୀର୍ଘମିଆଦୀ ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇପାରେ। ଶ୍ରମ ମନ୍ତ୍ରଣାଳୟ ଏହି ଦିଗଟିକୁ ଗୁରୁତ୍ୱର ସହ ବିଚାର କରି କମ୍ପାନୀମାନଙ୍କୁ ଏଭଳି ବିଜ୍ଞାପନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଶ୍ରମିକ କଲ୍ୟାଣ ଦିଗରେ ଏକ ବଡ଼ ପଦକ୍ଷେପ। ତୃତୀୟତଃ, ଉପଭୋକ୍ତା ସଂସ୍କୃତିର ପରିବର୍ତ୍ତନ। ଆମେ ନିଜକୁ ପ୍ରଶ୍ନ କରିବା ଉଚିତ ଯେ, ପ୍ରକୃତରେ କ'ଣ ଆମକୁ ୧୦ ମିନିଟ୍ ଭିତରେ ଚିପ୍ସ ପ୍ୟାକେଟ୍ ବା ଅଟା ପ୍ୟାକେଟ୍ ନିହାତି ଆବଶ୍ୟକ ? ଆଧୁନିକ ଜୀବନଶୈଳୀ ଆମକୁ ଏତେ ଅଧୈର୍ଯ୍ୟ କରିଦେଇଛି ଯେ ଆମେ ୧୫-୨୦ ମିନିଟ୍ ଅପେକ୍ଷା କରିବାକୁ ପ୍ରସ୍ତୁତ ନୁହଁ । ଏହି 'ଇନ୍‌ଷ୍ଟାଣ୍ଟ ଗ୍ରାଟିଫିକେସନ୍' ବା ତୁରନ୍ତ ସନ୍ତୁଷ୍ଟିର ମାନସିକତା ବଜାରକୁ ଏଭଳି ଅବୈଜ୍ଞାନିକ ମଡେଲ୍ ଆପଣାଇବାକୁ ପ୍ରୋତ୍ସାହିତ କରୁଛି। ୟୁରୋପ କିମ୍ବା ଆମେରିକା ଭଳି ବିକଶିତ ଦେଶମାନଙ୍କରେ ମଧ୍ୟ ଏଭଳି ଅତି-ଦ୍ରୁତ ଡେଲିଭରି ମଡେଲ୍ ସଫଳ ହୋଇନାହିଁ କିମ୍ବା ସୁରକ୍ଷା ଦୃଷ୍ଟିରୁ ଏହାକୁ ଅନୁମତି ଦିଆଯାଇନାହିଁ । ତେବେ ଭାରତ ଭଳି ଜନବହୁଳ ଏବଂ ଜଟିଳ ଟ୍ରାଫିକ୍ ବ୍ୟବସ୍ଥା ଥିବା ଦେଶରେ ଏହା କିପରି ସମ୍ଭବ ? ଗ୍ରାହକ ହିସାବରେ ଆମର ମଧ୍ୟ ଦାୟିତ୍ୱ ରହିଛି। ଆମର ସାମାନ୍ୟ ଅଳସୁଆମି କିମ୍ବା ଅଧୈର୍ଯ୍ୟପଣ ପାଇଁ ଜଣେ ଗରିବ ଘରର ପିଲା ନିଜ ଜୀବନକୁ ପାଣି ଛଡ଼ାଇ ରାସ୍ତାରେ ଦୌଡ଼ିବା କେତେଦୂର ଯୁକ୍ତିଯୁକ୍ତ ?

କମ୍ପାନୀଗୁଡ଼ିକର ଯୁକ୍ତି ହେଉଛି ଯେ ସେମାନେ ଟେକ୍ନୋଲୋଜି ଏବଂ ଲଜିଷ୍ଟିକ୍ସର ଉନ୍ନତିକରଣ ମାଧ୍ୟମରେ ଏହି ସେବା ଯୋଗାଉଛନ୍ତି। କିନ୍ତୁ ବାସ୍ତବରେ, କୌଣସି ଆଲଗୋରିଦିମ୍ ବା ସଫ୍ଟୱେର୍ ରାସ୍ତାର ଟ୍ରାଫିକ୍ ଜାମ୍‌କୁ ହଟାଇ ପାରିବ ନାହିଁ କିମ୍ବା ଖାଲଖମା ରାସ୍ତାକୁ ମରାମତି କରିପାରିବ ନାହିଁ । ତେଣୁ, '୧୦ ମିନିଟ୍'ର ପ୍ରତିଶ୍ରୁତି କେବଳ ଏକ ବିପଣନ କୌଶଳ ବା 'ମାର୍କେଟିଂ ଗିମିକ୍' ଛଡ଼ା ଆଉ କିଛି ନୁହେଁ । ଏହି କୌଶଳ କେବଳ ଅନ୍ୟ ପ୍ରତିଯୋଗୀଙ୍କୁ ପଛରେ ପକାଇବା ପାଇଁ ଉଦ୍ଦିଷ୍ଟ, କିନ୍ତୁ ଏହାର ମୂଲ୍ୟ ଦେବାକୁ ପଡୁଛି ସାଧାରଣ ଡେଲିଭରି ବୟଙ୍କୁ । ସରକାରଙ୍କ ନିର୍ଦ୍ଦେଶ ପରେ ବ୍ଲିଙ୍କିଟ୍ ଏବଂ ଜେପ୍ଟୋ ଭଳି କମ୍ପାନୀମାନେ ନିଜର ବିଜ୍ଞାପନରୁ '୧୦ ମିନିଟ୍' ଶବ୍ଦ ହଟାଇବା ଆରମ୍ଭ କରିଛନ୍ତି। ଏହା ନିଶ୍ଚିତ ଭାବରେ ଏକ ସକାରାତ୍ମକ ଦିଗ । ଏହା ଦ୍ୱାରା ଡେଲିଭରି ପାର୍ଟନରଙ୍କ ଉପରୁ ମାନସିକ ଚାପ କମିବ ଏବଂ ସେମାନେ ଅଧିକ ସୁରକ୍ଷିତ ଭାବରେ ଗାଡ଼ି ଚଳାଇ ପାରିବେ। ତେବେ, କେବଳ ବିଜ୍ଞାପନ ବନ୍ଦ କରିଦେଲେ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହୋଇଯିବ ନାହିଁ। ସରକାରଙ୍କୁ ନିଶ୍ଚିତ କରିବାକୁ ହେବ ଯେ କମ୍ପାନୀଗୁଡ଼ିକ ଯେପରି ପରୋକ୍ଷରେ ଶ୍ରମିକମାନଙ୍କ ଉପରେ ଚାପ ନ ପକାନ୍ତି । ଅନେକ ସମୟରେ ଦେଖାଯାଏ ଯେ ବାହାରକୁ କୌଣସି ନିୟମ ନଥିଲେ ମଧ୍ୟ, ଭିତରେ ଆଲଗୋରିଦିମ୍ ମାଧ୍ୟମରେ ଶୀଘ୍ର ଡେଲିଭରି କରୁଥିବା ପିଲାଙ୍କୁ ଅଧିକ ଅର୍ଡର ମିଳେ ଏବଂ ବିଳମ୍ବ କରୁଥିବା ପିଲାଙ୍କୁ କମ୍ ଅର୍ଡର ମିଳେ । ଏଭଳି ବୈଷମ୍ୟମୂଳକ ନୀତି ଉପରେ ମଧ୍ୟ କଡ଼ା ନଜର ରଖିବା ଆବଶ୍ୟକ । ଗିଗ୍ ଶ୍ରମିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ନିୟାମକ ବ୍ୟବସ୍ଥା ବା 'ରେଗୁଲେଟୋରୀ ଫ୍ରେମୱାର୍କ'ର ଆବଶ୍ୟକତା ରହିଛି, ଯେଉଁଥିରେ ସେମାନଙ୍କର ସର୍ବନିମ୍ନ ମଜୁରୀ, କାର୍ଯ୍ୟ ସମୟ ଏବଂ ଦୁର୍ଘଟଣା ବୀମା ଭଳି ମୌଳିକ ଅଧିକାର ସୁରକ୍ଷିତ ରହିବ। ଏହି ପ୍ରସଙ୍ଗଟି କେବଳ ଏକ ବ୍ୟବସାୟିକ ନୀତିର ପରିବର୍ତ୍ତନ ନୁହେଁ, ବରଂ ଏହା ମାନବିକ ମୂଲ୍ୟବୋଧର ପ୍ରଶ୍ନ । ବିକାଶ ଏବଂ ଆଧୁନିକୀକରଣ ନାମରେ ଆମେ ମଣିଷ ଜୀବନକୁ ଶସ୍ତା କରିପାରିବା ନାହିଁ। କୌଣସି ସୁବିଧା ବା 'କନଭିନିଏନ୍ସ' କାହାର ରକ୍ତ ବା ଜୀବନ ବିନିମୟରେ ଆସିବା ଅନୁଚିତ।

ପରିଶେଷରେ, କୁଇକ୍ କମର୍ସ ପ୍ଲାଟଫର୍ମଗୁଡ଼ିକ ଉପରେ ସରକାରଙ୍କ ଏହି ଅଙ୍କୁଶ ଏକ ଅତ୍ୟନ୍ତ ସମୟୋପଯୋଗୀ ଏବଂ ପ୍ରଶଂସନୀୟ ନିଷ୍ପତ୍ତି । କିନ୍ତୁ ଏହି ନିଷ୍ପତ୍ତିର ସଫଳ ରୂପାୟନ ପାଇଁ ନିରନ୍ତର ତଦାରଖ ଆବଶ୍ୟକ । କମ୍ପାନୀଗୁଡ଼ିକ ଯେପରି ଅନ୍ୟ କୌଣସି ଉପାୟରେ ଶ୍ରମିକ ଶୋଷଣ ନ କରନ୍ତି, ସେଥିପ୍ରତି ସଜାଗ ରହିବାକୁ ପଡ଼ିବ। ଆଶା କରାଯାଏ ଯେ ଭବିଷ୍ୟତରେ ଭାରତର ଗିଗ୍ ଇକୋନୋମି ଏକ ସୁସ୍ଥ, ସୁରକ୍ଷିତ ଏବଂ ମାନବିକ ପରିବେଶ ମଧ୍ୟରେ ଗତି କରିବ, ଯେଉଁଠାରେ ବେଗ ଅପେକ୍ଷା ଜୀବନର ମୂଲ୍ୟ ଅଧିକ ରହିବ। '୧୦ ମିନିଟ୍'ର ମୋହ ତ୍ୟାଗ କରି ଏକ ଦାୟିତ୍ୱବାନ ନାଗରିକ ଏବଂ ବ୍ୟବସାୟିକ ସମାଜ ଗଠନ ଦିଗରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେଉ।



## ସଂକ୍ରାନ୍ତି ପୁରୁଷ ଫକୀର ମୋହନ ସେନାପତି


ସୁଷମା ପରିଜା


୧୮୪୩ ମସିହାର ଜାନୁଆରୀ ମାସ ୧୩ ତାରିଖ ଦିନ ମକର ସଂକ୍ରାନ୍ତି ତିଥିରେ ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁର ଗ୍ରାମ ରେ ଜନ୍ମଗ୍ରହଣ କରିଥିଲେ ଫକୀରମୋହନ । ତାଙ୍କର ପିତାଙ୍କ ନାମ ଥିଲା ଲକ୍ଷ୍ମଣ ଚରଣ ସେନାପତି ଓ ମାତାଙ୍କ ନାମ ଥିଲା ତୁଳସୀ ଦେବୀ । ତାଙ୍କୁ ଏକ ବର୍ଷ ପାଞ୍ଚ ମାସ ବୟସ ବେଳେ ଲକ୍ଷ୍ମଣଙ୍କ ମୃତ୍ୟୁ ଘଟିଥିଲା। ଏହାର ମାତ୍ର ୧୪ ମାସ ପରେ ତୁଳସୀଙ୍କ ଦେହାନ୍ତ ହୋଇଥିଲା। ଶୈଶବରୁ ତାଙ୍କ ଜେଜେମା ତାଙ୍କ ଲାଳନପାଳନ କରିଥିଲେ । ଫକୀରମୋହନଙ୍କ ଜନ୍ମ ପରେ ତାଙ୍କ ନାମ ବ୍ରଜମୋହନ ଦିଆଯାଇଥିଲା । ବାଲ୍ୟକାଳରେ ସେ ପ୍ରାୟତଃ ଅସୁସ୍ଥ ରହୁଥିବାରୁ ତାଙ୍କ ଜେଜେ ତାଙ୍କୁ ଫକୀରମାନଙ୍କ ପାଖକୁ ନେଇଯାଉଥିଲେ। ସେହି ଫକୀରମାନଙ୍କ ସମ୍ମାନାର୍ଥେ ତାଙ୍କ ଜେଜେମା' ତାଙ୍କ ନାଁ ବଦଳାଇ କରିଦେଲେ ଫକୀରମୋହନ।

ବାଲ୍ୟକାଳରେ ସବୁବେଳେ ଅସୁସ୍ଥ ରହୁଥିବାରୁ, ସେ ୯ବର୍ଷ ବୟସରେ ଫଳା ଶିଖିବା ଆରମ୍ଭ କରିଥିଲେ ଫକୀରମୋହନ । ପାଠ ପଢ଼ି ପଇସା ଦେବାର କ୍ଷମତା ନ ଥିବାରୁ ସେ ଶିକ୍ଷକଙ୍କ ଘରେ କାମ କରି ପଢୁଥିଲେ । ବିଦ୍ୟା ଆହରଣ କରିବାରେ ସେ ପ୍ରବଳ ଆଗ୍ରହୀ ଥିଲେ । ନିଜ ମାତୃଭାଷାରେ ଜ୍ଞାନକୋଷ ଭରିବା ସହିତ ସେ ପାର୍ସୀ ଭାଷା ମଧ୍ୟ ଶିକ୍ଷା କରିଥିଲେ । ପିଲାଦିନେ ସେ ଶ୍ରମିକ ଭାବରେ ବାଲେଶ୍ୱରରେ ଥିବା ବନ୍ଦରରେ ମଧ୍ୟ କାର୍ଯ୍ୟ କରୁଥିଲେ ଏବଂ ସେଠାରେ ସେ ବଙ୍ଗାଳୀ ଓ ସଂସ୍କୃତ ଭାଷା ମଧ୍ୟ ଶିକ୍ଷା କରିଥିଲେ ।

ଫକୀରମୋହନ ମାଇନର ପାଶ୍ କଲା ପରେ ବାଲେଶ୍ୱରର ବାରବାଟୀ ସ୍କୁଲରେ ପଢ଼ିଲେ। ସେଠାରେ ସେ ଇତିହାସ, ଭୂଗୋଳ ଏବଂ ଗଣିତ ଶିକ୍ଷା କରୁଥିଲେ । ତେବେ ଆର୍ଥିକ ଦୁରବସ୍ଥା ଯୋଗୁଁ ବିଦ୍ୟାଳୟର ମାସିକ ଖର୍ଚ୍ଚ ୨୫ ପଇସା ଦେଇ ନ ପାରି ତାଙ୍କୁ ପାଠପଢ଼ା ତ୍ୟାଗ କରିବାକୁ ପଡ଼ିଥିଲା ଏବଂ ସେହି ବାରବାଟୀ ସ୍କୁଲରେ ତାଙ୍କୁ ମାସିକ ଟ. ୨.୫୦ ପଇସା ଦରମାରେ ଶିକ୍ଷକ ଚାକିରୀ କରିବାକୁ ପଡ଼ିଥିଲା । ସେଠାରେ ସେ ଇତିହାସ, ଭୂଗୋଳ ଏବଂ ଗଣିତରେ ଶିକ୍ଷାଦାନ କରୁଥିଲେ । ତେଣୁ ଏହି ସବୁ ବିଷୟରେ ସେ ନିଜେ ନିଜର ଜ୍ଞାନକୁ ପ୍ରଗାଢ଼ କରିପାରିଥିଲେ । କିଛି ଦିନ ପରେ ବାଲେଶ୍ୱର କଲେକ୍ଟରେଟ୍‌ରେ କିଛି କାଳ ପାଇଁ ସେ କିରାଣୀ ଚାକିରି ମଧ୍ୟ କରିଥିଲେ । ପରବର୍ତ୍ତୀ କାଳରେ ସେ ବାଲେଶ୍ୱର ମିଶନ ସ୍କୁଲରେ ୧୮୭୧ ଯାଏଁ ଶିକ୍ଷକତା କରିଥିଲେ ।ନିଜ ପରିଶ୍ରମ ବଳରେ ଯଦିଓ ଫକୀରମୋହନ ୨୩ ବର୍ଷ ବୟସରେ ଇଂରାଜୀ ଶିକ୍ଷା ଆରମ୍ଭ କରିଥିଲେ, କିନ୍ତୁ ତାଙ୍କର ପ୍ରକୃତିଦତ୍ତ ଦକ୍ଷତା ପାଇଁ ସେ ବିଦେଶୀମାନଙ୍କର ମଧ୍ୟ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ଶିକ୍ଷକତା କରିବା ସଙ୍ଗେ ସଙ୍ଗେ ସେ ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ବଙ୍ଗାଳୀ ଆଦି ଭାଷାରେ ଦକ୍ଷତା ହାସଲ କରିଥିଲେ ଓ ବିଭିନ୍ନ ଆଲୋଚନାମାନଙ୍କରେ ଭାଗ ନେଇ ବାଲେଶ୍ୱରର ବୁଦ୍ଧିଜୀବି ମହଲରେ ନିଜର ସ୍ୱତନ୍ତ୍ର ସ୍ଥାନ ପ୍ରତିଷ୍ଠା କରିଥିଲେ ।

ସେହି ସମୟରେ ଓଡ଼ିଆ ଛାତ୍ରମାନେ ସମସ୍ତ ପାଠ ବଙ୍ଗଳାରେ ପଢୁଥିଲେ, ତେଣୁ ସେ ଓଡ଼ିଆରେ ବିଭିନ୍ନ ବିଷୟରେ ପାଠ୍ୟପୁସ୍ତକମାନ ରଚନା କରିଥିଲେ । ଜଣେ ଗର୍ବିତ ଓଡ଼ିଆ ଭାବରେ ସେ ଓଡ଼ିଆରେ ପାଠ୍ୟପୁସ୍ତକ ସବୁକୁ ଅନୁବାଦ କରି ଓଡ଼ିଶାର ଏବଂ ଓଡ଼ିଆ ଭାଷାର ସମ୍ମାନ ବୃଦ୍ଧି କରିଥିଲେ ।

ବାରବାଟୀ ସ୍କୁଲରୁ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିବା ଫକୀରମୋହନ ପରବର୍ତ୍ତୀ ସମୟରେ ଖ୍ରୀଷ୍ଟିଆନ ମିଶନ ସ୍କୁଲର ପ୍ରଧାନଶିକ୍ଷକ ରୂପେ ନିଯୁକ୍ତି ପାଇଥିଲେ । ଖ୍ରୀଷ୍ଟିଆନ ମିଶନ ସ୍କୁଲରେ ସେ ୧୮୭୧ ଯାଏ କାର୍ଯ୍ୟ କରିଥିଲେ । ସେହି ସୂତ୍ରରେ ତାଙ୍କର ପରିଚୟ ହୁଏ ବାଲେଶ୍ୱରର ତତ୍କାଳୀନ କଲେକ୍ଟର ଜନ୍ ବିମ୍ସଙ୍କ ସହ। 'ସୁନା ଚିହ୍ନେ ବଣିଆ, ଗୁଣ ଚିହ୍ନେ ଗୁଣିଆ' ପରି ବିମ୍ସ ସାହେବ ଯିଏ ନିଜେ ଜଣେ ବିଦ୍ୱାନ ଥିଲେ, ସେ ଫକୀରମୋହନଙ୍କ ଅନ୍ତର୍ନିହିତ ପାଣ୍ଡିତ୍ୟକୁ ଚିହ୍ନିପାରିଥିଲେ । ଏହି ସମୟରେ ଜନ୍ ବିମ୍ସ ସାହେବ ବିଭିନ୍ନ ଭାରତୀୟ ଭାଷାର ତୁଳନାତ୍ମକ ବ୍ୟାକରଣ ଉପରେ ଗୋଟିଏ ପୁସ୍ତକ ରଚନା କରୁଥିଲେ । ଏଥିଲାଗି ସେ ଫକୀରମୋହନଙ୍କ ଠାରୁ ଓଡ଼ିଆ ଭାଷା ଓ ସାହିତ୍ୟ ଶିକ୍ଷା କରିଥିଲେ । ଫକୀରମୋହନଙ୍କ ପାଣ୍ଡିତ୍ୟରେ ପ୍ରଭାବିତ ବିମ୍ସ ସାହେବ ତାଙ୍କୁ ପ୍ରଥମେ ନୀଳଗିରିର ଦେୱାନ ପଦରେ ନିଯୁକ୍ତି ଦେଇଥିଲେ । ମଧ୍ୟ ଏହି ପ୍ରସ୍ତାବ ଗ୍ରହଣ କଲେ । ତାଙ୍କର ମାସିକ ଦରମା ରହିଲା ୧୦୦୦ ଟଙ୍କା । ସେଠାରେ ଫକୀରମୋହନଙ୍କ କାର୍ଯ୍ୟ ଦକ୍ଷତା ଦେଖିବା ପରେ ସେ ଓଡ଼ିଶାର ବିଭିନ୍ନ ସ୍ଥାନ ମାନଙ୍କରେ ଫକୀରମୋହନଙ୍କୁ ଦେୱାନ ନିଯୁକ୍ତ କରାଇଥିଲେ । ୧୮୭୧ରୁ ୧୮୭୫ ଯାଏଁ ନୀଳଗିରିରେ, ୧୮୭୬-୭୭ ଯାଏଁ ଡମପଡାରେ, ୧୮୭୭-୮୩ ଯାଏଁ ଢେଙ୍କାନାଳରେ, ୧୮୮୪-୮୬ ଯାଏଁ ଦଶପଲ୍ଲାରେ, ୧୮୮୬-୮୭ ଯାଏଁ ପାଲଲହଡ଼ାରେ, ୧୮୮୭-୯୨ ଯାଏଁ କେଉଁଝରରେ ଓ ୧୮୯୪-୯୬ ଯାଏଁ ପୁନର୍ବାର ଡମପଡାରେ ସେ ଏହି ଦାୟିତ୍ୱ ତୁଲାଇଥିଲେ । ସେଇ ସମସ୍ତ ଇଷ୍ଟେଟ୍‌ର ଦେୱାନ ଭାବରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରିଥିଲେ।

୧୮୯୬ରୁ ୧୯୦୫ ଯାଏଁ ସେ କଟକରେ ଅବସ୍ଥାନ କରିଥିଲେ ଓ ବିଭିନ୍ନ ସାହିତ୍ୟିକ ଅନୁଷ୍ଠାନମାନଙ୍କରେ ଅଂଶଗ୍ରହଣ କରିଥିଲେ । ୧୮୬୮ରେ ନିଜସ୍ୱ ପ୍ରଚେଷ୍ଟା ବଳରେ ସେ ବାଲେଶ୍ୱରରେ 'ଉତ୍କଳ ପ୍ରେସ' ନାମରେ ଏକ ଛାପାଖାନା ପ୍ରତିଷ୍ଠା କଲେ, ଯାହା ହେଉଛି ଓଡ଼ିଶାର ଦ୍ୱିତୀୟ ଛାପାଖାନା । ଏହିଠାରୁ ସେ ଓଡ଼ିଆରେ ବିଭିନ୍ନ ପତ୍ରିକା ଓ ସମ୍ବାଦପତ୍ରମାନ ସମ୍ପାଦନା ଓ ପ୍ରକାଶନ କଲେ । ଏଥିମଧ୍ୟରୁ 'ବୋଧଦାୟିନୀ', 'ନବସମ୍ବାଦ' ଓ 'ସମ୍ବାଦ ବାହିକା' ଆଦି ପ୍ରଧାନ । ପ୍ରଥମାବସ୍ଥାରେ ସେ ପ୍ରକାଶକ, ଲେଖକ, ସମ୍ପାଦକ, ମୁଦ୍ରଣକାରୀ, ବଣ୍ଟନକାରୀ ଏବଂ ମାଲିକ ଥିଲେ । ପରବର୍ତ୍ତୀ ସମୟରେ ସେ ରାଧାନାଥ ରାୟ ଏବଂ ମଧୁସୂଦନ ରାଓଙ୍କୁ ନିଜର ସହକର୍ମୀ ଭାବରେ ନେଇଥିଲେ ଏବଂ ସେମାନେ ବୋଧଦାୟିନୀ ପାଇଁ ଗଳ୍ପ ଲେଖୁଥିଲେ। ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ଭାବରେ ସେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଭଳି ପୁରୋଧାଙ୍କ ସହିତ କାର୍ଯ୍ୟ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ରେ ମଧ୍ୟ ତାଙ୍କର ଅତୁଳନୀୟ ଅବଦାନ ରହିଛି। ଫକୀରମୋହନ ସେନାପତି ଓଡ଼ିଆ ଗଳ୍ପ ସାହିତ୍ୟର ଜନକ । ଫକୀରମୋହନ ତାଙ୍କ ଜୀବନର ଶେଷ ୨୧ ବର୍ଷ ମଧ୍ୟରେ ଅନେକ ଗଳ୍ପ, କବିତା ଏବଂ ଉପନ୍ୟାସ ରଚନା କରିଛନ୍ତି। ୧୮୬୦ରେ ଫକୀରମୋହନଙ୍କ ରଚିତ କ୍ଷୁଦ୍ରଗଳ୍ପ 'ଲଛମନିଆ', ତାଙ୍କରି ଦ୍ୱାରା ସମ୍ପାଦିତ ଓ ବାଲେଶ୍ୱରରୁ ପ୍ରକାଶିତ "ବୋଧଦାୟିନୀ "ପତ୍ରିକାରେ ପ୍ରକାଶିତ ହୋଇଥିଲା । ତେବେ ଦୁର୍ଭାଗ୍ୟବଶତଃ ତାଙ୍କର ଆତ୍ମଜୀବନୀରେ ଏହା ବିଷୟରେ ସାମନ୍ୟ ଟିକିଏ ବର୍ଣ୍ଣନା ବ୍ୟତୀତ ଏହି ଗଳ୍ପର ସ୍ରୋତ ସମ୍ବନ୍ଧରେ ଅନ୍ୟ କୌଣସି ଖୁଅ ମିଳେନାହିଁ, ନଚେତ୍ ସମଗ୍ର ଭାରତବର୍ଷରେ ଏହି ସାହିତ୍ୟିକ ବିଭାଗର ସ୍ରଷ୍ଟା ରୂପେ ସେ ବିବେଚିତ ହୋଇଥା'ନ୍ତେ। ୧୮୯୮ରେ ତାଙ୍କ ରଚିତ 'ରେବତୀ' ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିଲା ପ୍ରଥମ ଓଡ଼ିଆ ଗଳ୍ପର ମାନ୍ୟତା ପାଏ। ଫକୀରମୋହନଙ୍କ ରଚିତ ଅନ୍ୟାନ୍ୟ କ୍ଷୁଦ୍ରଗଳ୍ପଗୁଡ଼ିକ : ରେବତୀ (୧୮୯୮), ବାଲେଶ୍ୱର ପଙ୍ଗାଲୁଣ, ବାଲେଶ୍ୱର ରାହାଜାନୀ, ମୌନାମୌନୀ (୧୯୦୭) ପୁନର୍ମୂଷିକଭବ (୧୯୦୯), ଡାକମୁନିସୀ (୧୯୧୨), କାଳିକାପ୍ରସାଦ ଗୋରାପ, କମଳାପ୍ରସାଦ ଗୋରାପ, ଧୂଳିଆ ବାବା, ପେଟେଣ୍ଟ ମେଡିସିନ, ସୁନାବୋହୂ, ବିରେଇ ବିଶାଳ, ରାଣ୍ଡିପୁଅ ଅନନ୍ତା (୧୯୧୩) ବଗଲାବଗୁଲୀ, ସଭ୍ୟ ଜମିଦାର (୧୯୧୪) ଅଜାନାତି କଥା, ମାଧମହାନ୍ତିଙ୍କ କନ୍ୟାସୁନା, ଅଧର୍ମ ବି, ପାଠୋଇ ବୋହୂ (୧୯୧୫), ଗାରୁଡ଼ିମନ୍ତ୍ର (୧୯୧୬)

କବିତା : ଫକୀରମୋହନଙ୍କ ପ୍ରଥମ କବିତା ସଙ୍କଳନ 'ଉତ୍କଳ ଭ୍ରମଣ' ୧୮୯୨ରେ ପ୍ରକାଶ ପାଇଥିଲା। ତାଙ୍କର ଅନ୍ୟାନ୍ୟ ପଦ୍ୟ କୃତିମାନଙ୍କ ମଧ୍ୟରେ 'ପୁଷ୍ପମାଳା', 'ଉପହାର', 'ପୂଜା ଫୁଲ', 'ପ୍ରାର୍ଥନା', 'ଅବସର ବାସରେ' ଓ 'ଧୂଳି' ପ୍ରଧାନ । ନିଜସ୍ୱ କୃତି ବ୍ୟତୀତ ସେ ମଧ୍ୟ ସଂସ୍କୃତ 'ମହାଭାରତ' ଓ 'ରାମାୟଣ'କୁ ଓଡ଼ିଆରେ ଅନୁବାଦ କରିଥିଲେ ।

ସାହିତ୍ୟର ବିଭିନ୍ନ ବିଭାଗ ଯଥା ଅନୁବାଦ ସାହିତ୍ୟ (ସଂସ୍କୃତରୁ), କାବ୍ୟ-କବିତା ଇତ୍ୟାଦିରେ ସେ ସାହିତ୍ୟ ସୃଜନ କରିଥିଲେ ହେଁ ସେ ମୁଖ୍ୟତଃ ଓଡ଼ିଆ ଉପନ୍ୟାସ ସାହିତ୍ୟର ସୃଷ୍ଟିକର୍ତ୍ତା ରୂପେ ସୁପରିଚିତ । ୧୮୯୭ରୁ ୧୯୧୫ ମଧ୍ୟରେ ରଚିତ ତାଙ୍କର ଚାରୋଟି ଉପନ୍ୟାସ - 'ଛ' ମାଣ ଆଠ ଗୁଣ୍ଠ', 'ମାମୁଁ', 'ପ୍ରାୟଶ୍ଚିତ' ଓ 'ଲଛମା' ତତ୍କାଳୀନ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଓଡ଼ିଶାର ସାମାଜିକ ଅବସ୍ଥାର ନିଚ୍ଛକ ଦର୍ପଣ । ଛ' ମାଣ ଆଠ ଗୁଣ୍ଠ ଉପନ୍ୟାସରେ ଜମିଦାରମାନଙ୍କ ଦେଇ ଗରିବ ଚାଷୀମାନଙ୍କର ଶୋଷଣର କାହାଣୀ ବର୍ଣ୍ଣିତ ହୋଇଛି । ଓଡ଼ିଆର ପ୍ରଥମ ଆତ୍ମଜୀବନୀର ମଧ୍ୟ ସେ ଥିଲେ ରଚୟିତା । ଏହାର ନାମ ଥିଲା 'ଆତ୍ମଜୀବନ ଚରିତ' । ଫକୀରମୋହନ ୧୮୫୬ ରେ ମାତ୍ର ୧୪ ବର୍ଷ ବୟସରେ ବିବାହ କରିଥିଲେ । ତାଙ୍କର ପ୍ରଥମ ସ୍ତ୍ରୀ ଲୀଳା ଦେବୀ ଥିଲା। ସେ ରୋଗ ଶଯ୍ୟାରେ ଥିବାବେଳେ ରାମାୟଣ ଓ ମହାଭାରତକୁ ଓଡ଼ିଆରେ ଶୁଣିବାକୁ ଇଚ୍ଛା କରିବାରୁ ଫକୀରମୋହନ ଏହାର ଅନୁବାଦ କରିଥିଲେ । ଏ ଦୁଇଟିଯାକ ମୂଳ ଲେଖା ର ଆକ୍ଷରିକ ଅନୁବାଦ ନୁହେଁ ବରଂ ଭାବାନୁବାଦ ବୋଲି କୁହାଯାଏ। ତେବେ ତାଙ୍କର ଏହି ରଚନା ଦ୍ୱୟ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିବାରୁ ତାଙ୍କର ଏହି ମହତ ପ୍ରଚେଷ୍ଟା ଲାଗି ତାଙ୍କୁ ବ୍ୟାସକବିର ଆଖ୍ୟା ଦିଆଯାଇଛି । ତତ୍କାଳୀନ ବାମଣ୍ଡାର ରାଜାଙ୍କଦ୍ୱାରା ସେ ମଧ୍ୟ 'ସରସ୍ୱତୀ' ଉପାଧିରେ ପୁରସ୍କୃତ ହୋଇଥିଲେ ।

ତାଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ୧୮୭୧ରେ କୃଷ୍ଣା କୁମାରୀଙ୍କୁ ପୁନର୍ବାର ବିବାହ କରିଥିଲେ । ୧୮୭୭ ମସିହାରେ ରେତାଙ୍କର ପ୍ରଥମ ପୁତ୍ରର ମାତ୍ର ଛ' ବର୍ଷ ବୟସରେ ଅକାଳ ମୃତ୍ୟୁ ଘଟିଥିଲା । ୧୮୮୧ରେ ତାଙ୍କର ଦ୍ୱିତୀୟ ସ୍ତ୍ରୀଙ୍କ ଔରସରୁ ଦ୍ୱିତୀୟ ପୁତ୍ର ଜନ୍ମଗ୍ରହଣ କରିଥିଲା । ତାଙ୍କର ଦ୍ୱିତୀୟ ସ୍ତ୍ରୀ ମଧ୍ୟ ୧୮୯୪ରେ ହଇଜାରେ ପରଲୋକଗାମୀ ହୋଇଥିଲେ । ପରବର୍ତ୍ତୀ କାଳରେ ନିଜ ପୁତ୍ର ସହ ମଧ୍ୟ ତାଙ୍କର ମନାନ୍ତର ଘଟିଥିଲା । ଏହିପରି ତାଙ୍କର ପାରିବାରିକ ଜୀବନ ନିତାନ୍ତ କଷ୍ଟଦାୟକ ଓ ଦୁର୍ଘଟଣାପୂର୍ଣ୍ଣ ଥିଲା ।

ଓଡ଼ିଆ ଭାଷାର ଉନ୍ନତି ଓ ପ୍ରଚାର ନିମନ୍ତେ ସେ ୧୮୬୭ରେ 'ଉତ୍କଳ ଭାଷା ଉନ୍ନତି ବିଧାନି ସଭା' ନାମକ ଏକ ସଙ୍ଗଠନ ଗଢ଼ିଥିଲେ । 'ଉତ୍କଳ ସାହିତ୍ୟ ସମାଜର' ୧୯୧୨ ଓ ୧୯୧୭ର ବାର୍ଷିକ ସଭାରେ ସେ ସଭାପତି ଦାୟିତ୍ୱ ତୁଲାଇଥିଲେ । (୨) ୧୯୧୫ ମସିହାରେ ଫକୀରମୋହନ ସତ୍ୟବାଦୀ ବିଦ୍ୟାଳୟକୁ ପରିଭ୍ରମଣରେ ଯାଇଥିଲେ ଏବଂ ସେଠାରେ ଉତ୍କଳମଣି ଗୋପବନ୍ଧୁ ଦାସ ଙ୍କର କାର୍ଯ୍ୟ ଦେଖି ଅତ୍ୟନ୍ତ ଖୁସି ହୋଇଥିଲେ ।

୨୦୨୫ ମସିହାରେ ପ୍ରସିଦ୍ଧ ଲେଖକ ଏ.କେ. ଥୋମାସ୍‌ଙ୍କ ଦ୍ୱାରା ସଙ୍କଳିତ ଆଲେପ୍ ବୁକ୍ କମ୍ପାନୀ ଦ୍ୱାରା ପ୍ରକାଶିତ ଶହେଟି ଭାରତୀୟ ଶ୍ରେଷ୍ଠ ଗଳ୍ପ ମଧ୍ୟରେ ପ୍ରଥମରେ ସ୍ଥାନ ପାଇଛି ଫକୀରମୋହନ ସେନାପତିଙ୍କ "ରେବତୀ"।

ଓଡ଼ିଆ ଭାଷା ସାହିତ୍ୟର ବ୍ୟାସକବି ବୋଲାଉ ଥିବା ଏହି ମହାନ ଶବ୍ଦ ଶିଳ୍ପୀଙ୍କର ଦେହାନ୍ତ ହୋଇଥିଲା ୧୯୧୮ ମସିହାର ଜୁନ୍ ମାସ ୧୪ ତାରିଖ ଦିନରେ ସଂକ୍ରାନ୍ତି ତିଥିରେ। ଏଣୁ ଅନେକେ ତାଙ୍କୁ ସଂକ୍ରାନ୍ତି ପୁରୁଷ ବୋଲି ଅଭିହିତ କରିଥାନ୍ତି।


+ଶାରଳା ଭବନ ପୋତା
ପୋଖରୀ କଟକ-୪
ମୋ: ୯୩୩୭୨୭୨୬୪୭




## ମକର ସଂକ୍ରାନ୍ତିର ଆଧ୍ୟାତ୍ମିକ ଚେତନା ଓ ପ୍ରଭୁ ଶ୍ରୀରାମଚନ୍ଦ୍ର


ସତ୍ୟ ମହାପାତ୍ର


ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ସୂର୍ଯ୍ୟ ନାରାୟଣଙ୍କ ସ୍ତୁତି କରି ଅନ୍ଧକାରରୁ ଆଲୋକ ଆଡ଼କୁ ଯିବା ଲାଗି ଏହି ପର୍ବ ପ୍ରେରଣା ପ୍ରଦାନ କରିଥାଏ। ଏହି ପର୍ବ ଜୀବନରେ ଶୁଷ୍କତାକୁ ସମାପ୍ତ କରି ନୂତନ ଶକ୍ତି ଭରିଥାଏ। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବାକୁ ମକର ସଂକ୍ରାନ୍ତି କୁହାଯାଏ। ଭାରତ ଭୂଖଣ୍ଡ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଅବସ୍ଥିତ। ମକର ସଂକ୍ରାନ୍ତି ପୂର୍ବରୁ ସୂର୍ଯ୍ୟ ଦକ୍ଷିଣ ଗୋଲାର୍ଦ୍ଧରେ ଥାଆନ୍ତି। ମକର ସଂକ୍ରାନ୍ତି ପରଠାରୁ ସେ ଉତ୍ତର ଗୋଲାର୍ଦ୍ଧକୁ ପ୍ରବେଶ କରିଥାନ୍ତି। ଏହାର ଅର୍ଥ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧରେ ଥାଆନ୍ତି। ସୂର୍ଯ୍ୟ ନିକଟକୁ ଆସୁଥିବାର ମକର ସଂକ୍ରାନ୍ତିରେ ତାଙ୍କର ପୂଜା କରାଯାଇଥାଏ। ମକର ସଂକ୍ରାନ୍ତିର ଅନେକ ପୌରାଣିକ ମହତ୍ୱ ରହିଛି। ସୂର୍ଯ୍ୟଙ୍କ ଉତ୍ତରାୟଣ ଠାରୁ ସମସ୍ତ ଧାର୍ମିକ କାର୍ଯ୍ୟ ଆରମ୍ଭ ହୋଇଥାଏ। ମହାଭାରତ ଯୁଦ୍ଧ ସମୟରେ ଶର ଶଯ୍ୟାରେ ଶୋଇଥିବା ପିତାମହ ଭୀଷ୍ମ ସୂର୍ଯ୍ୟଙ୍କ ଉତ୍ତରାୟଣ ହେବାକୁ ଅପେକ୍ଷା କରିଥିଲେ। ସୂର୍ଯ୍ୟ ଉତ୍ତରାୟଣ ହେବା ମାତ୍ରେ ସେ ପ୍ରାଣ ତ୍ୟାଗ କରିଥିଲେ। ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଦିନ ଭଗବାନ ସୂର୍ଯ୍ୟ ନିଜ ପୁତ୍ର ଶନିକୁ ଦେଖା କରିବା ଲାଗି ତାଙ୍କ ଘରକୁ ଯାଇଥିଲେ। ଶନିଦେବ ମକର ରାଶିର ସ୍ୱାମୀ ହୋଇଥିବାରୁ ଏହି ଦିବସର ନାମ ମକର ସଂକ୍ରାନ୍ତି ହୋଇଥିଲା। ମକର ସଂକ୍ରାନ୍ତି ଦିନ ଦେବୀ ଗଙ୍ଗା ଭଗୀରଥଙ୍କ ପଛେ ପଛେ ଆସି କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚିଥିଲେ। ଏହାପରେ ଭଗୀରଥଙ୍କ ବଂଶର ଉଦ୍ଧାର ହୋଇଥିଲା। ଶେଷରେ ଦେବୀ ଗଙ୍ଗା ସାଗରରେ ମିଶିଥିଲେ। ସେଥିପାଇଁ ମକର ସଂକ୍ରାନ୍ତି ଦିନ ଗଙ୍ଗାସାଗର ସ୍ନାନର ବିଶେଷ ମହତ୍ୱ ରହିଛି।

ମକର ସଂକ୍ରାନ୍ତି ଦିନ ଗୁଡ଼ି ଉଡାଇବାର ପରମ୍ପରା ଦେଶର ବିଭିନ୍ନ ପ୍ରାନ୍ତରେ ଦେଖିବାକୁ ମିଳିଥାଏ। ତେବେ ଗୁଡ଼ି ଉଡାଇବା ପରମ୍ପରା ପୌରାଣିକ କାଳରୁ ଚାଲିଆସୁଛି । ଭଗବାନ ଶ୍ରୀରାମଚନ୍ଦ୍ର ବାଲ୍ୟକାଳରେ ଗୁଡ଼ି ଉଡାଉଥିଲେ ବୋଲି ତୁଳସୀ ଦାସଙ୍କ ଶ୍ରୀରାମଚରିତ ମାନସରେ ଉଲ୍ଲେଖ ରହିଛି। ଏଥିରେ ଲେଖାଅଛି - 'ରାମ ଇକ୍ ଦିନ ଚଙ୍ଗ ଉଡାଇ। ଇନ୍ଦ୍ରଲୋକ ମେଁ ପହୁଞ୍ଚ ଜାଇ', ଅର୍ଥାତ୍ ରାମଚନ୍ଦ୍ର ଥରେ ଗୁଡ଼ି ଉଡାଇବା ସମୟରେ ତାହା ଚନ୍ଦ୍ରଲୋକରେ ଯାଇ ପହଞ୍ଚିଥିଲା। ତାମିଲ୍ ଭାଷାରେ ରଚିତ ନନ୍ଦନାରାମୟଣରେ ଉଲ୍ଲେଖ ରହିଛି ଯେ ମକର ସଂକ୍ରାନ୍ତିର ପବିତ୍ର ଅବସରରେ ଭଗବାନ ରାମଚନ୍ଦ୍ର ଏବଂ ହନୁମାନଙ୍କ ମଧ୍ୟରେ ମିତ୍ରତା ହୋଇଥିଲା। ମକର ସଂକ୍ରାନ୍ତିରେ ଶ୍ରୀରାମ ଉଡାଇଥିବା ଗୁଡ଼ି ଇନ୍ଦ୍ରଲୋକରେ ଯାଇ ପହଞ୍ଚିଥିଲା। ଉକ୍ତ ଗୁଡ଼ିକୁ ଦେଖି ଇନ୍ଦ୍ରଙ୍କ ପୁତ୍ର ଜୟନ୍ତଙ୍କ ପତ୍ନୀ ଭାବିଲେ, ଯାହାର ଗୁଡ଼ି ଏତେ ସନ୍ଦୁର ହୋଇପାରେ ସେ କେତେ ସୁନ୍ଦର ହୋଇଥିବେ। ଏହାପରେ ସେଗୁଡିଟିକୁ କାଟି ରଖିଦେଇଥିଲେ। ଭଗବାନ ଶ୍ରୀରାମ ଗୁଡ଼ିକୁ ଦେଖି ନପାରିନଥିଲେ। ସେ ଗୁଡ଼ି ଖୋଜି ଆଣିବା ଲାଗି ହନୁମାନଙ୍କୁ ପଠାଇଲେ। ହନୁମାନ ଇନ୍ଦ୍ରଲୋକରେ ପହଞ୍ଚିଗଲେ। ମାତ୍ର ଜୟନ୍ତଙ୍କ ପତ୍ନୀ କହିଲେ, ଯେ ପର୍ଯ୍ୟନ୍ତ ସେ ଶ୍ରୀରାମଙ୍କୁ ନଦେଖିଛନ୍ତି, ସେ ପର୍ଯ୍ୟନ୍ତ ଗୁଡ଼ି ଫେରାଇବେ ନାହିଁ। ହନୁମାନ ପ୍ରଭୁ ଶ୍ରୀରାମଙ୍କ ନିକଟକୁ ଏହି ବାର୍ତ୍ତା ନେଇ ଗଲେ। ଭଗବାନ ରାମଚନ୍ଦ୍ର କହିଲେ ବନବାସ ସମୟରେ ଜୟନ୍ତଙ୍କ ପତ୍ନୀଙ୍କୁ ସେ ଦର୍ଶନ ଦେବେ। ହନୁମାନ ଶ୍ରୀରାମଙ୍କ ସନ୍ଦେଶ ନେଇ ଜୟନ୍ତଙ୍କ ପତ୍ନୀଙ୍କୁ ଜଣାଇଲେ। ଶ୍ରୀରାମଙ୍କ ଆଶ୍ୱାସନା ପାଇଁ ଜୟନ୍ତଙ୍କ ପତ୍ନୀ ଗୁଡ଼ି ଫେରାଇ ଦେଇଥିଲେ। ମକର ସଂକ୍ରାନ୍ତି ଏକ ସର୍ବଭାରତୀୟ ପର୍ବ। ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିଥାନ୍ତି। ଏହି ସଂକ୍ରାନ୍ତିକୁ ମାଘ ମାସର ପ୍ରଥଢ଼ ଦିନ ଭାବେ ହିସାବ କରାଯାଏ। ସୂର୍ଯ୍ୟଙ୍କ ସଂକ୍ରମଣ ବା ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଚଳନର ଦିନ ହେଉଛି ସଂକ୍ରାନ୍ତି। ପ୍ରତି ସଂକ୍ରାନ୍ତିରେ ସୂର୍ଯ୍ୟ ଗୋଟିଏ ଲେଖାଏଁ ରାଶିକୁ ଗମନ କରି ସେଥିରେ ଏକ ମାସ ଅବସ୍ଥାନ କରନ୍ତି। ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ କ୍ରମଶଃ ଗମନ କରନ୍ତି। ଏହି ଦିନଠୁ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ। ଏହି ଦିନ ସୂର୍ଯ୍ୟ ଉତ୍ତର ଦିଗକୁ ଯାତ୍ରା କରି ଛଅ ମାସ ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଭଳି ଶୁଭକର୍ମ ଅନୁଷ୍ଠିତ ହୁଏ। ଏହି ସମୟରେ ଅଭୀଷ୍ଟ ସିଦ୍ଧ ପାଇଁ ସୂର୍ଯ୍ୟ ଉପାସନା କରାଯାଏ। ମକର ସଂକ୍ରାନ୍ତି ଉପଲକ୍ଷେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ମକରଚୂଳ ଲାଗି କରାଯାଏ। ଏହା ପରେ କର୍ପୂର ଲାଗି ହୋଇ ତିନି ଠାକୁରଙ୍କ ବେଶ ବଢ଼ିଥାଏ। ଗୋପାଳବଲ୍ଲଭ ଓ ସକାଳ ଧୂପ ପରେ ମଇଲମ, ମହାସ୍ନାନ, ସର୍ବାଙ୍ଗ ଲାଗି, ନୂଆଲୁଗା ଲାଗି, ମାଳଚୂଳ ଲାଗି ହେବା ପରେ ଅଳଙ୍କାର ଲାଗି ହୋଇ ମକରବେଶ ବଢ଼ିଥାଏ। ମକର ସଂକ୍ରାନ୍ତି ବେଳକୁ ଓଡ଼ିଶାରେ ଧାନ, ଆଖୁ ଆଦି ନୂଆ ଫସଲ ଅମଳ ହୋଇଥାଏ। ତେଣୁ ଏହି ଦିନ ନୂଆ ଧାନରୁ ପ୍ରସ୍ତୁତ ଅରୁଆ ଚାଉଳ, ନୂଆ ଗୁଡ଼, ଛେନା, ନଡ଼ିଆ, କଦଳୀ, ଘିଅ ମିଶାଇ ଭୋଗ ପ୍ରସ୍ତୁତ କରି ଗୃଦେବତାଙ୍କୁ ଧାନଖଳାରେ ଭୋଗ ଲଗାଯାଏ। ଏହି ଭୋଗ ମକର ଚାଉଳ ଭାବେ ପ୍ରସିଦ୍ଧ। କେବଳ ଭାରତ ନୁହେଁ, ରୋମାନ୍ ଇହୁଦୀମାନେ ମଧ୍ୟ ଏହି ପର୍ବ ପାଳନ କରନ୍ତି। ଦକ୍ଷିଣ ଭାରତରେ ଏହା ସବୁଠୁ ବଡ଼ ପର୍ବ। ଦକ୍ଷିଣରେ ଏହା ପୋଙ୍ଗଲ ନାମରେ ପ୍ରସିଦ୍ଧ। ଏହି ଦିନଠାରୁ ଦିନ କ୍ରମଶଃ ବଡ଼ ହୁଏ। ସୂର୍ଯ୍ୟଙ୍କ ତେଜ ମଧ୍ୟ ଆଜିଠୁ ପ୍ରଖର ହୁଏ।

ଏହି ସବୁ ଧାର୍ମିକ ଏବଂ ସାମାଜିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ ମକର ସଂକ୍ରାନ୍ତି ପର୍ବର ସାମାଜିକ ଏବଂ ଆଧ୍ୟାତ୍ମିକ ଭିତ୍ତିଭୂମି ସୁଦୂରପ୍ରସାରୀ। ଏହି ପର୍ବ ଆମର ସାମାଜିକ ଜୀବନକୁ ଯେପରି ପ୍ରଭାବିତ କରିଛି। ଆମର ଧର୍ମ ଜୀବନ ଠିକ ସେହିପରି ପୁଷ୍ଟକ କରିବା ସଙ୍ଗେ ସଙ୍ଗେ ନିରୋଗ, ସୁସ୍ଥ ଶରୀର ରକ୍ଷା ପାଇଁ ଯଥେଷ୍ଟ ଉପାଦାନ ଯୋଗାଇଛି।


+କଟକ
ମୋ: ୯୬୫୮୧୦୫୫୩୨


କବିତା କୋଣାର୍କ



## ହେ ନେତାଜୀ ତୁମେ ଫେରିଆସ


ଡଃ ତାନଶ୍ରୀ ପାଣିଗ୍ରାହୀ


ପୁଣ୍ୟଭୂମି ଏ ଭାରତମାତାର
ତୁମେ ଯୋଗ୍ୟତମ ସୁତ
ସ୍ୱାଭିମାନର ମହାମନ୍ତ୍ର ତୁମେ
ଦେଖାଇଲ ମୁକ୍ତିପଥ...

ଅଠରଶ ସତାନବେ ମସିହାର
ଜାନୁଆରୀ ତେଇଶରେ
ଜନ୍ମ ହୋଇଥିଲ ହେ ମହାପୁରୁଷ
କଟକ ସହରଠାରେ...

■ ■ ■ ■ ■ ■ ■ ■

ଜାନକୀ ଓ ପ୍ରଭାବତୀଙ୍କର
ତୁମେ ନବମ ସନ୍ତାନ
ଅସାଧାରଣ ବ୍ୟକ୍ତିତ୍ୱ ତୁମେ
ସତେ ତୁଳସୀ ଚନ୍ଦନ...

ମୋତେ ରକ୍ତ ଦିଅ ମୁଁ ଦେବି ସ୍ୱାଧୀନତା
ଏ ଥିଲା ତୁମ ପ୍ରେରଣା
ମହାତ୍ମାଗାନ୍ଧୀଙ୍କ ଅହିଂସା ମନ୍ତ୍ରକୁ
କରିଥିଲ ତୁମେ ଊଣା...

ଦେଶପ୍ରେମ ପାଇଁ ମାତୃଭୂମି ଛାଡି
ଜର୍ମାନୀକୁ ଗଲ ଚାଲି
ସୈନ୍ୟ ବାହିନୀକୁ ଏକଜୁଟ କରି
ଇଂରେଜ ବିରୁଦ୍ଧେ ଲଢ଼ି...

କଣ୍ଟାକୁ କଣ୍ଟାରେ କାଢିବାକୁ ତୁମେ
କରିଥିଲ ମନେ ପଣ
କଉଶଳ କରି ଭରିଥିଲ ମନେ
ତାଡିଲେ ଯବାନ ଗଣ...

ଆଜାଦ ହିନ୍ଦ ଫୌଜ ଗଢିଲ
ଦେଶର ମଙ୍ଗଳ ପାଇଁ
ଦିଲ୍ଲୀ ଚଲୋର ଅଗ୍ନି ମନ୍ତ୍ରରେ
ତୁମେ ଯାଇଥିଲ ଜିଣି...

ଗୋରା ସରକାର ଛାଡିଲେ ଏ ଦେଶ
ସ୍ୱାଧୀନ ପାଇଲୁ ଆମେ

■ ■ ■ ■ ■ ■ ■ ■

ହେ ବୀର ନେତାଜୀ
ଦେଖିଯାଅ ଥରେ
ଝୁରୁଛୁ ଆଜି ମରମେ...

ତୁମେ ନାହଁ ଆଜି କୀରତି ତୁମର
ଝୁରୁଅଛି ଏଇ ଦେଶ
ଫେରି ଆସ ତୁମେ ମାଟିମା କୋଳକୁ
ହେ କ୍ରାନ୍ତି ବୀର ପୁରୁଷ ।


+ଆଚାର୍ଯ୍ୟା, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର
ବାଲିଆ,ବାଲେଶ୍ୱର

# ମକର ଠାରୁ ଦିନ ବକର...



ସୌର ଚନ୍ଦ୍ର ମହାପାତ୍ର

ଭିନ୍ନ ଭିନ୍ନ ଅଞ୍ଚଳରେ ଅଲଗା ଅଲଗା ନାମରେ ପାଳନ କରାଯାଉଥିବା ମକର ସଂକ୍ରାନ୍ତି ହିନ୍ଦୁଙ୍କର ଅନ୍ୟତମ ଶ୍ରେଷ୍ଠ ପର୍ବ । ଓଡ଼ିଶାରେ ଯେପରି ମହାବିଷୁବ ସଂକ୍ରାନ୍ତି ଠାରୁ ବର୍ଷ ଆରମ୍ଭ ହୁଏ ଦକ୍ଷିଣରେ ମକର ସଂକ୍ରାନ୍ତି ଠାରୁ ବର୍ଷ ଆରମ୍ଭ ହୋଇଥାଏ। କହିବାକୁ ଗଲେ ମକର ସଂକ୍ରାନ୍ତି ଏକ ଆଞ୍ଚଳିକ ପର୍ବ ନୁହେଁ ବରଂ ଏହା ସମଗ୍ର ଭାରତର ଗୋଟିଏ ବଡ଼ ପର୍ବ। ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହୁଏ। ସୂର୍ଯ୍ୟ ମକର ରାଶିକୁ ଆସି ବିଷୁବରେଖା ଆଡ଼କୁ କ୍ରମଶଃ ଗମନ କରନ୍ତି। ଓଡ଼ିଆରେ ଗୋଟିଏ ଲୋକକଥା ରହିଛି - 'ମକର ଠାରୁ ଦିନ ବକର ହୁଏ।' ଭଗବାନ ସୂର୍ଯ୍ୟଦେବଙ୍କ ତେଜ ମଧ ଏହି ସଂକ୍ରାନ୍ତି ଠାରୁ ପ୍ରଖର ହୁଏ। ଆବହମାନ କାଳରୁ ହିନ୍ଦୁ ଚେତନାରେ ବିଶ୍ୱାସ ରହିଛି ଯେ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସମୟରେ ଯେଉଁମାନଙ୍କର ପରଲୋକ ହୋଇଥାଏ ସେମାନଙ୍କର ସ୍ୱର୍ଗଲୋକର ଗତିପଥ ସୁଗମ ହୋଇଥାଏ। ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହେଉଥିବାରୁ ଆଲୋକ ଏବଂ ଜୀବନର ଉତ୍ସ ସୂର୍ଯ୍ୟଙ୍କୁ ହିନ୍ଦୁ ଗୃହସ୍ଥମାନେ ଭକ୍ତିପୂତ ପରିବେଶରେ ପୂଜାର୍ଚ୍ଚନା କରନ୍ତି। ଦେବାଦେବୀଙ୍କ ନିକଟରେ ହୋମଯଜ୍ଞକରି ମାସଟିକୁ ଶୁଭରେ ଅତିବାହିତ କରିବା ସହ ଦେବତାଙ୍କ ନିକଟରେ ପ୍ରାର୍ଥନା ପୂର୍ବକ ଗୃହଦୋଷ ଶାନ୍ତି କରିବା ପାଇଁ ହୋମ ମଧ ହୋଇଥାଏ। ଏହି ସମୟରେ ଓଡ଼ିଶାରେ ଧାନ, ଆଖୁ ଆଦି ଅମଳ ସରିଯାଇଥିବାରୁ ଗୃହର ଆରାଧ ଦେବାଦେବୀଙ୍କ ପାଖରେ ଅରୁଆ ଚାଉଳ, ନଡ଼ିଆ, କଦଳୀ, ଘିଅ, ନୂଆଗୁଡ଼, ଛେନା ପ୍ରସ୍ତୁତିରେ ସୁମିଷ୍ଟ ଭୋଗ ଭଗବାନଙ୍କ ନିକଟରେ ଅର୍ପଣ କରାଯାଏ। ତେବେ ଭୋଗର ପ୍ରମୁଖ ଅଂଶ ରହିଥାଏ ଅରୁଆ ଚାଉଳ। ଏହି ଭୋଗକୁ ଓଡ଼ିଆରେ ମକର ଚାଉଳ ଭାବେ ସମସ୍ତେ ଜାଣନ୍ତି। ତେବେ ଏହି ମକର ସଂକ୍ରାନ୍ତିର ଏକ ବୈଜ୍ଞାନିକ ନିଗୂଢ଼ ତଥ୍ୟ ମଧ ରହିଛି।

ମକର ସଂକ୍ରାନ୍ତି ଅବସରରେ କଳା ରଙ୍ଗର ମହତ୍ତ୍ୱ ଅନେକ । ଏହି ସମୟରେ ବନ୍ଧୁ-ବାନ୍ଧବ ଏବଂ ଆତ୍ମୀୟ ସ୍ୱଜନଙ୍କ ମଧ୍ୟରେ କଳା ରାଶି ବା ତିଳ ବା ଇଲୁ ବଣ୍ଟନ କରାଯିବା ହିନ୍ଦୁ ପରମ୍ପରା । ରାଶି ପ୍ରସ୍ତୁତ ଖାଦ୍ୟ ପଦାର୍ଥ ମକର ସଂକ୍ରାନ୍ତିରେ ଗ୍ରହଣ କରାଯାଇଥାଏ । ସଂକ୍ରାନ୍ତି ବେଳେ ରାଶିର ଅନ୍ତର୍ନିହିତ ବିଶେଷ ଗୁଣ ମଣିଷର ଶରୀରକୁ ସୁସ୍ଥ ଏବଂ ଉଲ୍ଲସିତ ରଖୁଥିବା ବିଶ୍ୱାସ କରାଯାଏ । ତା'ଛଡ଼ା ମକରର ସ୍ୱରୂପ ବା ଏଥି ସହ ସଂପର୍କିତ ଦେବତାଙ୍କ ବର୍ଣ୍ଣ କଳା। ମହାରାଷ୍ଟ୍ରର ବହୁ ଅଞ୍ଚଳରେ ଏହି ଦିନରେ କଳା ରଙ୍ଗର ବସ୍ତ୍ର ପରିଧାନ କରାଯାଏ । ମକର ଶୀତ ଋତୁରେ ପଡ଼ିଥାଏ । କୃଷ୍ଣବର୍ଣ୍ଣର ବସ୍ତ୍ର ଶରୀରକୁ ଉଷ୍ମ ରଖୁଥିବାରୁ ଏଭଳି ପରମ୍ପରା ପ୍ରଚଳିତ ହୋଇଥିବା ଗ୍ରହଣୀୟ । ତିଳ ଏକ ତୈଳବୀଜ ବିଶେଷ । ଶୀତ ଋତୁରେ ଖାଦ୍ୟରେ ଏହାକୁ ବ୍ୟବହାର କଲେ ଶରୀର ଏହାର ସୁଫଳ ପାଇଥାଏ । ଏଣୁ ସମଗ୍ର ଦକ୍ଷିଣ ଭାରତ, ମହାରାଷ୍ଟ୍ର ଏବଂ ଗୁଜୁରାଟରେ ଶୀତ ଦିନେ ଏହା ଅଧିକତର ବ୍ୟବହୃତ ହୋଇଥାଏ। ଏହା ପ୍ରାଚୀନ ଶାସ୍ତ୍ର-ସମ୍ମତ ମଧ୍ୟ । ଦକ୍ଷିଣ ଭାରତରେ ମକର ସଂକ୍ରାନ୍ତି ପୋଙ୍ଗଲ୍ ବା ଇଲୁ ବେଲା ଭାବେ ଖ୍ୟାତ। ଏହା ସେମାନଙ୍କର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପର୍ବ ଅନ୍ତର୍ଗତ । ସେମାନେ ଏହିଦିନ ଚାଉଳ, ଡାଲି, ଗୁଡ଼, ଦୁଗ୍ଧ ଏବଂ ଅଙ୍ଗୁର କୋଳିକୁ ଏକତ୍ର ମିଶାଇ ଖେଚୁଡ଼ି ରାନ୍ଧି ସୂର୍ଯ୍ୟଦେବଙ୍କ ନିକଟରେ ଭୋଗ ଲଗାନ୍ତି । ଏହାକୁ 'ପୋଙ୍ଗଲ୍ ଚାଉଳ' କୁହାଯାଏ। ସର୍ବୋପରି ଏହି ଅବସରରେ ସୁନ୍ଦରେଶ୍ୱର ମହାଦେବ ମଦୁରାଇର ମୀନାକ୍ଷୀ ମନ୍ଦିରରେ ପ୍ରସ୍ତର ହସ୍ତୀକୁ ଇକ୍ଷୁ ବା ଆଖୁ ରସ ପାନ କରାଇଥିବାର କିମ୍ବଦନ୍ତୀ ଯୋଗୁଁ ଏହାକୁ ପବିତ୍ର ମନେକରି ଭୋଗ ଲଗାଯାଏ ।

ଆମ୍ଭମାନଙ୍କର ଦେହ ରକ୍ଷା ହେଉଛି ସକଳ ଓ ସାଧନାର ମୂଳତତ୍ତ୍ୱ ତେଣୁ ହିନ୍ଦୁ ଦର୍ଶନ ତତ୍ତ୍ୱ ନିରୋଗ ଶରୀରକୁ ଗୁରୁତ୍ୱ ଆରୋପ କରିଥାଏ। ମକର ସଂକ୍ରାନ୍ତି ପୂର୍ବରୁ ଶୀତର ପ୍ରକୋପ କମି ନଥାଏ ଏବଂ ଶୀତ ଦିନ ଥିବାରୁ ସୂର୍ଯ୍ୟଙ୍କର କିରଣ ମଧ ପ୍ରଖର ହୋଇନଥାଏ। ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟକିରଣ ପ୍ରଖର ହେଉଥିବାରୁ ଆମ୍ଭ ମାନଙ୍କର ହଜମ ଶକ୍ତି ବଢ଼ିଥାଏ। ସେଥିପାଇଁ ମକର ସଂକ୍ରାନ୍ତି ଦିନ ଅରୁଆ ଚାଉଳ ଭୋଗ ଭଗବାନଙ୍କ ପାଖରେ ଅର୍ପଣ କରିବାର ବିଧି ରହିଛି। ଦେଖିବାକୁ ଗଲେ ଆମ ମହାନ ଓଡ଼ିଶାର ସାମାଜିକ ପର୍ବପାଳନ ଭିତରେ ଧର୍ମର ସୁସଂଗତ ବିଚାରଧାରାର ମହତ୍ତ୍ୱ ସହିତ ବିଜ୍ଞାନର ଚେତନା ମଧ ରହିଛି। ମକର ସଂକ୍ରାନ୍ତି ଦିନ ପ୍ରସିଦ୍ଧ ଗଙ୍ଗାସାଗର ମେଳା ହୋଇଥାଏ। ମକର ସଂକ୍ରାନ୍ତି ପର୍ବ ସାମାଜିକ ଓ ଆଧାତ୍ମିକ ଜୀବନକୁ ପ୍ରଭାବିତ କରିବା ସହ ଆମ ମାନଙ୍କ ପାଇଁ ଏକ ନିରୋଗ ଓ ସୁସ୍ଥ ଶରୀର ରକ୍ଷା ପାଇଁ ଆଧାତ୍ମିକ ଚେତନାର ବାର୍ତ୍ତା ପ୍ରଦାନ କରିଥାଏ।



+ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
'ସତ୍ୟା ଳୟ' ପ୍ଲଟ ନଂ - ୧୦୮୭/ ଡ଼ି, ସେକ୍ଟର-୬, କଟକ
ମୋ : ୯୪୩୭୦୦୪୪୬୬

## ମକର ସଂକ୍ରାନ୍ତି

ସରୋଜ କୁମାର ଦାସ



ମକର ସଂକ୍ରାନ୍ତି ପବିତ୍ର ସଂକ୍ରାନ୍ତି
ଆଜି ଅଟେ ଏହି ଦିନ,
ଆଜି ପରା 'ରବି' ମକର ରାଶିକୁ
କରିଥାନ୍ତି ଯେ ଗମନ ।
ସୂର୍ଯ୍ୟଙ୍କର ଗତି ଉତ୍ତର ଦିଗକୁ
ହୁଏ ବୋଲି ଏହିଦିନ
ସୂର୍ଯ୍ୟ ଉପାସନା କରନ୍ତି ଯେ ଜନ
ମିଳେ ତାଙ୍କୁ ମହାପୁଣ୍ୟ ।
ମେଳା ମହୋତ୍ସବ ଲାଗି ରହିଥାଏ
ପୁଣ୍ୟମୟ ଏ ସଂକ୍ରାନ୍ତି
'ଗଙ୍ଗା ସାଗର'ରେ ବୁଡ଼ ପକାଇଲେ
ପାପରୁ ମିଳେ ମୁକତି ।
ମକର ଚାଉଳ ଭୋଗ ଲାଗିଥାଏ
ଇଷ୍ଟ ଦେବତାଙ୍କ ପାଖେ
ସେହି ଭୋଗ ପାଇ 'ମକର' ବସଇ
ବନ୍ଧୁ ବାନ୍ଧିଥାନ୍ତି ଲୋକେ ।
ନୂଆ ଗୁଡ଼ ନୂଆ ଅରୁଆ ଚାଉଳ
ପାଚିଲା କଦଳୀ କ୍ଷୀର
ଘିଅ ଛେନା ମିଶି ସୂର୍ଯ୍ୟଙ୍କୁ ଅର୍ପିଲେ
ସୁଖ ଦିଅନ୍ତି ଈଶ୍ୱର ।
କୃଷକ ମନରେ ଖୁସିର ଜୁଆର
ମକର ଆସିଛି ବୋଲି
ନୂଆ ଧାନ ହସେ ଧାନର ଖଳାରେ
ସ୍ୱପ୍ନ ହେବ ସତ କାଲି ।
ମକର ଯାତରା ମେଳା ମହୋତ୍ସବ
ଲାଗେ ବହୁଦିନ ଯାଏ
ମୟୁରଭଞ୍ଜ ଓ କେନ୍ଦୁଝର ଆଡେ
'ଟୁସୁ' ଗୀତ ମନ ଛୁଏଁ ।
ଦକ୍ଷିଣ ଭାରତେ ପୋଙ୍ଗଲ କହନ୍ତି
କେଉଁଠି ବି ଭୋଗୀ ପର୍ବ
ସବୁଠି ଦିଶଇ ମହାମିଳନ ଓ
ଆଧ୍ୟାତ୍ମିକତାର ଭାବ ।
ବଡ଼ଦେଉଳରେ ଏହିଦିନ ହୁଏ
ମକର ସଂକ୍ରାନ୍ତି ଯାତ୍ରା
ପିତୃ ଆଳୟରୁ ନେଇ ଭୋଗ ଭାର
ଆସନ୍ତି ସାଗର ସୁତା ।
ମକର ଚୌରାଶି ବେଶ ହୋଇଥାନ୍ତି
ଚତୁର୍ଦ୍ଧା ମୂରତି ଯେବେ
ମାନବୀୟ ଲୀଳା ବଡ ଦେଉଳରେ
ଅନୁଭବ ହୁଏ ତେବେ ।
ଏହିଦିନ ଗଙ୍ଗା ମର୍ତ୍ତ୍ୟକୁ ଆସିଲେ
କହଇ ପୁରାଣ ଗାଥା
ପିତାମହ ଭୀଷ୍ମ ସ୍ୱର୍ଗ ଆରୋହଣ
ଏହି ପୁଣ୍ୟ ଦିନ କଥା ।
ସେ ଯେ ବ୍ୟାସକବି ଫକୀରମୋହନ
ତାଙ୍କର ଏ ଜନ୍ମଦିନ
ତାଙ୍କ ପାଇଁ ଆଜି ଆମ ବାଲେଶ୍ୱର
ହୋଇଅଛି ମହୀୟାନ ।
ମକର ସଂକ୍ରାନ୍ତି ଏକ ଗଣପର୍ବ
ଖୁସି ଆନନ୍ଦର ବେଳ
ନୂଆ ଲୁଗା ନୂଆ ଧାନ ପାନ ସାଥେ
କେତେ ରକମର ଖେଳ।
ଦାନ ଧର୍ମ ପୁଣି ପୂଜନ ଭୋଜନ
ପାଇଁ ଏହା ଶୁଭ ବେଳ
ଭୁଲି ଭେଦଭାବ ଭାଇଚାରା ନେଇ
ସଭିଏଁ ହୋଇବା ମେଳ ।

+ ବାଲିଆପାଳ, ବାଲିଆପାଳ

# ଏ.ଆଇ ଜତୁଗୃହରେ ବ୍ୟାସକବି : ଏକ ସାରସ୍ୱତ ବିଡ଼ମ୍ବନା



ଡ.ରାଧାରଞ୍ଜନ ପଟ୍ଟନାୟକ

ଉନବିଂଶ ଶତାବ୍ଦୀର ଶେଷ ଏବଂ ବିଂଶ ଶତାବ୍ଦୀର ପ୍ରଥମ ପର୍ବରେ ଯେଉଁ ଫକୀରମୋହନ ସେନାପତି ଓଡ଼ିଆ ଭାଷାକୁ ନୂଆ ଜୀବନ ପ୍ରଦାନ କରିଥିଲେ, ଯେଉଁ ଫକୀରମୋହନ ନିଜ ଲେଖନୀକୁ ତଲୱାର କରି ଓଡ଼ିଆ ଜାତିର ସ୍ୱାଭିମାନ ପାଇଁ ଲଢ଼େଇ କରିଥିଲେ, ଯିଏ 'ଶାଳା ରିଂ ଲିଡର୍'ର ଅପବାଦ ମୁଣ୍ଡାଇଥିଲେ, ସେହି ଫକୀରମୋହନଙ୍କୁ ଆଜି ଆମେ ଏକ ନୂଆ ଉପନିବେଶବାଦର ଶିକାର ହେବାର ଦେଖୁଛୁ। ଏହି ଉପନିବେଶବାଦର ନାମ କୃତ୍ରିମ ବୁଦ୍ଧିମତା। ଏହା କୌଣସି ଅସ୍ତ୍ର ନେଇ ଆସେ ନାହିଁ କିମ୍ବା ଗୋଳାବାରୁଦ ନେଇ ଆସେନାହିଁ। ଆସେ ସ୍ୱରକୁ ଶାଣିତ କରି ଏବଂ ଇତିହାସକୁ ବିକୃତ କରି।

ଯେଉଁ ମାଟିରେ 'ରେବତୀର କାନ୍ଦ ଶୁଭେ', ଯେଉଁ ଆକାଶରେ 'ଛ'ମାଣ ଆଠଗୁଣ୍ଠ'ର ବାସ୍ତବବାଦର ଧ୍ୱନି ପ୍ରତିଧ୍ୱନିତ୍ୱ ହୁଏ, ସେହି ମାଟିର ବରପୁତ୍ର ହେଉଛନ୍ତି କଥାସମ୍ରାଟ ଫକୀରମୋହନ। ସେ କଥାସମ୍ରାଟ ଏବଂ ସେ ବି ବ୍ୟାସକବି। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଯିଏ ସବ୍ୟସାଚୀ ସାଜି ନିଜର କଲମରେ ପ୍ରତିବାଦର ସ୍ୱର ଉଠାଇଥିଲେ, ଆଜି ସେହି ବିପ୍ଳବୀ ପୁରୁଷଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଜତୁଗୃହ ମଧ୍ୟରେ ବନ୍ଦୀ କରିବାର ଅପଚେଷ୍ଟା କରାଯାଉଛି। ସମ୍ପ୍ରତି ସୋସିଆଲ ମିଡ଼ିଆରେ ଆମେ ଯାହା ଦେଖୁଛୁ, ତାହା କେବଳ ପରିହାସ ନୁହେଁ ବରଂ ଏକ ସାଂସ୍କୃତିକ ଅପରାଧ। ଫକୀରମୋହନଙ୍କ ମୁଖରେ ହିନ୍ଦୀ ଭାଷା କୁହାଇବା ସହ ତାଙ୍କୁ କାର୍ଟୁନ କରି ରିଲ୍ସ ଓ ମିମ୍ସ ଆକାରରେ ପୋଷ୍ଟ କରାଯାଉଛି। ଏହାକୁ ଡିଜିଟାଲ ଖେଳ କୁହାଯାଇ ନପାରେ; ବରଂ ବ୍ୟାସକବି ଫକୀରମୋହନଙ୍କ ଆତ୍ମା ପ୍ରତି ନିର୍ମମ ଅତ୍ୟାଚାର କୁହାଯାଇପାରେ। ପ୍ରକାରାନ୍ତରେ ଏହା ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ହତ୍ୟା ଷଡ଼ଯନ୍ତ୍ରର ଜତୁଗୃହ ବ୍ୟତୀତ ଅନ୍ୟ କିଛି ନୁହେଁ।

ମହାଭାରତର ଯୁଦ୍ଧରେ ପାଣ୍ଡବମାନଙ୍କ ଧ୍ୱଂସ ପାଇଁ ଶକୁନି ଏବଂ ଦୁର୍ଯ୍ୟୋଧନଙ୍କ ପରାମର୍ଶରେ ପୁରୋଚନ ଜତୁଗୃହ ନିର୍ମାଣ କରିଥିଲେ। କିନ୍ତୁ ଦୂରଦ୍ରଷ୍ଟା ମହାବିଦୂଷୀ ବିଦୂରଙ୍କ ପାଇଁ ସେମାନେ ରକ୍ଷା ପାଇଥିଲେ। ଆଜି ସାହିତ୍ୟ ଜଗତରେ ଅନେକ ଅଣ ସାହିତ୍ୟିକ ପ୍ରବେଶ କରି କିଏ ଦୁର୍ଯ୍ୟୋଧନ ସାଜୁଛି ତ; କିଏ ପୁଣି ଶକୁନି। ପୁଣି କେହି ପୁରୋଚନଙ୍କ ପରି ଶିଳ୍ପୀଟି ଜତୁଗୃହ ନିର୍ମାଣ କରୁଛି। ଏହାରି ଭିତରେ ଫକୀରମୋହନଙ୍କୁ ସେମାନେ ରଖିବାର ଯେଉଁ ଅପଚେଷ୍ଟା କରୁଛନ୍ତି, ତାଙ୍କୁ ରକ୍ଷା କରିବା ପାଇଁ ବିଦୂରମାନଙ୍କ ଅଭାବ ଲକ୍ଷ୍ୟ କରାଯାଉଛି। ତେଣୁ ଓଡ଼ିଆ ଭାଷା ସାହିତ୍ୟର ଯେଉଁ ମଣିଷଟି ସୁରକ୍ଷା ଦାୟିତ୍ୱ ନେଇ ସାହିତ୍ୟ ସର୍ଜନାରେ ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିଥିଲା, ତାଙ୍କ ପ୍ରତି ଏଭଳି ସାଟାୟାର କରି ତାଙ୍କ ମୁଖରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷା କୁହାଇ ଯେଉଁଭଳି ହୀନ କାର୍ଯ୍ୟ କରାଯାଉଛି ତାହାକୁ ଓଡ଼ିଆ ଭାଷା ପ୍ରେମୀ ମଣିଷ କେବେବି ବରଦାସ୍ତ କରିପାରିବ ନାହିଁ। ମନେହୁଏ, ଫକୀରମୋହନଙ୍କ ମୁଖରେ ଜୋରଜବରଦସ୍ତ ଅଣଓଡ଼ିଆ ଭାଷା କୁହା କରାଇ ଓଡ଼ିଆ ଭାଷାକୁ ନ୍ୟୂନ ଭାବେ ବିବେଚନା କରାଯାଉଛି। ଯେମିତି ଦ୍ୱିତୀୟ କାନ୍ତିଲାଲ ପୁଣିଥରେ ଭାଷା ଜଗତରେ ଆତଙ୍କବାଦୀ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି।

ସେଦିନ ସିନା 'ଉଡ଼ିୟା ଏକ୍‌ଟା ଭାଷା ନୟେ' ବୋଲି ଜଣେ କାନ୍ତିଲାଲ ଚିତ୍କାର ଛାଡୁଥିଲେ, ଏବେ କିନ୍ତୁ ଅନେକ ଏ.ଆଇ. ରୂପ ଛଳନାର ମୁଖା ପିନ୍ଧି ଅନେକ କାନ୍ତିଲାଲ ଓଡ଼ିଆ ଭାଷାକୁ ନିଶ୍ଚିତ ମରଣ ମୁଖକୁ ଠେଲିଦେବାର ଦୁଃସାହସ କରୁଛନ୍ତି। ଯିଏ କହୁଥିଲେ 'ମୋ ମାତୃଭାଷା ମୋତେ ଶ୍ରେଷ୍ଠ' ତାଙ୍କ ମୁଖରେ ପୁଣି ହିନ୍ଦୀ!! ବାଃ ବାଃରେ ଭାଷା ସାହିତ୍ୟର ଦଲାଲ।

ଯେଉଁମାନେ ଏପରି ହୀନକାର୍ଯ୍ୟ କରୁଛନ୍ତି, ସେମାନେ ସାହିତ୍ୟ କିଛି ବୁଝନ୍ତିନାହିଁ। ଭାଷା କ'ଣ ଜାଣନ୍ତି ନାହିଁ। ଓଡ଼ିଆ ଭାଷାର ଧ୍ୱନିଗତ ଉଚ୍ଚାରଣକୁ ହେଜା କରିପାରନ୍ତି ନାହିଁ; ବରଂ ଓଡ଼ିଆ ଭାଷାକୁ ଡଷ୍ଟବିନ୍‌ରେ ପକାଇ ଅନ୍ୟଭାଷାକୁ ଜପାମାଳି କରିବା ସହ ସୋସିଆଲ ମିଡିଆରେ ଲାଇକ୍, କମେଣ୍ଟ, ସେୟାର ଏବଂ ଭ୍ୟୁଜ୍ ବଢ଼ାଇବାରେ ବେଶ୍ ଓସ୍ତାଦି କରୁଛନ୍ତି। ଫକୀରମୋହନଙ୍କ ମୁଖରେ ଅତି ରଞ୍ଜିତ ଭାବଭଙ୍ଗୀ, ହସ, ଅସ୍ୱାଭାବିକ ସ୍ୱର ଏସବୁ ଖଞ୍ଜିବା ଅର୍ଥ ଜଣେ କାଳଜୟୀ ସ୍ରଷ୍ଟାଙ୍କୁ ସର୍କସର ଜୋକର୍ ସଜାଇବା ଏହା ଫକୀରମୋହନଙ୍କ ପ୍ରତି ଏକ ଭୟଙ୍କର ଡିଜିଟାଲ ଆକ୍ରମଣ। ଯଦି ବଙ୍ଗଳାରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର, ହିନ୍ଦୀ ସାହିତ୍ୟରେ ପ୍ରେମଚନ୍ଦ ଏବଂ ଋଷ ସାହିତ୍ୟରେ ଟଲଷ୍ଟୟଙ୍କୁ ଆମେ ଏମିତି ସଜାଇବା, ତେବେ ସମ୍ପୃକ୍ତ ରାଜ୍ୟ ଓ ଦେଶର ଭାଷାପ୍ରେମୀମାନେ କ'ଣ ଚୁପ୍ ହେଇ ବସିବେ କି ? ବୋଧହୁଏ ନା। ତେଣୁ ଆଜି ଚିନ୍ତା କରିବାର ସମୟ। ଏହା ବିରୋଧରେ ପ୍ରତିବାଦର ସ୍ୱର ଉଠିବା ଦରକାର। ଏହାହିଁ ସାମ୍ପ୍ରତିକ ସମୟର ଆହ୍ୱାନ। ଫକୀରମୋହନଙ୍କୁ ଯଦି ଏଇମିତି 'ମିମ୍ ଚରିତ୍ର' ଭାବେ ପ୍ରଦର୍ଶିତ କରିବା, ତେବେ ଆଗାମୀ ପିଢ଼ି ଶିଖିବେ କ'ଣ? ଏଠାରେ ପ୍ରଶ୍ନ ଉଠେ ଏହି ଦୋଷ କାହାର? ଏ.ଆଇ.ର ନା ଆମର? ଏ.ଆଇ. ହେଉଛି ଏକ ଡିଜିଟାଲ ଉପକରଣ। ଐତିହ୍ୟକୁ କଣ୍ଟେଣ୍ଟ ଭାବେ ବିକ୍ରି କରିଦେଉଛୁ କେବଳ ସୋସିଆଲ ମିଡ଼ିଆରେ ନାମ କମେଇବା ପାଇଁ। ଫକୀରମୋହନଙ୍କ ମୁଖରେ ହିନ୍ଦୀ ଭାଷା କୁହା କରେଇବା ଅର୍ଥ ନିଜ ଭାଷା ପାଇଁ କବର ଖୋଳିବା। ଯଦି ସେ ବଞ୍ଚିଥାନ୍ତେ, ତେବେ ନିଶ୍ଚୟ ଏଇ ଦ୍ୱିତୀୟ କାନ୍ତିଲାଲମାନଙ୍କୁ ଠେଙ୍ଗା ଦେଖାଇଥାନ୍ତେ। ତେଣୁ ସଭିଏଁ ଏଥିପ୍ରତି ସଚେତନ ହେବା ଦରକାର। ଆଗାମୀ କାଲି ଯେଭଳି ଓଡ଼ିଆ ଭାଷାକୁ ଭଷ୍ମାସୁରମାନେ ନଷ୍ଟ ନ କରନ୍ତି ସେଥିପାଇଁ ବ୍ରେକ୍ ଲାଗିବା ଆବଶ୍ୟକ।



+ସଲ୍ଟରୋଡ୍, ସୁନହଟ୍, ବାଲେଶ୍ୱର
ମୋ : ୯୪୩୮୨୯୦୦୭୨

# ରେବତୀ

ମୂଳ ରଚନା
## ବ୍ୟାସକବି ଫକୀର ମୋହନ
ଗୀତରେ ରୂପାନ୍ତର
## ଦିଲ୍ଲୀପ କୁମାର ସାହୁ



ଲୋ ନିଆଁ ଲୋ ଚୁଲି ଲୋ କାହିଁ ଗଲୁ ରେବତୀ
ଘର ସାରା ବୁଲେ ଅଣ୍ଡାଳି ନାତୁଣୀକୁ ବୁଢ଼ୀଟି।
ଡାକିଲେ ବି ସେତ ଶୁଣୁନି କାହିଁ କୁଆଡେ ଗଲା
ଘରୁ ଆସି ବାରଣ୍ଡାରେ ତ ରେବତୀକୁ ଖୋଜିଲା।
ଆଖିକୁ ତ ଭଲ ଦିଶୁନି ପୁଣି ମୁହଁ ଅନ୍ଧାର
ଲୋ ନିଆଁ ଲୋ ଚୁଲି ଲୋ ଦେଉ ନାହୁଁ ଉତ୍ତର।

ବାରଣ୍ଡା ଖୁଣ୍ଟ କୁ ଆଉଜି ବସିଥାଏ ରେବତୀ
ବୁଢ଼ୀମାଆ ଡାକ କାନରେ ତାର ବାଜୁ ନାହିଁଟି।
ବୁଢ଼ୀମା ପାଖକୁ ଯାଇ ତା ତାକୁ ହଲାଇ ଦେଲା
କୋଳରେ ତାହାର ସେଇଠି ସିଏ ଗଡି ପଡିଲା।
ବିକଳରେ ବୁଢ଼ୀମାଆ ତା କନ୍ଦି ରଡି ଛାଡିଲା
ଲୋ ନିଆଁ ଲୋ କହିତ ତାର ପ୍ରାଣ ଛାଡିଲା।

ବ୍ୟାସକବିଙ୍କର ରଚିତ ଏହି ରେବତୀ ଗପ
ନାରୀଶିକ୍ଷାକୁ ତ ସମାଜ କରୁଥିଲା ବିଦ୍ରୂପ।
କାଉ ଅଣ୍ଟ ମାରୁମାରୁ ତ ତାଳ ପଡିଲା ପରି
ରେବତୀ ପାଇଁକି ଘଟିଲା ଘଟଣାଟି ସେପରି।
ପାଠ ପଢିବାକୁ ରେବତୀ ଯେବେ ମନ କରିଲା
ସୁଖ ଶାନ୍ତି ସବୁ ଘରର ସତେ ଉଜୁଡିଗଲା।

ଜାତିରେ କରଣ ଅଟନ୍ତି ଶ୍ୟାମ ବନ୍ଧୁ ମହାନ୍ତି
ଜମିଦାରଙ୍କର ଖଜଣା ସେତ ଆଦା କରନ୍ତି।
ଖଜଣା ଆଦାୟ ପାଇଁକି ଦରମା ସେ ପାଆନ୍ତି
ଜମିତ ଅଳପ ସେଥିରେ ସେତ ଚାଷ କରନ୍ତି।
ଭଲ ଲୋକ ବୋଲି ତାଙ୍କର ପାଟପୁରରେ ନାଆଁ
ଦୁଃଖୀ ରଙ୍କିଙ୍କୁ ସେ ଅବେଳେ
ହୋଇ ଥାଆନ୍ତି ସାହା।

ପରିବାର ବୋଲି ସେମାନେ ଚାରିଜଣ ମଣିଷ
ମାଆ, ସ୍ତ୍ରୀ, ଝିଅ ରେବତୀ ତାକୁ ଦଶ ବରଷ।
ପ୍ରଭୁଙ୍କ ଦୟାରୁ ଖୁସିରେ ଶ୍ୟାମବନ୍ଧୁ ଚଳନ୍ତି
ନିତି ସଞ୍ଜେ ପଢି ପୁରାଣ ସମସ୍ତଙ୍କୁ ଶୁଣାନ୍ତି।
ପାଖେ ବସି ତାଙ୍କ ରେବତୀ ଶୁଣେ ପୁରାଣ ପୋଥି
ଶୁଣି ଶୁଣି ପୋଥିପୁରାଣ ସିଏ ମନେ ରଖେଟି।

ପାଟପୁରେ ତାଙ୍କ ଖୋଲିଲା ସରକାରୀ ସ୍କୁଲଟି
ଶିକ୍ଷକ ଭାବରେ ଯୁବକ ଜଣେ ହେଲେ ନିଯୁକ୍ତି।
ବାସୁଦେବ ତାଙ୍କ ନାମଟି ବାପା ମାଆ ହରାଇ
ମାମୁ ମାଇଁଙ୍କର ପାଖରେ ବଡ ହୋଇଛି ସେହି।
ଜାତିରେ କରଣ ବୋଲି ସେ ଶ୍ୟାମ ବନ୍ଧୁଙ୍କ ପ୍ରିୟ
ରେବତୀର ମାଆ ତାହାଙ୍କୁ ଭାରି କରନ୍ତି ସ୍ନେହ।

ଶ୍ୟାମବନ୍ଧୁଙ୍କର ଘରକୁ ବାସୁଦେବ ନିଇତି
ସଞ୍ଜରେ ଯାଇ ତ ସେଠାରେ ଗପସପ କରନ୍ତି।
ଶ୍ୟାମବନ୍ଧୁ ଶୁଣିଥିଲେଟି କଟକରେ କେଉଁଠି
ବାଳିକା ମାନଙ୍କ ପାଇଁକି ବିଦ୍ୟାଳୟ ଅଛିଟି।
ବାଳିକା ମାନେତ ସେଠାରେ ରହି ପାଠ ପଢନ୍ତି
ରୋଷେଇ ସାଙ୍ଗକୁ ସିଲେଇ କାମ ତହିଁ ଶିଖନ୍ତି।

ଶ୍ୟାମବନ୍ଧୁଙ୍କର ଇଚ୍ଛାତ ଝିଅ ପାଠ ପଢନ୍ତା
ପାଠୋଇ ହୋଇସେ ଯଭିଙ୍କ
ଯତ୍ନ ନେଇ ପାରନ୍ତା।
ଶ୍ୟାମବନ୍ଧୁଙ୍କର ଉତ୍ସାହ ବାସୁଦେବ ତଦେଖି
ରେବତୀକୁ ଆଣି ଦେଲେ ସେ ଛବି ବହିଟିଏଟି।
ବହିଟିକୁ ଧରି ରେବତୀ ଖୁସିରେ ତ ନାଚିଲା
ମାଆ ଆଉ ବୁଢ଼ୀ ମାଆଙ୍କୁ ବହି ସେ ଦେଖାଇଲା।

ରେବତୀ ତ ପାଠ ପଢିବ ଶୁଣି ବୁଢ଼ୀମା ତାର
ରାଗରେ ଗର୍ଜନ କରିଲା କମ୍ପି ଉଠିଲା ଘର।
ଗାଁଆର ମଇପେ କୁହନ୍ତି ଝିଅ ପଢିଲେ ପାଠ
ବାପା ଭାଇଙ୍କର ନିଷ୍ଚୟ ହୋଇବ ତ ଅନିଷ୍ଟ।
ସେଥିପାଇଁ ବୁଢ଼ୀ ଡରିଣ ରାଗି କହୁଥିଲାଟି
ପାଠ ନୁହେଁ ଆଗ ରେବତୀ ଶିଖୁ ଘର ପାଇଟି।

ଶ୍ୟାମବନ୍ଧୁ ମାଆ କଥାକୁ ଜମା ଦେଲେନି ଧ୍ୟାନ
ଝିଅ ବିଦ୍ୟାରମ୍ଭ ହୋଇଲା ଶିରିପଞ୍ଚମୀ ଦିନ।
ବାସୁଦେବ ଆସି ଘରକୁ ପାଠ ପଢାଇଲେଟି
ଦିନ କେଇଟାରେ ରେବତୀ ଗଲା ଅକ୍ଷର ଶିଖି।
ଛୋଟ ଛୋଟ ଗୀତ ବହିରୁ ପଢି ମନେରଖିଲା
ଗୀତ ଶୁଣି ବାପା ମାଆଙ୍କ ମନ ଖୁସି ହୋଇଲା।

ଚାହୁଁଚାହୁଁ ଦୁଇ ବରଷ ତହିଁ ଗଲାରେ ବିତି
ପାଠ ପଢା ସାଥେ ରେବତୀ
ଗଲା ବଡ ହୋଇଟି।
ବୁଢ଼ୀମାଆ ଯେବେ ଜାଣିଲା ବାସୁଦେବ କରଣ
ନାତୁଣୀ ଜ୍ୱାଇଁତ କରିବା ପାଇଁ କଲା ସେ ମନ।
ସେତ ବାପା ମାଆ ଛେଉଣ୍ଡ ଘରଜ୍ୱାଇଁ କରିବା
ପୁଅ ପରି ତାକୁ ଘରେତ ଆମେ ଆଣି ରଖିବା।

ବୁଢ଼ୀମାଆ କଥା ରେବତୀ କାନେ
ଯେବେ ବାଜିଲା
କେଜାଣି କାହିଁକି ଏମିତି ସେତ ଲାଜେଇ ଗଲା।
ବାସୁଦେବ ଯେବେ ପଢାନ୍ତି ପାଠ ପାଖେ ବସାଇ
ମୁହଁକୁ ତାଙ୍କର ରେବତୀ ଜମା ପାରେନି ଚାହିଁ।
ବାସୁଦେବଙ୍କର ବାଟକୁ ସେତ ଚାହିଁ ବସଇ
ଆଖିରେତ ଆଖି ମିଶିଲେ ଓଠଚିପି ହସଇ।

ଏତେ ଖୁସି ଏତେ ଆନନ୍ଦ ବିହି ସହିଲା ନାହିଁ
ହଇଜା ବ୍ୟାପିଲା ଗାଁଆରେ ଯମ
ଦୂତ ସେ ହୋଇ।
ଝାଡାବାନ୍ତିରେତ ଲୋକଙ୍କ ଗଲା ପ୍ରାଣ ଅକାଳେ
ଗାଁଆ ସାରା ହେଲେ ଛାନିଆ
ପଡି ରୋଗ କବଳେ।
ରେବତୀର ବାପାମାଆ ତ ସେହି ଝାଡାବାନ୍ତିରେ
ଆଗପଛ ହୋଇ ଚାଲିଲେ ଦୁହେଁ ସରଗପୁରେ।

ଶ୍ୟାମବନ୍ଧୁ ମୃତ୍ୟୁ ଶେଯରେ ଧରି ବାସୁଦେବଙ୍କୁ
କହିଲେ ରେବତୀ ଲାଗିଲା ବାସୁ ଏବେ ତୁମକୁ।
ମାଆ ବୁଢ଼ୀ କରୁଥିଲାଟି ଉଚ୍ଚ ସ୍ୱରେ ରୋଦନ
ଝିଅ ପାଠ ଯୋଗୁ ଗଲାଟି ବାପା ମାଆ ଜୀବନ।

ନିର୍ବାକ ହୋଇତ ରେବତୀ ସବୁ ଶୁଣୁଥିଲାଟି
କପାଳକୁ ତାର ବିଚାରୀ ସେତ ନିନ୍ଦୁ ଥିଲାଟି।

ଶ୍ୟାମବନ୍ଧୁଙ୍କର ଅକାଳ ମୃତ୍ୟୁ ପରେଟି ପୁଣି
ଜମିଦାର ଦାଉ ସାଧିଲା ରଚି ମିଛ କାହାଣୀ।
ଯାହାତ ଖଜଣା ଆଦାୟ ଶ୍ୟାମ କରନ୍ତି ନିତି
ଜମିଦାରଙ୍କର ପାଖରେ ଯାଇ ଦେଇ ଆସନ୍ତି।
ହେଲେ ଜମିଦାର କହିଲେ ଅଛି ଖଜଣା ବାକି ।
ବୋହିନେଲେ ଧନ ଦରବ ଥିଲା
ଘରେ ଯାହାଟି।

ଯେଉଁଘର ହସଖୁସିରେ ନିତି ନାଚୁଯେଥିଲା
ଦୁଃଖ ଯନ୍ତ୍ରଣାତ ସେ ଘରେ ଆସି ରାଜୁତି କଲା।
ଏକା ବାସୁଦେବ ତାଙ୍କର ସାହା ଭରସା ଥିଲେ
ଭଲରେ ମନ୍ଦରେ ସାହସ
ତାଙ୍କୁ ସେ ଦେଉଥିଲେ।
ପ୍ରତିଦିନ ଆସି ବୁଝନ୍ତି ବାସୁ ଘର କଥାଟି
ଯାହା ଲୋଡା ସବୁ ପାଖରେ
ସେତ ଦେଇ ଯାଆନ୍ତି।

ଦୁଃଖ ରେ ବୁଢ଼ୀମା ଆଖିତ ଗଲା ଜଳକା ହୋଇ
ଦୂରରୁ ବୁଢ଼ୀକୁ କିଛିତ ଆଉ ଦିଶିଲା ନାହିଁ।
ସବୁବେଳେ ବୁଢ଼ୀ କୁହଇ
ଆଲୋ ନିଆଁ ଲୋ ଚୂଲି
ତୁ ପଢିଲୁ ପାଠ ଘର ମୋ ହୋଇଗଲାଲୋ ଖାଲି।
ରେବତୀ ତ ସବୁବେଳେଟି ଘର କୋଣରେ ରହି
କାନ୍ଦୁଥାଏ ବସି ଆଖିରୁ ସଦା ଲୁହ ଗଡାଇ।

ଏମିତି ଦିନେ ଯେ ସକାଳୁ ବାସୁଦେବ ଆସିତ
କହିଲେ ଆସିଛି ଡକରା ଦୂର ଗାଁଆ ରୁ ସେତ।
ଡେପୁଟି ସେଇଠି ରହିବେ ପାଞ୍ଚ ଦିନ ପାଇଁଟି
ପିଲାମାନଙ୍କର ପରୀକ୍ଷା ନେବେ ତହିଁ ଡେପୁଟି।
ସେଥିପାଇଁ ବାସୁଦେବ ଯେ ନେଇ ପିଲାମାନଙ୍କୁ
ପାଞ୍ଚ ଦିନ ପାଇଁ ଯିବେଟି ସେତ ସେହି ଗାଁଆକୁ।

ପାଞ୍ଚ ଦିନ ପାଇଁ ଯାହାତ ଲୋଡା ଘର ପାଇଁକି
ସବୁ ଦେଇ ବାସୁ ଚଳିଲେ ପିଲାଙ୍କୁ ତ ନେଇକି।
ଚାହିଁ ବସିଥିଲା ରେବତୀ ବାସୁ ଫେରିବା ବାଟ
ବିହି ପୁଣି ଆହା ମରିଲା ତାର କପାଳେ ଛାଟ।
ଖବର ଆସିଲା ବାଟରେ ହେଲା ଝାଡାବାନ୍ତିଟି
ବାସୁଦେବ ସେତ ବିଚାରା ଗଲା ଆର ପୁରେଟି।

ଖବର ଶୁଣିଣ ରେବତୀ ସେତ କାନ୍ଦି ଗଡିଲା
ମାଡି ଆସିଲାତ ଜରଟି ତାତି ଖଇ ଫୁଟିଲା।
ବୁଢ଼ୀମାଆ କହୁଥାଏଟି ଭଲା ପାଠ ପଢିଲୁ
ଲୋ ନିଆଁ ଲୋ ଚୂଲିଲୋ ସମସ୍ତଙ୍କୁ ଖାଇଲୁ।
ବୁଢ଼ୀମାଆ ଯେବେ ଦେଖିଲା
ରେବୀ ଦେହରେ ଜର
ଛାନିଆ ପସିଲା ଛାତିରେ ତାକୁ ଲାଗିଲା ଡର।

ବୁଢ଼ୀମା କଷ୍ଟରେ ରାନ୍ଧିଲା ସେତ ତା ପାଇଁ ପଥି
ଖାଇବା ପାଇଁକି ଡାକିଲା ତାର ପାଖେ ଯାଇଟି।
ରେବତୀକୁ ଘରେ ନପାଇ ବାରଣ୍ଡାକୁ ଆସିଲା
ଦେଖିଲା ରେବତୀ ଦେହରେ
ଆଉ ପ୍ରାଣ ନଥିଲା।
ଲୋ ନିଆଁ ଲୋ ଚୁଲି ଲୋ ବୁଢ଼ୀ କହିକହିଟି
ନିମିଷକେ ଟଳିପଡିଲା ଆହା ସେତ ସେଇଠି।...

+ଶଙ୍କରପୁର, ଚୌଦାର
କଟକ

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ଭୁବନ,୧୩/୧ (ନି.ପ୍ର): ଭୁବନ ପଂଚାୟତ ସମିତି ସଭାଗୃହରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମୁଦାୟ ୭୮ ଟି ଅଭିଯୋଗ ଦାଖଲ ହୋଇଥିଲା । ସେଥି ମଧ୍ୟରୁ ୫୭ ଟି ବ୍ୟକ୍ତିଗତ ଓ ୧୫ ଟି ସାମୁହିକ ସମସ୍ୟା ଅନ୍ତର୍ଭୁକ୍ତ ଥିଲା । ଘଟଣାସ୍ଥଳରେ ୧୪ ଟି ଅଭିଯୋଗର ସମାଧାନ ହୋଇଥିଲା । ଚିକିତ୍ସା ପାଇଁ ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଓ ୩ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ସମୁଦାୟ ୪୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, କାମାକ୍ଷା ନଗର ଉପ ଜିଲ୍ଲାପାଳ ଦିନମଣି ନାୟକ, ଆଡିଶିନାଲ ଏସପି ଇନ୍ଦୁରେଖା ପଶ୍ଚିମକବାଟ, ଉପକଣ୍ଠ ଆରକ୍ଷୀ ଅଧିକ୍ଷକ ରଜନୀ କାନ୍ତ ସାମଲ, ସହକାରୀ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ କୁମାର ସାହୁ, ଭଗତ କଲ୍ୟାଣ ରାଓ ( ଆଇ ଏ ଏସ), ଭୁବନ ବିଡ଼ିଓ ଆୟୁସି ମହାପାତ୍ର, ତହସିଲଦାର ଅନିଲ କୁମାର ମହାନ୍ତି, ଏନ୍ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦତ ସାହୁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗର ଶୁଣାଣୀ କରିଥିଲେ ।

## ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବନ୍ଦେ ମାତରଂ ଓ ରାଷ୍ଟ୍ରୀୟ ଯୁବଦିବସ ପାଳିତ

ନୀଳଗିରି,୧୩/୧ (ନି.ପ୍ର): ଉଠ, ଜାଗ୍ରତ ହୁଅ, ଲକ୍ଷ୍ୟସାଧନ ନହେବା ପର୍ଯ୍ୟନ୍ତ ବିଶ୍ରାମ ନେବାନାହିଁ ବୋଲି ସେଦିନ ଉଦବୋଧନ ଦେଇଥିବା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ବନ୍ଦେ ମାତରଂ କାର୍ଯ୍ୟକ୍ରମ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ମହାବିଦ୍ୟାଳୟର ବରିଷ୍ଠ ଅଧାପିକା ମମତା ବରାଳ, ମୁଖ୍ୟବକ୍ତା ଭାବରେ ବରିଷ୍ଠ ଅଧାପିକା ଡ. ଶିବାନୀ ଡଗର,




ସମ୍ମାନୀତ ଅତିଥି ଭାବରେ ଅଧାପକ ଡ. ହରିପଦ ଦାଶ, ଅଧାପିକା ମଣିମାଳା ବିଶ୍ୱାଳ, ମମତା ପ୍ରିୟଦର୍ଶିନୀ ସାହୁ, ସୁଷମା ସିଂହ, ମୋନାଲିସା ଭୋଳ, ପବିତ୍ରା ବେହୁରିଆ , ନିରୁପମା ନାୟକ, ଗ୍ରାନ୍ଥଗାରିକ ପ୍ରସନ୍ନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ମଚାରୀ ବ୍ରହ୍ମାନନ୍ଦ ଗିରି, ଆଦିକନ୍ଦ ମହାପାତ୍ର, ମନୋରଞ୍ଜନ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ । ପ୍ରାରମ୍ଭରେ ବନ୍ଦେମାତରଂ ସଂଗୀତଗାନ କରାଯାଇଥିବା ବେଳେ ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ଜାତୀୟସଙ୍ଗୀତ ଗାନ କରାଯାଇଥିଲା । ଉକ୍ତଉତ୍ସବକୁ ୟୁଥ୍ ରେଡକ୍ରସ, ରେଡ୍ ରିବନ୍ କ୍ଲବ ଓ ଜାତୀୟସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧାପିକା ମୌସୁମୀ ଭୋଳ ଓ କାଉନସେଲର ଡ. ପ୍ରଦୀପ୍ତ କୁମାର ମିଶ୍ର ସଞ୍ଚାଳନ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ସେଲ୍, ଆରଏସପିରେ ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତିକରଣ କର୍ମଶାଳା 'ରୋଶନି' ଆୟୋଜିତ

ରାଉରକେଲା,୧୩/୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତିକରଣ କର୍ମଶାଳା 'ରୋଶନି' ସିପିଟିଆଇ ଠାରେ ଚଳିତ ଜାନୁୟାରୀ ୦୯ ତାରିଖରେ ଆୟୋଜିତ ହୋଇଥିଲା। ଉକ୍ତ କର୍ମଶାଳାର ଉଦଘାଟନୀ ଅଧିବେଶନରେ ଇନ୍ସଟ୍ରୁମେନଟ୍ରେଶନ୍ ଓ ଅଟୋମେଶନ ବିଭାଗର ସିଜିଏମ ଶ୍ରୀ କେ କେ ସେନଗୁପ୍ତା ମୁଖ୍ୟ ଅତିଥି ଏବଂ ରୋଲ ଶପ ବିଭାଗର ଜିଏମ ଇନ-ଚାର୍ଜ ଶ୍ରୀ ଏସ ଆର ମହାନ୍ତି ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ୨୦୨୬ ଜାନୁୟାରୀ ମାସରେ ଅବସର ଗ୍ରହଣ କରୁଥିବା ଆରଏସପିର ୪୬ ଜଣ ଅଧିକାରୀ ଓ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ।



ଉକ୍ତ କାର୍ଯ୍ୟକ୍ରମରେ ଅବସର ପରବର୍ତ୍ତୀ ଜୀବନକୁ ସୂଚାରୁ ପ୍ରବେଶ ବିଷୟରେ ବିଭିନ୍ନ ବିଷୟ ଆଲୋଚିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଅତିରିକ୍ତ ସିଏମଓ ଡାକ୍ତର ସିଭଲକର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟାବଳୀ ଏବଂ ସୁସ୍ଥ ଅବସର ପରବର୍ତ୍ତୀ ଜୀବନ ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ।

ସି ଆଣ୍ଡ ଆଇଟି ବିଭାଗର ଡ଼ିଜିଏମ ଶ୍ରୀ ଭି ପି ଆର୍ଯ୍ୟ ଡିଜିଟାଲ ଯୁଗରେ ଇଣ୍ଟେରନେଟର ମହତ୍ତ୍ୱ ଏବଂ ସାଇବର ବିପଦ ଓ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ।

ବିତ୍ତ ଓ ଲେଖା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଡ଼ି କେ ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସନ୍ତୁଳତା ପାଇଁ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଏଜିଏମ ଶ୍ରୀ ପପୁ କୁମାର ଅବସର ପରବର୍ତ୍ତୀ ସୂଚାରୁ ଆର୍ଥିକ ସେଟେଲମେଣ୍ଟ ଉପରେ ତଥ୍ୟ ରଖିଥିଲେ।

ଏସପିପି ବିଭାଗର ଜିଏମ ଇନ-ଚାର୍ଜ ଡଃ. ପି କେ ପାଢୀ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ତଥା ସକ୍ରିୟ ଜୀବନ ଧାରଣ ପାଇଁ ସକାରାତ୍ମକ ମନୋଭାବ ପ୍ରବନ୍ଧନ ଉପରେ ଅଧିବେଶନ ନେଇଥିଲେ। କ୍ୱାର୍ଟର ଖାଲି କରିବା ତଥା ବଜାୟ ରଖିବା ସମ୍ବନ୍ଧୀୟ କମ୍ପାନୀ ନିୟମାବଳୀ ଉପରେ ସହର ସେବା ବିଭାଗର ଡେପୁଟି ମ୍ୟାନେଜର ଭରତ ମହାନ୍ତ ଆଲୋଚନା କରିଥିଲେ। ଏଚଆର ଇଏ, ଜି, ଇଆର ଓ ସି ବିଭାଗର ଏଜିଏମ ଶ୍ରୀ ଅବିନାଶ ସେଲ ମେଡିକ୍ଲେମ ଯୋଜନା ବିଷୟରେ ତଥ୍ୟ ରଖିଥିଲେ।

ପ୍ରାରମ୍ଭରେ ଏଚଆର ଇଆର ଆଣ୍ଡ ସି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ଏସ ପି ମାଝି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶ୍ରୀ ଅବିନାଶ, ଡେପୁଟି ମ୍ୟାନେଜର ଶ୍ରୀ ଏସ କେ ନାୟକ, ଶ୍ରମ ନିରିକ୍ଷକ ଶ୍ରୀ କେ କେ ପରିଡା ଏବଂ ଏଚଆର ଇଆର ଏଣ୍ଡ ସି ବିଭାଗୀୟ ଦଳ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଉଲ୍ଲେଖନୀୟ ଯେ, ଅବସରଗ୍ରହଣ କରୁଥିବା କର୍ମଚାରୀଙ୍କୁ ଅବସରକୁ ସକାରାତ୍ମକ, ଉତ୍ସାହ ଓ ସଂପୂର୍ଣ୍ଣ ପ୍ରସ୍ତୁତି ସହକାରେ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ରୋଶନୀ କର୍ମଶାଳା ଆୟୋଜିତ ହେଉଛି।

## ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର,୧୩/୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅନ୍ତର୍ଗତ ଅନ୍ଧାରିବାଞ୍ଜୀ ଗ୍ରାମ କାର୍ଯ୍ୟାଳୟର ସମ୍ମୁଖ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ମିଳିତ ଅଭିଯୋଗ ଶୁଣାଣି ଆରମ୍ଭ ହେବା ପୂର୍ବରୁ ଆନ୍ଧରିବାଞ୍ଜି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସମସ୍ତ ମହିଳାଙ୍କ ପାଇଁ ନୂତନ ଭାବେ ନିର୍ମିତ ବିଶ୍ରାମ ଗୃହ ସହିତ ନିଜ ଶିଶୁ ମାନକ ପାଇଁ ସ୍ତନ୍ୟପାନ ପାଇଁ ମା ଓ ମମତା କକ୍ଷକୁ ଜିଲ୍ଲାପାଳଙ୍କ ଦ୍ୱାରା ଉଦ୍ଘାଟନ କରାଯାଇଥିଲା। ତା'ପରେ ଡଃ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୫୨ ( ବାଆବନ୍) ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୩୭ ( ସଇଁତିରିଶ) ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୫ (ପନ୍ଦର) ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ତନ୍ମଧ୍ୟରୁ ୦୮(ଆଠ) ଗୋଟି ଅଭିଯୋଗ ପତ୍ର ତୁରନ୍ତ ଅଭିଯୋଗ ଶୁଣାଣୀ ଶିବିର ରେ ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡୁଙ୍ଗୁରିପାଲି, ଦିଲୀପ କୁମାର ବାଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## ଅନୁଗୁଳ ଜିଲ୍ଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୧୩/୧ (ନି.ପ୍ର): ରବିବାର ଦିନ ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଜୁ ଜନତା ଦଳର ଅନୁଗୁଳ ଜିଲ୍ଲା ସଭାପତି ଶ୍ରୀ ବ୍ରଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଜିଲ୍ଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଗୁଳ ସଭାଘର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକାରିଣୀ ବୈଠକରେ ୯ଟି ପ୍ରସ୍ତାବ ପାରିତ ହୋଇଯାଇଛି । ଉକ୍ତ ବୈଠକରେ ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଦଳର ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଯୋଡି ହୋଇ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ । ଉକ୍ତ ବୈଠକରେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ପୂର୍ବତନ ମନ୍ତ୍ରୀ ତଥା ଉପବାଚସ୍ପତି ରଜନୀକାନ୍ତ ସିଂହ, ପୂର୍ବତନ ସାଂସଦ ମହେଶ ସାହୁ, ପୂର୍ବତନ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ପୂର୍ବତନ ପାଲଲହଡା ବିଧାୟକ ମୁକେଶ କୁମାର ପାଳ, ଜିଲ୍ଲାପରିଷଦ ଅଧକ୍ଷା ବବିତା ପ୍ରଧାନ, ଜିଲ୍ଲା ମହିଳା ବିଜେଡି ସଭାପତି ଶ୍ରୀମତୀ ବିଦ୍ୟୁତଲତା ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ତଥା ଆଇନଜୀବୀ ମହେନ୍ଦ୍ର କୁମାର ବସ୍ତିଆ, ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ରାଜୀବ ଲୋଚନ ଦାସ ପ୍ରମୁଖ ବ୍ୟକ୍ତିଗଣ ମଂଚାସୀନ ଥିଲେ । ସଭା ଆରମ୍ଭ ପୂର୍ବରୁ ସମସ୍ତ ଅତିଥିମାନେ ବିଜୁ ମଇଦାନ ଠାରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଏବଂ ସଭାଘର ଠାରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରଥିଲେ । ଏହି ସଭାରେ ଜିଲ୍ଲାର ସମସ୍ତ ବ୍ଲକ ଚେୟାରମ୍ୟାନ୍, ଅନୁଗୁଳ ମ୍ୟୁନିସିପାଲିଟିର ଅଧକ୍ଷ ଅକ୍ଷୟ କୁମାର ସାମନ୍ତ, ଆଠମଲ୍ଲିକ ଏନ୍.ଏ.ସି. ଚେୟାରମ୍ୟାନ୍ ଶ୍ରୀମତୀ ଆଶା କୁମାରୀ ସାହୁ, ପୂର୍ବତନ ଟାମଡା ଅଧକ୍ଷ ଶକ୍ତି ପ୍ରସାଦ ପଟ୍ଟନାୟକ, ପୂର୍ବତନ ଓକିଲ ସଂଘ ସଭାପତି ଦିଲ୍ଲୀପ କୁମାର ସାହୁ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ଚନ୍ଦ୍ରକାନ୍ତ ପ୍ରଧାନ, ସମସ୍ତ ବ୍ଲକ ସଭାପତି, ମ୍ୟୁନିସିପାଲିଟି ଓ ଏନ୍.ଏ.ସି. ସଭାପତି, ଜିଲ୍ଲାପରିଷଦ ସଭ୍ୟ, କାଉନସିଲର, ସରପଂଚ, ସମିତିସଭ୍ୟ ଏବଂ ପ୍ରତ୍ୟେକ ପଂଚାୟତର ପ୍ରତିନିଧି ଓ ବରିଷ୍ଠ ଜିଲ୍ଲାସ୍ତରୀୟ ଛାତ୍ର, ଯୁବ ଓ ମହିଳା ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ସଭାରେ ନୂତନ ଭାବେ ମନୋନୀତ ହୋଇଥିବା ଜିଲ୍ଲା କମିଟି ଓ ରାଜ୍ୟ କମିଟିରେ ସ୍ଥାନ ପାଇଥିବା କର୍ମୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଦଳକୁ କିପରି ତୃଣମୂଳ ସ୍ତରରୁ ମଜଭୂତ କରାଯିବ ଏବଂ ବର୍ତ୍ତମାନର ବିଜେପି ସରକାରଙ୍କର ମନମୁଖୀ କାର୍ଯ୍ୟକ୍ରମ ଓ ଦୁର୍ନୀତି ବିରୁଦ୍ଧରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବା ପାଇଁ ନିଷ୍ପତି ନିଆଗଲା । ବର୍ତ୍ତମାନର ଡବଲ ଇଞ୍ଜିନ୍ ସରକାରଙ୍କର ଚାଷୀ ମାରଣ ନୀତି, ବେକାରୀ ସମସ୍ୟା, ନାରୀ ନିର୍ଯାତନା, ପରିବେଶ ସୁରକ୍ଷା ଆଦି ବିଷୟରେ ବିଫଳ ହୋଇଛି । ଲୋକମାନଙ୍କୁ ବିଭିନ୍ନ ମିଛ ପ୍ରତିଶ୍ରୁତି ଦେଇ ସରକାରକୁ ଆସିବା ପରେ ଲୋକମାନଙ୍କର ମୌଳିକ ସମସ୍ୟା ଭୁଲି ଯାଇ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ନାହିଁନଥିବା ଟିକସ ନେଇ ଲୋକମାନଙ୍କୁ ଶୋଷଣ କରୁଅଛି । ପଲ୍ୟୁସନ୍ ସାର୍ଟିଫିକେଟ୍ ପାଇଁ ବାଧକରି ଟିକସ୍ ନେବା ପରି ହିଟଲରୀ ଶାସନ ଚଳାଇଛନ୍ତି । ଏହାକୁ ଆଗାମୀ ଦିନରେ ବିଜୁ ଜନତା ଦଳ ତରଫରୁ ବିରୋଧ କରାଯିବା ସହିତ ଲୋକମାନଙ୍କର ମୌଳିକ ସମସ୍ୟା ପାଇଁ ରାଜରାସ୍ତାକୁ ଓହ୍ଲାଇବା ପାଇଁ ନିଷ୍ପତି ନିଆଗଲା । ସେହିପରି ଆଗାମୀ ଦିନରେ ଏହିପରି ପରିବର୍ତ୍ତ କାର୍ଯ୍ୟକାରିଣୀ ବୈଠକ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ଅନୁଷ୍ଠିତ ହେବ । ପରିଶେଷରେ ମହେନ୍ଦ୍ର ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଳକଣ୍ଠେଶ୍ୱର ମନ୍ଦିରରେ ରୁଦ୍ରାଭିଷେକ

ଗଞ୍ଜାମ,୧୩/୧ (ନି.ପ୍ର): ବିଶ୍ୱ କଲ୍ୟାଣ ଓ ସମଗ୍ର ମାନବ ଜାତିର ଶାନ୍ତି ସହାବସ୍ଥାନ ନିମନ୍ତେ ପାତ୍ର ହସ୍ପିଟାଲ ତରଫରୁ ସ୍ଥାନୀୟ ଶ୍ରୀ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ପୀଠରେ ରୁଦ୍ରାଭିଷେକ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ହସ୍ପିଟାଲର ଅଧିକ୍ଷକ ଡାକ୍ତର ସଙ୍କର୍ଷଣ ପାତ୍ରଙ୍କ ସୌଜନ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡକ୍ଟର ସମରେନ୍ଦ୍ର ସାହୁ, ପ୍ରଭାକର ପାତ୍ର, ଭାସ୍ୱତୀ ପଣ୍ଡା, ପ୍ରିୟଙ୍କା ପାଢ଼ୀ, ଭିଷ୍ମାଚାର୍ଯ୍ୟ ଚୌଧୁରୀ, ପ୍ରଶାନ୍ତ ମହାପାତ୍ରଙ୍କ ସମେତ ଅର୍ଜୁନ ହସ କ୍ଲବର ସମସ୍ତ ସଦସ୍ୟ ଓ ବହୁ ଶୈବ ଭକ୍ତ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପାତ୍ର ହସ୍ପିଟାଲର ମୁଖ୍ୟ ପରିଚାଳିକା ଶ୍ରୀମତୀ ଜୟନ୍ତୀ ପାତ୍ର ଓ ଅନ୍ୟ କର୍ମକର୍ତାମାନେ ପରିଚାଳନା କରିଥିଲେ ।

## ବସ୍ତା ନର୍ଥ ଓଡିଶା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ବସ୍ତା,୧୩/୧ (ନି.ପ୍ର): ବସ୍ତା ରେଳ ଷ୍ଟେସନ ନିକଟସ୍ଥ ନର୍ଥ ଓଡ଼ିଶା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅଧକ୍ଷ ହରେକୃଷ୍ଣ ବେହେରାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ,ମୁଖ୍ୟ ବକ୍ତା ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ଼ଃ ହରିଶ ଚନ୍ଦ୍ର ବେହେରା ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ତଥା ସ୍ତମ୍ଭକାର ପଞ୍ଚାନନ ବେହେରା ଏହି ଅନୁଷ୍ଠାନ ହେବା ଦ୍ୱାରା ବସ୍ତା, ବାଲିଆପାଳ, ଜଳେଶ୍ୱର, ପଡୋଶୀ ମୟୁରଭଞ୍ଜ ଜିଲ୍ଲାର ରସଗୋବିନ୍ଦପୁର ବହୁ ଛାତ୍ରଛାତ୍ରୀ ସୁବିଧା ରେ ଶିକ୍ଷା ଗ୍ରହଣ କରି ପାରୁଛନ୍ତି ବୋଲି କହିଥିଲେ। ଟ୍ରଷ୍ଟି ଡ଼ଃ ଗଣେଶ ନାରାୟଣ ପ୍ରହରାଜ ,ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ ନିର୍ମଳ ଚନ୍ଦ୍ର ଧଳ,'ଅପରାହ୍ନ'ର ପ୍ରତିଷ୍ଠାତା ସମ୍ପାଦକ ବଂଶୀଧର ଜେନା ଖେଳ କୁଦ ସହ ପାଠ ପଢି ଜ୍ଞାନ ଉପାର୍ଜନ କରିବା ଜଣେ ଆଦର୍ଶ ଛାତ୍ରର କର୍ତ୍ତବ୍ୟ ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ନିର୍ଦ୍ଦେଶକ ଦିଲୀପ କୁମାର ରାଉଳ, ଶିକ୍ଷକ ଆଦିତ କୁମାର ମହାନ୍ତି, ଜଗତ କୃଷ୍ଣ ସାହୁ, ଅନୁଭବ ମହାପାତ୍ର, ଶିକ୍ଷୟତ୍ରୀ ମମି ତା ପାତ୍ର, ପ୍ରତିଭା ରାଉଳ,ପ୍ରଜ୍ଞା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ସ୍ୱର୍ଗତ ଗଦାଧର ଗିରିଙ୍କ ୩୯ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଲଙ୍ଗଳେଶ୍ୱର,୧୩/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବେତଗଡିଆ ପଞ୍ଚାୟତର ନାରାୟଣପୁର କୀର୍ତ୍ତିଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡିଆରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ପକ୍ଷରୁ ସୋମବାର ଅପରାହ୍ନରେ ସ୍ୱର୍ଗତ ଗଦାଧର ଗିରିଙ୍କ ୩୯ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇ ଯାଇଛି। ପରିଷଦର ସଭାପତି ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଗଦାଧର ଗିରି ସ୍ମୃତି ବିକାଶ ପରିଷଦର ଆବାହକ ବିକାଶ ଗିରି ପରିଚାଳନା କରିଥିଲେ। ଅତିଥି ଭାବେ




ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ପାଟ୍ଟଶାଣୀ, ପ୍ରଫେସର କିଶୋର ଦେବଦତ୍ତ ସିଂ,ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଅଧ୍ୟାପକ କେଦାର ନାଥ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, ଲତା ଯୋଡି ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ପ୍ରିୟବ୍ରତ ପଣ୍ଡା,ବେତଗଡ଼ିଆ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ ଗିରିଙ୍କ ସହିତ ଭାଜପା ନେତା ଅରବିନ୍ଦ ବେହେରା ମଞ୍ଚାସିନ ହୋଇ ବକ୍ତବ୍ୟରେ କହିଥିଲେ ସ୍ୱର୍ଗତ ଗଦାଧର ଗିରିଙ୍କ ବିକଳ୍ପ ସୃଷ୍ଟି ହୋଇ ନାହିଁ। ସେ ଥିଲେ ବାଲିଆପାଳ ଅଞ୍ଚଳର ଜଣେ ନିଃସ୍ୱାର୍ଥପର ଜନ ନେତା।କେବଳ ବାଲିଆପାଳ କାହିଁକି ସମଗ୍ର ଓଡ଼ିଶାରେ ବେଶ ପରିଚିତ ଥିଲେ। କାର୍ଯ୍ୟକ୍ରମରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀ ଓ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବଲାଙ୍ଗିର ମାଟିର ସହିତ ସମ୍ପର୍କ ଥିବା ପାଂଚ ଉଚ୍ଚ ନ୍ୟାୟାଳୟର ବିଚାରପତି ଜିଲ୍ଲା ବାର ଦ୍ୱାରା ସମ୍ବର୍ଦ୍ଧିତ

ବଲାଙ୍ଗିର,୧୩/୧ (ନି.ପ୍ର): ଜିଲ୍ଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ବଲାଙ୍ଗୀର ମାଟିର ୫ ଜଣ ବିଚାରପତି ଙ୍କୁ ଉପାୟନ ଓ ମୋମେଂଟୋ ଦେଇ ସମ୍ବର୍ଦ୍ଧିତ କରାଯାଇଛି କ୍ଷ ଜିଲ୍ଲା ଓକିଲ ସଂଘର ସଭାପତି ବାସୁଦେବ ରଥ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ସୁପ୍ରିମ କୋର୍ଟର ମାନ୍ୟବର ବିଚାରପତି ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର, ଝାରଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ତଥା ବର୍ତ୍ତମାନର ଜିଏସ୍‌ଟି ଏପେଲେଟ୍ ଟ୍ରିବ୍ୟୁନାଲର ଅଧକ୍ଷ ଜଷ୍ଟିସ୍ ସଂଜୟ ମିଶ୍ର, ଓଡ଼ିଶା ହାଇକୋର୍ଟ ବିଚାରପତି ସଂଜୀବ ପାଣିଗ୍ରାହୀ ଓ ଗୌରୀଶଙ୍କର ଶତପଥୀ ଏବଂ ଛତିଶଗଡ଼ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିଭୁଦତ୍ତ ଗୁରୁ ଙ୍କୁ ବଲାଙ୍ଗୀର ଜିଲ୍ଲା ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବଲାଙ୍ଗୀର ଜିଲ୍ଲା ଓକିଲ ସଂଘ ଅନେକ ପ୍ରତିଭାବାନ ଆଇନଜୀବୀ ଓ ବିଚାରପତି ସୃଷ୍ଟି କରିଛି। ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ସଂଘର ଗାରିମା ଓ ମର୍ଯ୍ୟାଦାକୁ ବଳବତ୍ତର ରଖିବା ବର୍ତ୍ତମାନର ପିଢ଼ିର ଓକିଲ ମାନଙ୍କ ଦାୟିତ୍ୱ ବୋଲି ସମ୍ବର୍ଦ୍ଧିତ ବିଚାରପତି ମାନେ ନିଜ ବକ୍ତବ୍ୟରେ କହିଥିଲେ । ବଲାଙ୍ଗୀରରେ ନୂତନ ସିଭିଲ କୋର୍ଟ ନିର୍ମାଣ ଓ ହାଇକୋର୍ଟର ସାର୍କିଟ କୋର୍ଟ ନିର୍ମାଣ ଉପରେ ବିଚାରପତି ମାନେ ଜୋର୍ ଦେଇ ଥିଲେ। ବିଚାରପତି ମାନଙ୍କୁ ବରିଷ୍ଠ ଆଇନଜୀବୀ ଗୋପାଳ ପାଣିଗ୍ରାହୀ, ଆନନ୍ଦ ପାଣିଗ୍ରାହୀ, ପ୍ରମୋଦ ତ୍ରିପାଠୀ, ଭବାନୀ ସତପଥୀ ଅମରେନ୍ଦ୍ର ମିଶ୍ର ପ୍ରମୁଖ ସମର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମକୁ ଜୟକୃଷ୍ଣ ସାହୁ ସଂଯୋଜନା କରିଥିଲେ କ୍ଷ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସଫଳ କରିବାରେ ସରୋଜ ପାଣିଗ୍ରାହୀ, ବୈଷ୍ଣବ ମିଶ୍ର, ସଂଘର ଉପସଭାପତି ସୁଧାଂଶୁ ଦେଓ, ସହସମ୍ପାଦକ ସୁମିତ ଖୁଆସ, କୋଷାଧକ୍ଷ ସମୀର ମିଶ୍ର, ଆଇନଜୀବୀ ଶିବ ଦ୍ୱିବେଦୀ, ଦିପ୍ତୀ ଶର୍ମା, ସବିତା ମିଶ୍ର, ପ୍ରଶାନ୍ତ ସେନାପତି, ରାଜେନ୍ଦ୍ର ପୁରୋହିତ ରାଜେନ୍ଦ୍ର ମିଶ୍ର, ସିଦ୍ଧାର୍ଥ ମିଶ୍ର, ସୁବାଷ ନନ୍ଦ, ପ୍ରିୟ ରଞ୍ଜନ ବହିଦାର, ଅରବିନ୍ଦାକ୍ଷ ପୁଝାରୀ, ସଙ୍ଗୀତା ସିଂହ, ସୁରମା ବହିଦାର, ଜାଗୃତି ସାହୁ, ନିର୍ମାଲ୍ୟ ସ୍ୱାଇଁ, ମମତା ସୁନା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଜିଲ୍ଲା ଓକିଲ ସଂଘର ସମ୍ପାଦକ ସଞ୍ଜୟ ବଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବଲାଙ୍ଗୀର ସିଭିଲ କୋର୍ଟର ସମସ୍ତ ବିଚାରପତି, ଜୁଡିସିଆଲ ଷ୍ଟାଫ୍, ବଲାଙ୍ଗୀର ଲ' କଲେଜର ଛାତ୍ରଛାତ୍ରୀଙ୍କ ସମେତ ବଲାଙ୍ଗୀର, ପାଟଣାଗଡ଼, କଂଟାବାଞ୍ଜି ସଇଁତଳା, ଲୋଇସିଂହା ଓ ସୋନପୁର ଜିଲ୍ଲାର ବହୁ ଓକିଲ ଉପସ୍ଥିତ ଥିଲେ ।

## ସ୍ୱଦେଶୀ ଜାଗରଣ ମଂଚ ପକ୍ଷରୁ ସ୍ୱଦେଶୀ ସଂକଳ୍ପ ଦୌଡ

ନୂଆପଡ଼ା,୧୩/୧ (ନି.ପ୍ର): ସ୍ୱଦେଶୀ ଜାଗରଣ ମଂଚ ନୂଆପଡା ଜିଲ୍ଲା ଖଡ଼ିଆଳ ଶାଖା ତରଫରୁ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ସ୍ୱଦେଶୀ ସଂକଳ୍ପ ଦୌଡ କାର୍ଯ୍ୟକ୍ରମ ଖଡ଼ିଆଳ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରୁ ଅଗ୍ରସେନ ଭବନ ପର୍ଯ୍ୟନ୍ତ ଆଜି ଅନୁଷ୍ଠିତ ହୋଇଥିଲା। ଏଥିରେ ଖଡ଼ିଆଳ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଛାତ୍ରୀ, ଖଡିଆଳ କ୍ଷତ୍ରିୟ ଆଂଚଳିକ କ୍ରୀଡା ଓ ସାଂସ୍କୃତିକ ଅନୁଷ୍ଠାନର ସମସ୍ତ ଯୁବକ ଓ ଖଡିଆଳର ବୁଦ୍ଧିଜୀବୀ ମାନେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ସୁଜିତ ପାତ୍ର, ସୁରେଶ କୁମାର ହଟୱାର, ଭାନୁଚନ୍ଦ୍ର ସୁନାନୀ, ବୃନ୍ଦା ପ୍ରଧାନୀ, ଶ୍ରୀବତ୍ସ ବାରିକ, ଭୀଷ୍ମଦେବ ହଂସ , ଦାରା ସିଂ ଭୋଇ ସମେତ ବହୁ ସଂଖ୍ୟାରେ ଯୁବ ସମାଜ ସାମିଲ ହୋଇ ସଫଳ କରିଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, BALASORE

2017-O

**e-procurement Notice**

Bid Identyfication No e-Procurement No. 09/SERW/BLS-II/2025-26

Estimated Cost :- As specified in column 3 of Annexure
Cost of Tender Paper through online :- As specified in column 6 of Annexure
Class of Contrator :- As specified in column 7 of Annexure
Time of Completion :- As specified in column 8 of Annexure
Other Details:- :- As per DTCN

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening the Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Balasore | ETCN-09/SERW/ BLS-II/2025-26 | 15.01.2026 at 05.00 P.M. | 27.01.26 up to 5.00 P.M. | 27.01.2026 up to 3.00 P.M. | 28.01.2026 at 11.00 A.M |

Further details can be seen from the web site www.tendersorissa.gov.in

Superintending Engineer
R.W. Division-II, Balasore

# କେସି ପିପିଲି କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ବାଲିଆପାଳ , ୧୩/୧ (ନି.ପ୍ର): ବାଲିଆପାଳ ବ୍ଲକ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇ, ବାଲିଆପାଳ, ବାଲେଶ୍ୱରରେ ଶକ୍ତିଶ୍ରୀ ସାଥୀ କାର୍ଯ୍ୟକ୍ରମ ପକ୍ଷରୁ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ମାନଙ୍କୁ ନେଇ ୮ ଦିନିଆ ଛାତ୍ରୀ ଆତ୍ମ ସୁରକ୍ଷା ଶିବିର ଅଧକ୍ଷା ଡ଼ ମାନସୀ ସାହୁଙ୍କ ପୌରାହିତ୍ୟରେ ଉଦଯାପନ ହୋଇଯାଇଛି । ଇତିହାସ ବିଭାଗର ମୁଖ୍ୟ ଅଧାପକ ପ୍ରଭାଂଶୁ କୁମାର ସି ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୦୧୨ ମସିହାରୁ ଆରମ୍ଭ ହୋଇଥିବା ନାରୀ ଆତ୍ମାସୁରକ୍ଷା ଅଭିଯାନର ଆବଶ୍ୟକତା ସମ୍ବନ୍ଧରେ ମତ ରଖିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଓଡ଼ିଆ ବିଭାଗ ମୁଖ୍ୟ ଡ଼ ଦୟାନିଧି ସାହୁ ଯୋଗଦେଇ, ଛାତ୍ରୀମାନଙ୍କ ଶାରୀରିକ, ମାନସିକ ସୁରକ୍ଷାର ଆବଶ୍ୟକତାକୁ ଉପସ୍ଥାପନ କରିଥିଲେ । ବରେଣ୍ୟ ଅତିଥି ଭାବେ ରାଜନୀତି ବିଜ୍ଞାନର ମୁଖ୍ୟ ଅଧାପକ ପ୍ରଭାତ କୁମାର ଜେନା ବିଭିନ୍ନ ଉଦାହରଣ ଦେଇ ଛାତ୍ରୀ ଆତ୍ମ ସୁରକ୍ଷାର ଉଦ୍ଦେଶ୍ୟ ସମ୍ବନ୍ଧରେ ମତ ରଖିଥିବା ବେଳେ ମୁଖ୍ୟ ସଂଯୋଜିକା ଅଧାପିକା ସସ୍ମିତା ସିଂ ଓ ସହ ସଂଯୋଜିକା ଅଧାପିକା ମନସ୍ୱିନୀ ଆଚାର୍ଯ୍ୟ ଆଠ ଦିନର ଶିବିର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଅଧକ୍ଷା ଦୁଇ ମାଷ୍ଟର ଟ୍ରେନର ସରସ୍ୱତୀ ଜେନା ଓ ସସ୍ମିତା ଜେନାଙ୍କୁ ସମ୍ମାନିତ କରିବା ସହ ଛାତ୍ରୀ ଆତ୍ମ ସୁରକ୍ଷାର ମହତ୍ତ୍ୱର ଦିଗ ସମ୍ବନ୍ଧରେ ସଚେତନ ବାର୍ତ୍ତା ଦେଇଥିଲେ । ପରିଶେଷରେ ଶିବିରର୍ଥୀ ଲିପ୍ସିମୟୀ ପଣ୍ଡା କୃତଜ୍ଞତା ଜ୍ଞାପନ କରିଥିଲେ ।

# ଆନନ୍ଦମାର୍ଗର ବିପନ୍ନଙ୍କୁ ସାହାଯ୍ୟ

ଭଦ୍ରକ, ୧୩/୧ (ନି.ପ୍ର): ଆନନ୍ଦମାର୍ଗ ୟୁନିଭରସାଲ୍ ରିଲିଫ ଟିମ୍‌ର ସଭାପତି ଶ୍ରୀ ଜଗନ୍ନାଥ ରାୟ ଓ ବରିଷ୍ଠ ନାଗରିକ ଶ୍ରୀ ଶାନ୍ତନୁ କୁମାର ରାଉତ ସହଯୋଗରେ ତିହିଡ଼ି ବ୍ଲକ ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଛତ୍ରପଦା ଗ୍ରାମ ପଣ୍ଡିତ ସାହିରେ ଭୟାବହ ଅଗ୍ନିକାଣ୍ଡ ଘଟି ନଅଗୋଟି ପରିବାରର ସମସ୍ତ ଆସବାସ ପତ୍ର ସହ ବର୍ଷକର ସାଇତା ଖାଦ୍ୟ, ଛାତ୍ରଙ୍କର ବହିପତ୍ର ସଂପୂର୍ଣ୍ଣ ଭାବେ ପୋଡ଼ି ଯାଇଛି ଏବଂ ଏହି ଅଗ୍ନିକାଣ୍ଡରେ ବାରଗୋଟି ଗୋରୁଗାଈ ଓ ତିନିଗୋଟି ଛେଳି ଓ କୁକୁଡ଼ା ଜୀବନ୍ତ ଯୋଡ଼ି ମରିଛନ୍ତି । ଉକ୍ତ ଟିମ୍‌ର ସଭାପତି ସରଜମିନ ତଦନ୍ତ କଲାପରେ ଉକ୍ତ ଅଗ୍ନିବିପନ୍ନଙ୍କୁ ଓ ଅନ୍ୟ ଜଣେ ଗରୀବଙ୍କୁ କମ୍ବଳ, ଶାଢ଼ୀ, ଧୋତି, ଲୁଙ୍ଗି, ଗାମୁଛା, ବିସ୍କୁଟ, ଡାଲ୍ମା ଏବଂ ନଗଦ ଛବିଶି ହଜାର ଟଙ୍କା ବଣ୍ଟନ କରାଯାଇଥିଲା । ବିପନ୍ନର ଶିକାର ହୋଇଥିବା ସମସ୍ତ ପରିବାର ସଦସ୍ୟ ସଦସ୍ୟାମାନଙ୍କୁ କଥା ପ୍ରସଙ୍ଗରେ କହିଥିଲେଯେ ପ୍ରକୃତିର ଦଣ୍ଡକୁ ହସିବାକୁ ହେବ ଏବଂ ସଂଗ୍ରାମକରି ପରିବର୍ତ୍ତନ ଆଣିବାକୁ ହେବ । ଉକ୍ତ ସଂଗଠନକୁ ଡ଼ା. ରବିନ୍ଦ୍ର କୁମାର ନାୟକ, ଡ଼ା ବିଭୂତି ଭୂଷଣ ନାୟକ, ଶିକ୍ଷକ ବାବୁଲା ରାଉତ, ଶ୍ରୀ ମଦନ ମୋହନ ନାୟକ ଓ ପ୍ରଶନ୍ନ ପ୍ରଧାନ ବିଶେଷ ସାହାଯ୍ୟ ସହଯୋଗ କରିଥିଲେ ଓ ପରବର୍ତ୍ତୀ ସାହାଯ୍ୟ ପଛାଲୋ ଅଗ୍ନିବିପନ୍ନଙ୍କୁ ଦିଆଯିବ ।

# ସାଧାରଣତନ୍ତ୍ର ଦିବସ ୨୦୨୬ ପାଇଁ ପ୍ରସ୍ତୁତି ବୈଠକ




ବାଲେଶ୍ୱର, ୧୩/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିୟମରେ ଠାରେ ୭୭ ତମ ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ ମହୋଦୟ ସଭାପତିତ୍ୱ କରିଥିଲେ । ତାଙ୍କ ବ୍ୟତୀତ ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକ (ସାଧାରଣ), ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ହେମନ୍ତ ସିଂ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଉପ ଜିଲ୍ଲାପାଳ, ନୀଳଗିରି, ନିର୍ବାହୀ ଅଧିକାରୀଣୀ ନିର୍ଲିପ୍ତା ମହାନ୍ତି, ବାଲେଶ୍ୱର ପୌରପାଳିକା, ଡ. ମଧୁସ୍ମିତା ସାମନ୍ତରାୟ ଏବଂ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରିୟଦର୍ଶୀ ରାଜେଶ ପ୍ରମୁଖ ମଞ୍ଚାସିନ ଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ । ଏହା ବ୍ୟତୀତ ଏହି ସଭାରେ ବିଭିନ୍ନ ବିଭାଗର ଜିଲ୍ଲା ଅଧିକାରୀ, ସାମ୍ବାଦିକ ଗଣ ଏବଂ ବୁଦ୍ଧିଜୀବୀ ଗଣ ଆଗାମୀ ସାଧାରଣତନ୍ତ୍ର ଦିବସ ପାଳନ ସମ୍ବନ୍ଧରେ ନିଜର ମତାମତ ରଖିଥିଲେ । ପୂର୍ବ ବର୍ଷ ପରି ଏବର୍ଷ ମଧ୍ୟ ସାଧାରଣତନ୍ତ୍ର ଦିବସକୁ ସୁଚାରୁ ରୂପେ ପାଳନ କରାଯିବ ବୋଲି ଏହି ସଭାରେ ନିଷ୍ପତ୍ତି ନିଆଯାଇଥିଲା ।

# ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ଓ ବନ୍ଦେ ମାତରମ ଉତ୍ସବ ପାଳନ

ବୈଶିଙ୍ଗା , ୧୩/୧ (ନି.ପ୍ର): ସୋମବାର ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ NSS ଏବଂ Red Crossର ମିଳିତ ଉଦ୍ୟମରେ ସାମୁହିକ ଭାବେ ବନ୍ଦେ ମାତରମ ଓ ଜାତୀୟ ଯୁବ ଦିବସ(ସ୍ୱାମୀ ବିବେକାନନ୍ଦ ଜୟନ୍ତୀ) ପାଳନ ହୋଇଯାଇଛି । ଉକ୍ତ ଦିବସରେ ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ବିଜୟ କୁମାର ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଲେଜର ଯୁବ ଶିକ୍ଷାର୍ଥୀ ମାନେ ଭବିଷ୍ୟତ ରେ କିପରି ସୁନାଗରିକ ହେବେ ସେ ବିଷୟରେ ଅଭିପ୍ରେରିତ କରାଇବା ସହ ଜାତିଗଠନ ରେ ଯୁବ ସମାଜର ଭୂମିକା ବିଷୟରେ ନିଜର ସୁମନ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ବେହେରା ବନ୍ଦେ ମାତରମର ଲକ୍ଷ୍ୟ ଓ ଆଦର୍ଶ ବିଷୟରେ ବୁଝାଇ ଦେଶର ଏକତା ଓ ଅଖଣ୍ଡତା କିପରି ବଜାୟ ରହିବ ଯୁବ ସମାଜକୁ ବାର୍ତ୍ତା ପ୍ରଦାନ କରିଥିଲେ ଏବଂ ଦେଶ ଓ ଜାତିର ସେବାରେ ନିଜକୁ ସମର୍ପଣ କରିବାର ଶପଥ ପାଠ କରାଇଥିଲେ । Red Cross ଅଧିକାରୀ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର କର ସଭା ସଂଯୋଜନା କରିଥିଲେ ଓ ଘଝଝ ର ଅଧିକାରୀ ଶ୍ରୀଯୁକ୍ତ ଜିତେନ୍ଦ୍ର ଖଟୁଆ ସର୍ବଶେଷରେ ଧନ୍ୟବାଦ ଜ୍ଞାପନ କରି ସଭା ସାଙ୍ଗ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଅଣ-ଶିକ୍ଷକ କର୍ମଚାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ଖଇରା ଆଦର୍ଶ ଶିକ୍ଷା ମନ୍ଦିରର ବିଜ୍ଞାନ ମେଳା

ଖଇରା, ୧୩/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ସ୍ଥିତ ଆଦର୍ଶ ଶିକ୍ଷା ମନ୍ଦିର ପରିସରରେ ବିଜ୍ଞାନ ମେଳା-୨୦୨୬ ମଙ୍ଗଳବାର ଦିବସ ବ୍ୟାପି ଅନୁଷ୍ଠିତ ହୋଇ ଯାଇଛି ।ବାରିପଦା ଏମପିସି ମହାବିଦ୍ୟାଳୟ ଅଧ୍ୟାପକ ତାପନ କୁମାର ପଣ୍ଡା ଏହି ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ପ୍ରତିଷ୍ଠାତା ପ୍ରଭାତ କୁମାର ଜେନା ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀ ଙ୍କ ଦ୍ୱାରା ୭୩ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା । ପଳାସପୁର ହାଇସ୍କୁଲର ପୂର୍ବତନ ବିଜ୍ଞାନ ଶିକ୍ଷକ ପିତାମ୍ବର ପତି ବିଚାରକ ଭାବେ ଯୋଗ ଦେଇ ପ୍ରକଳ୍ପ ଗୁଡିକର ମୁଲ୍ୟାୟନ କରିଥିଲେ । ପ୍ରଧାନଶିକ୍ଷକ ମଣିକିଙ୍କର ଜେନା ଏହାକୁ ପରିଚାଳନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଇରାନ ସହ ବନ୍ଧୁତା ....

ଏହି ପ୍ରକଳ୍ପ ଉପରେ ଆମେରିକା ଲଗାଇଥିବା କଟକଣା ଅବଧି ଆସନ୍ତା ଏପ୍ରିଲ୍‌ରେ ଶେଷ ହେବ। ଏ ସମ୍ପର୍କରେ ଆଲୋଚନା କରିବା ଲାଗି ଚଳିତ ମାସ ୧୫-୧୬ରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଗଛି ଭାରତ ଆସିବାର ଥିଲା। ସେହି ଗସ୍ତ ବାତିଲ ହୋଇଯାଇଛି। ଭାରତ ପାଇଁ ଚାବହାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ। କାରଣ ପାକିସ୍ତାନର ଗ୍ୱାଦର ବନ୍ଦର ଜରିଆରେ ଚୀନ ଏହି ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର ଜାରି ରଖିଛି। ୧୦ ବର୍ଷ ପାଇଁ ଚାବହାର ବନ୍ଦର ପରିଚାଳନା କରିବାକୁ ଭାରତ ସରକାର ଚୁକ୍ତି କରିଛନ୍ତି। କେନ୍ଦ୍ରୀୟ ଏସିଆ ପାଇଁ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ସେତୁ। ଏହା ଭାରତକୁ କେନ୍ଦ୍ରୀୟ ଏସିଆ, ରୁଷ ଓ ୟୁରୋପ ସହ ଯୋଡୁଛି।

### ଆମ ସରକାର ଓଡ଼ିଶାର...

ଆପଣଙ୍କ ସ୍ନେହ ଆଶୀର୍ବାଦ ହିଁ ମୋର ସବୁଠାରୁ ବଡ଼ ସମ୍ବଳ। ଆମ ସରକାର ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି। କେନ୍ଦୁଝରର ପୁଅ ହିସାବରେ ଆମ ଜିଲ୍ଲା ଯେପରି ତ୍ୱରିତ ଗତିରେ ବିକାଶ କରିବ ଏବଂ ଓଡ଼ିଶାର ପ୍ରଗତିରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ, ସେଥିପାଇଁ ମୋର ପ୍ରୟାସ ନିରନ୍ତର ଜାରି ରହିଛି। ଆଞ୍ଚଳିକ ବୈଷମ୍ୟ ଦୂର କରି ଆମ କେନ୍ଦୁଝରକୁ ଏକ ସୁଦୃଢ଼ ଆର୍ଥିକ ଜୋନ୍‌ରେ ପରିଣତ କରିବା ମୋର ପ୍ରମୁଖ ଲକ୍ଷ୍ୟ। ଆମ ଶାସନର ମୂଳମନ୍ତ୍ର ହେଉଛି ଅନ୍ତର୍ଭୁକ୍ତିମୂଳକ ବିକାଶ, ଯେଉଁଠି ପ୍ରତିଟି ଆଦିବାସୀ ଭାଇଭଉଣୀ ଓ ଯୁବପିଢ଼ିଙ୍କ ସଶକ୍ତୀକରଣକୁ ପ୍ରାଥମିକତା ଦିଆଯାଉଛି। ସମ୍ବଲପୁର ଓ ବରଗଡ଼ ପରେ କେନ୍ଦୁଝରରେ ଆଜିର ଏହି ବିକାଶ ପର୍ବ ପ୍ରମାଣ କରୁଛି ଯେ 'ବିକଶିତ ଓଡ଼ିଶା' ଗଠନ ପାଇଁ ସବୁ ଜିଲ୍ଲାର ସନ୍ତୁଳିତ ଓ ସାମଗ୍ରିକ ପ୍ରଗତି ଜରୁରୀ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ମୋର ପ୍ରତିଟି ପରିଶ୍ରମ ଆପଣମାନଙ୍କ ସେବାରେ ସମର୍ପିତ। ଆସନ୍ତୁ, ମା' ତାରିଣୀଙ୍କ ଆଶୀର୍ବାଦ ଓ ଆପଣମାନଙ୍କ ଅକୁଣ୍ଠ ଭରସାକୁ ପାଥେୟ କରି ଆମେ 'ସମୃଦ୍ଧ ଓଡ଼ିଶା' ଗଠନ ଦିଗରେ ମିଳିମିଶି ଆଗକୁ ବଢ଼ିବା।

### ବିଧାନସଭାରେ ବଢ଼ିପାରେ...

ତେଣୁ ଆଗକୁ ହେବାକୁ ଥିବା ସୀମା ପୁନଃନିର୍ଦ୍ଧାରଣ ୩ ରାଜନୈତିକ ଦଳ ସହ ନେତାଙ୍କ ଚିନ୍ତା ବଢାଇ ଦେଇଛି । କାରଣ ଭାଗମାପ ଭୁଲ ହେଲେ ହାତରୁ ଚାଲିଯିବ ଆସନ । ଭୌଗୋଳିକ ଓ ଜନସଂଖ୍ୟା ଆଧାରରେ ପ୍ରସ୍ତୁତ ହେବ ନୂଆ ନିର୍ବାଚନମଣ୍ଡଳୀ । ଗଞ୍ଜାମ, ମୟୂରଭଞ୍ଜ, ସୁନ୍ଦରଗଡ଼, ସମ୍ବଲପୁର, କଟକ, କୋରାପୁଟ, ବଲାଙ୍ଗୀର, କେନ୍ଦୁଝର, ବାଲେଶ୍ୱର, କନ୍ଧମାଳ, ଖୋର୍ଦ୍ଧା ଭଳି ଅନେକ ଜିଲ୍ଲାରେ ନୂଆ ନିର୍ବାଚନମଣ୍ଡଳୀ ଜନ୍ମ ନେବ । ସୀମା ପୁନଃ ନିର୍ଦ୍ଧାରଣ ହେଲେ ଖାଲି ଆସନ ବଢିବନି ବରଂ ଅନେକ ନିର୍ବାଚନମଣ୍ଡଳୀର ଭାଗ୍ୟ ଓ ଭବିଷ୍ୟତରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ ।

# ପିଏମ ଶ୍ରୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଜଳେଶ୍ୱର, ୧୩/୧ (ନି.ପ୍ର): ଜଳେଶ୍ୱର ନୂଆ ବଜାର ସ୍ଥିତ ପିଏମ ଶ୍ରୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ୭୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜ୍ଜୁନ ଚରଣ ଜେନା ସଭାପତିତ୍ୱ କରିଥିଲେ ।ବିଧାୟକ ଅଶ୍ୱନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଏଲଆଇସି ର ମୁଖ୍ୟ ପରିଚାଳକ ଦିଲ୍ଲୀପ କୁମାର ବିହାରୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ଙ୍କ ଉଦ୍ଦେଶ୍ୱରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପୌରପାଳିକାର ଅଧକ୍ଷ ପ୍ରତୀପ କୁମାର ପ୍ରଧାନ,ଏସ ଏମ ସି ସଭାପତି ଜୟ ନାରାୟଣ ଦାସ,ପ୍ରାକ୍ତନ କଲେଜ ଅଧକ୍ଷ ଈଶ୍ୱର ଚନ୍ଦ୍ର ଜେନା,ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଦର୍ଶନ ପ୍ରଧାନ,ପ୍ରାକ୍ତନ ପ୍ରଧାନ ଶିକ୍ଷକ ନବ କୁମାର ଦାସ,ପ୍ରାକ୍ତନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭୂୟାଁ,ସି ଆର ସି ସି ଅଜିତ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଶିକ୍ଷକ ରାଧାଗୋବିନ୍ଦ ଜେନା ଏବଂ ଶିକ୍ଷୟିତ୍ରୀ ତେଜସ୍ୱୀନୀ ବାରିକ ମଞ୍ଚ ଆହ୍ୱାନ କରିଥିଲା ବେଳେ ବରିଷ୍ଠ ଶିକ୍ଷକ ସୂର୍ଯ୍ୟକାନ୍ତ ଜେନା ବାର୍ଷିକ ବୀବରଣୀ ପାଠ କରିଥିଲେ ।ସଙ୍ଗୀତ ଗୁରୁ ସୁରଜ ଦାସ ମହାପାତ୍ର ଙ୍କ ସଂଯୋଜନାରେ ବିଦ୍ୟାଳୟ ର ଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ।ଶେଷରେ ଶିକ୍ଷକ ରାଜେନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ । ସଂଧାରେ ସବିତା ପାଠୀ,ରାଜେନ୍ଦ୍ର ପାଣିଗ୍ରାହୀ, ଶୁଭମ ଜେନା, ଆଫ୍ରଜ୍ ଅଲ୍ଲୀ ଖାଁ, କେଶବ ଜେନା,ପ୍ରଣବ ଦାସ, ମମତା ମାହାନ୍ତି, ନିତ୍ୟ ନାରାୟଣ ଜେନା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସାମାଜିକ ନାଟକ ' ରେବତୀ ' ର ପରିଚାଳନା କରିଥିଲେ ।

# ଖଇରା ମହବିଦ୍ୟାଳୟର ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ଖଇରା, ୧୩/୧ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ମହବିଦ୍ୟାଳୟ ୟୁଥ ରେଡକ୍ରସ ଓ ଏନଏସଏସ ର ମିଳିତ ସହଯୋଗରେ ମଙ୍ଗଳବାର ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଓ୍ୱାଇଆରସି କାଉନସିଲର ସମରଜିତ ସାମଲ, ଜାତୀୟ ସେବା ଯୋଜନା ର ପ୍ରୋଗ୍ରାମ ଅଧିକାରୀ ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ମାନେ ଏକ ଶୋଭାଯାତ୍ରାରେ ଖଇରାରୁ ବାହାରି ଖଇରା ବଜାର ପରିକ୍ରମା କରି ଖଇରା ଥାନାରେ ପହଞ୍ଚିଥିଲେ । ସୋର-କୁପାରୀ ରାସ୍ତାରେ ଯାଉଥିବା ଯାତ୍ରୀ ମାନଙ୍କୁ ଦୁର୍ଘଟଣାରୁ ବର୍ତ୍ତିବାକୁ ହେଲମେଟ ପିନ୍ଧିବା ଉପରେ ପରାମର୍ଶ ଦେଇଥିଲେ । ଖଇରା ଥାନା ପରିସରରେ ଆଇଆଇସି ଭୁବନ ମୋହନ ସେଠୀଙ୍କ ଉପସ୍ଥିତିରେ ଅଧ୍ୟାପକ ମାନେ ସଡକ ସଚେତନତା ଉପରେ ପିଲା ମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟ ର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ନାୟକ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉମେଶ ଚନ୍ଦ୍ର ବାରିକ, ବନମାଳୀ ବାରିକ, ଶଶିକାନ୍ତ ପଣ୍ଡା,ଉଦୟ ରଞ୍ଜନ ଦାସ, ସୁଜିତ ଛାଟିଆ, ସୁନିଲ କୁମାର ମହଲା, ଚିତ୍ତରଞ୍ଜନ ଯାନୀ ଓ କର୍ମଚାରୀ ରମାକାନ୍ତ ମହାନ୍ତି ଉପସ୍ଥିତ ଥିଲେ ।

# ରବର୍ଟ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା



ବାସୁଦେବପୁର, ୧୩/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁରର ରବର୍ଟ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କରୁଣାକର ପଣ୍ଡା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଅବସର ପ୍ରାପ୍ତ ମନ୍ତ୍ରୀ ସଚିବ ମହେନ୍ଦ୍ର ପ୍ରସାଦ ଧନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଶିକ୍ଷାବିତ୍ ରବି ନାରାୟଣ ସେନାପତି, କବି ସୁଧାଂଶୁ ଶେଖର ମିଶ୍ର, ଶିକ୍ଷାବିତ୍ ବିଷ୍ଣୁ ମୋହନ ନାୟକ, ସାହିତ୍ୟିକ ସୁଦର୍ଶନ ଅଗସ୍ତି, ଶିକ୍ଷାବିତ୍ ସନାତନ ପାଣିଗ୍ରାହୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୀୟ କୁମାର ମହାଳିକ, ରବର୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ବାରିକ୍, ଏସ ଏମ୍ ସି ଚେୟାରମ୍ୟାନ୍ ପ୍ରତାପ ଚନ୍ଦ୍ର ସାହୁ, ଅରଣ୍ଡୁଆ ଗ୍ରାମ ପଞ୍ଚାୟତର ସରପଞ୍ଚ ନିରୁପମା ନାୟକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରିୟବ୍ରତ ବେହେରା, ଶିକ୍ଷାବିତ୍ ଶୈଳେନ୍ଦ୍ର ନାରାୟଣ ସାହୁ । ସମସ୍ତ ଅତିଥି ସାହିତ୍ୟ, ଧର୍ମ,ଶିକ୍ଷା, କଳା ଓ ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଏହି ବିଦ୍ୟାଳୟର ପୁରାତନ ଛାତ୍ରୀ ତଥା ସୋର ସବ୍ ରେଜିଷ୍ଟ୍ରାର ମାଧୁରୀ ବେହେରା ଓ ଏ ଏସ ଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ମହେନ୍ଦ୍ର ପ୍ରସାଦ ଧନୀ ଓ ଏ ଏସ, ଓ ବାଲିଖଣ୍ଡ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସନାତନ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ମଞ୍ଚ ସଂଯୋଜନା କରିଥିଲେ ପ୍ରଧାନ ଶିକ୍ଷକ ଅମୂଲ୍ୟ ବାରିକ୍। ଏହି ଉତ୍ସବରେ ସହକାରୀ ଶିକ୍ଷକ ରମେଶ ଚଇନି ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସହକାରୀ ଶିକ୍ଷକ ବସନ୍ତ କୁମାର ଖିଲାର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଉମାକାନ୍ତ ସେନାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ଭାବଗ୍ରାହୀ ଦାସ, ଭଗବାନ ମିଶ୍ର, ଉର୍ମିଳା ପାଣିଗ୍ରାହୀ, ନରହରି ବିଶ୍ୱାଳ, ଭକ୍ତହରି ବିଶ୍ୱାଳ, ଦୟାନିଧି ସାହୁ ବିଜୟ କୁମାର ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ୭୭ତମ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ




ନୀଳଗିରି , ୧୩/୧ (ନି.ପ୍ର): ସ୍ଥାନୀୟ ପଞ୍ଚାୟତସମିତି ସମ୍ମିଳନୀ କକ୍ଷରେ ଆଜି ଦିବା ୧୨ଘଟିକା ସମୟରେ ନୀଳଗିରି ଉପଜିଲ୍ଲାପାଳ ତଥା ଜାତୀୟଦିବସ ପାଳନ କମିଟିର ଅଧକ୍ଷ ଶ୍ରୀମତୀ ଶୁଭଶ୍ରୀ ରଥଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଗୋବର୍ଦ୍ଧନ ବିଶ୍ୱାଳ ଗୃହରେ ଉପସ୍ଥିତ ପାଳନ କମିଟିର ସଦସ୍ୟ/ ସଦସ୍ୟାଙ୍କୁ ଅଭିନନ୍ଦନ ଜଣାଇବାସହ ଜାତୀୟଦିବସ ପାଳନ ସଂପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ ।ପରେ ଉପଜିଲ୍ଲାପାଳ ତଥା ଅଧକ୍ଷ ଶ୍ରୀମତୀ ରଥ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ବିଗତବର୍ଷର ବିବରଣୀ ଅନୁଯାୟୀ ଆଲେଚନା , ପରାମର୍ଶ ଏବଂ ମତାମତ କାମନା କରିଥିଲେ। ଚଳିତବର୍ଷ ମଧ୍ୟ ପ୍ରତିବର୍ଷ ଭଳି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରତ୍ୟୁଷ ଘ. ୪ଟାକା ସମୟରେ ସହରାଞ୍ଚଳରେ ରାମଧୂନ୍ ପ୍ରଚାର କରାଯିବ। ଏହି ଜାତୀୟ ଦିବସ ପାଳନ ପରିପ୍ରେକ୍ଷୀରେ ନୀଳଗିରି ଏନ୍. ଏ. ସି ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକର ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ରଭାତଫେରି ସକାଳ ଘ. ୬ଟାକାରୁ ୭ଘଟିକା ମଧ୍ୟରେ କରାଯିବାପାଇଁ ସ୍ଥିର କରାଯିବା ସହ ୭.୩୦ଟାକା ମଧ୍ୟରେ ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ,ବାସଗୃହ ମାନଙ୍କରେ ପତାକାଉତ୍ତୋଳନ ନିମନ୍ତେ ବୈଠକରେ ସ୍ଥିର କରାଗଲା। ଜାତୀୟଦିବସ ପାଳନର ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଆନୁଷ୍ଠାନିକ ଭାବେ ଜାତୀୟ ପତାକାକୁ ୮.୩୦ମିରେ ଉତ୍ତୋଳନ କରି ସମବେତ ଜନତାଙ୍କୁ ଉଦବୋଧନ ଦେବେ ।ଏହି ଦିବସ ପାଳନ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସିଭିଲିଆନ୍ ଓ ନନ ସିଭିଲିଆନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ୟାରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସ୍ଥିର କରାଯାଇଛି। ଏଥିସହିତ ୪ଗୋଟି ସ୍ତରରେ ଦେଶାତ୍ମବୋଧକ ସଙ୍ଗୀତ,ତର୍କ, ବକ୍ତୃତା, କୁଇଜ୍ ଆଦି ପ୍ରତିଯୋଗୀତା କରାଯାଇ ପୁରସ୍କୃତ କରାଯିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ବୈଠକରେ ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା, ଏନ୍. ଏ. ସି. କାର୍ଯ୍ୟ ନିର୍ବାହୀ ଅଧକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ରନାଥ ବେହେରା ନୀଳଗିରି ସହରର ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ, ଆଇନ ଜୀବୀ, ବୁଦ୍ଧିଜୀବି, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା, ପଦାଧିକାରୀ ସମେତ ଗଣ ମାଧ୍ୟମର ପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ଶେଷରେ ଉପଜିଲ୍ଲାପାଳ ତଥା ଅଧକ୍ଷ ଶ୍ରୀମତୀ ରଥଦିବସଟିକୁ ସଫଳ କରିବା ନିମନ୍ତେ ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟା ଙ୍କ ସହଯୋଗ କାମନା କରିଥିଲେ ଏବଂ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବିଶ୍ୱାଳ ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୬ ପାଳିତ

ବାଲେଶ୍ୱର, ୧୩/୧ (ନି.ପ୍ର): ବାଲେଶ୍ୱରର ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୫ ଓ ୨୦୨୬ ସ୍ଥାନୀୟ ବାଲିଆ ପାଣି ପଞ୍ଚାୟତ ଅଫିସର ଶିରିଶ ଚନ୍ଦ୍ର ମୁଣ୍ଡା ସଭାପତିତ୍ୱରେ ୧୩ ତାରିଖରେ ମହାସମାରୋହରେ ପାଳିତ ହୋଇଯାଇଛି ।ଏହି ଉତ୍ସବ କୁ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ପ୍ରଧାନ ଫିତା କାଟି ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ରେମୁଣା ବିଧାୟକ ସରକାରୀ ଦଳର ଉପସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରତିନିଧି ଭାବେ କାର୍ତ୍ତିକ ଚନ୍ଦ୍ର ଗିରି , ଭୋଗରାଇ ବିଧାୟକ ପ୍ରତିନିଧି ଭାବେ ଗିରିଶ ଚନ୍ଦ୍ର ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ରାମ ନାରାୟଣ ମହାନ୍ତି । ମୁଖ୍ୟ ଅତିଥି ଦ୍ୱାରା ଡିବେଟ୍, ଡ୍ରଇଂ, କୁଇଜ୍ , ପ୍ରବନ୍ଧରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ଙ୍କୁ ମାନପତ୍ର ଓ ଆର୍ଥିକ ରାଶି , ପ୍ରାଇଜ ପ୍ରଦାନ କରାଯାଇଥିଲା । ଏହି ପାଣି ପଞ୍ଚାୟତ ଉତ୍ସବରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପାଣି ପଞ୍ଚାୟତ ଚାଷୀ ମାନେ ଯୋଗ ଦେଇଥିଲେ । ପାଣି ପଞ୍ଚାୟତ ଉତ୍ସବ ବାଲେଶ୍ୱର ୧୩ ରେ ଶେଷ ହେଲା । ରାଜ୍ୟରେ ୨୦ ଜାନୁଆରୀ ରେ ଶେଷ ହେବ। ଏହି ଉତ୍ସବରେ ଉଠା ଜଳସେଚନ , କ୍ଷୁଦ୍ର ଜଳସେଚନ, କୃଷି ବିଭାଗ, ଉଦ୍ୟାନ ବିଭାଗ , ମତ୍ସ୍ୟ ବିଭାଗ , କୃଷି କାର୍ଯ୍ୟ ବିଷୟ ବିବରଣୀ ପ୍ରଦାନ କରିଥିଲେ। ୨ ଜଣ ସଫଳ ଚାଷୀଙ୍କ ଆର୍ଥିକ ରାଶି ଦେଇ ପୁରସ୍କୃତ କରାଯାଇଥିଲା । ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ ଅଳ୍ପ ଜଳ ରେ କିପରି ଚାଷ କରିବା ଓ ଜଳ ନଷ୍ଟ ନ କରିବା। ଚାଷର ମାନ କିପରି ବୃଦ୍ଧି ହେବ ସେଥିପାଇଁ ପ୍ରତ୍ୟେକ ଚାଷୀ ସଚେତନ ହେବା ଦରକାର । କାରଣ ଜଳ ମଣିଷ ଜୀବନ ତେଣୁ ତାହା ପ୍ରତି ଯତ୍ନ ନେବା ଉଚିତ୍ । ସମ୍ମାନୀୟ ଅତିଥି ମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଚାଷ ର କିପରି ଉନ୍ନତି ହେବ ଚାଷର ମାନ କିପରି ବୃଦ୍ଧି ହେବ ସମସ୍ତେ ସଚେତନ ନାଗରିକ ଭାବରେ କାମ କରିବା ଦରକାର। ସର୍ବଶେଷରେ ସୁରେଶ ଚନ୍ଦ୍ର ଦେ ନିର୍ବାହୀ ଯନ୍ତ୍ରୀ ଉପ ଜଳସେଚନ ଅଧିକାରୀ ଧନ୍ୟବାଦ୍ ଦେଇଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପ୍ରେମାନନ୍ଦ ପଣ୍ଡା , ସହକାରୀ ଯନ୍ତ୍ରୀ ଇଂ ଜଳନ୍ଧର ଦାସ , ଇଂ ଗୌରାଙ୍ଗ ଚରଣ ଦାସ , ଇଂ ବେଣୁଧର ଦାସ , ଇଂ କୁଳ ମଣି ନାୟକ ,ଇଂ ଦିବ୍ୟ ରଞ୍ଜନ ପଣ୍ଡା ,ଇଂ ସ୍ୱାଗତ ସମ୍ମିତ ପଟ୍ଟନାୟକ , ଶୋଭନ କୁମାର ଖିଲାର , ଚନ୍ଦନ ବାଗ , ଫ୍ୟାଜ୍ ଅଲ୍ଲୀ ଖାଁ , ଜିତେନ୍ଦ୍ର ମଲ୍ଲିକ , ମାନସ ରଞ୍ଜନ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବଡ଼ସାହି କଲେଜରେ ପ୍ଲାଷ୍ଟିକ୍ ବ୍ୟବହାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ବଡ଼ସାହି, ୧୩/୧ (ନି.ପ୍ର): ଦୈନଦିନ ଜୀବନରେ ଥରେ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗୁଁ ମଣିଷ ଜୀବନରେ ଦେଖା ଦେଉଥିବା ସମସ୍ୟା ଓ ପରିବେଶ ନଷ୍ଟ ସଂକ୍ରାନ୍ତିୟ ସଚେତନତା କାର୍ଯ୍ୟକ୍ରମ ବଡ଼ସାହି କଲେଜରେ ଅନୁଷ୍ଠିତ ହୋଇ ସାରିଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ରଞ୍ଜନ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ତିନି ଦିନ ଧରି ଚାଲିଥିବା ପ୍ଲାଷ୍ଟିକମୁକ୍ତ ସମାଜ ଗଠନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଦ୍ୱିତୀୟ ଦିନରେ ଏକ ସଚେତନତା ମୂଳକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଏନ୍?.ଏସ୍?.ଏସ୍?. କାର୍ଯ୍ୟକ୍ରମ ଅଧିକାରୀ ଡ଼. ରିତୁଲତା ବିଶ୍ୱାଳ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରିସର୍ଚ୍ଚ ପର୍ସନ ଭାବରେ ପଦାର୍ଥ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ସତ୍ୟବାନ ଗୋଛାୟତ୍? ପ୍ଲାଷ୍ଟିକ ବ୍ୟବହାରର ବିଭିନ୍ନ ଦିଗ ଯଥା ଜୀବଜନ୍ତୁ ଓ ମଣିଷ ଶରୀରରେ ପ୍ରତ୍ୟକ୍ଷ - ପରୋକ୍ଷ ପ୍ରଭାବ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ ଏବଂ ରାଜନୀତି ବିଜ୍ଞାନ ବିଭାଗର ଅଧାପକ ଡଃ. ଅନ୍ତର୍ଯ୍ୟାମୀ ବେରିଆ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକର ବ୍ୟବହାର ସଂମ୍ପୂର୍ଣ୍ଣ ପରିହାର କରିବା ନିମନ୍ତେ ଉଭୟ ରାଜନୈତିକ ଓ ପ୍ରଶାସନିକ ସ୍ତରରେ ଏକ ବିଦ୍ଧିବଦ୍ଧ ଆଇନ୍ ପ୍ରଣୟନ ସାଙ୍ଗକୁ ସୁଦୂର ପ୍ରସାରୀ ଯୋଜନା କାର୍ଯ୍ୟକାରୀ କଲେ ଯାଇ ସାମାଜିକ ଜୀବନରେ ତାହା ଗ୍ରହଣ ଯୋଗ୍ୟ ହୋଇପାରିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ତଥା ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଜୀବନ କୁମାର ପଣ୍ଡିତ ଉପସ୍ଥିତ ରହି ଛାତ୍ର ଛାତ୍ରୀ ଙ୍କୁ ଗଳ୍ପ ମାଧ୍ୟମରେ ସଚେତନ କରିଥିଲେ। ଦର୍ଶନ ବିଭାଗର ବିଭାଗୀୟ ମୁଖ୍ୟ ଅଧାପିକା ସନ୍ଧ୍ୟାରାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ତୃତୀୟ ଦିନରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ତାଳପଦା ଗ୍ରାମରେ ଘର ଘର ବୁଲି ଲୋକମାନଙ୍କୁ ପ୍ଲାଷ୍ଟିକ ବ୍ୟବହାରର କୁପ୍ରଭାବ ସଂମ୍ପର୍କରେ ସଚେତନ କରାଇଥିଲେ। ମହାବିଦ୍ୟାଳୟର ଏନ୍.ଏସ୍.ଏସ୍ ପ୍ରୋଗ୍ରାମ୍ ଅଫିସର ଡ. ରିତୁ ଲତା ବିଶ୍ୱାଳଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟର ରାଷ୍ଟ୍ରୀୟ ଯୁବ ଦିବସ ଓ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ




ପାରାଦୀପ, ୧୩/୧ (ନି.ପ୍ର): ପାରାଦୀପର ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ପକ୍ଷରୁ ରାଷ୍ଟ୍ରୀୟ ଯୁବ ଦିବସ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ସ୍ଥାନୀୟ ଜୟଦେବ ସଦନ ଠାରେ ପାଳିତ ହୋଇଯାଇଛି। ସକାଳେ ପାରାଦୀପ ବନ୍ଦର ସିଏମଇ କାର୍ଯ୍ୟକ୍ରମକୁ ଫିତା କାଟି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପରେ ପରେ ସ୍କୁଲର କୁନି କୁନି ପିଲାମାନଙ୍କ ମଧ୍ୟରେ ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଟ୍ରଷ୍ଟର ସଭାପତି ବିଭୁ ପ୍ରସାଦ ନାୟକ ଉକ୍ତ ସଭାରେ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ସଭାକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ସାଂସଦ ଡଃ ବିଭୁ ପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ପାରାଦ୍ୱୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଜଗତସିଂହପୁର ବିଜେପି ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ବନ୍ଦରର ପୂର୍ବତନ ଟ୍ରଷ୍ଟି ଭୁବନ ମୋହନ ଜେନା ଓ ଯୋଗ ଗୁରୁ ତାପସ ରଞ୍ଜନ ପତି ପ୍ରମୁଖ ଯୋଗ ଦେଇ ଥିଲେ। ସ୍ୱାମୀ ବିବେକାନନ୍ଦ ସର୍ବଦା ସମାଜର ଅବହେଳିତ ମାନଙ୍କ ଅଧିକାର କଥା କହିବା ସହ ବିଶ୍ୱରେ ଭ୍ରାତୃତ୍ୱର ଭାବନାକୁ ଉଜ୍ଜୀବିତ କରିବାକୁ ପ୍ରୟାସ କରୁଥିଲେ। ତାଙ୍କର ନୀତି ଓ ଆଦର୍ଶ ସର୍ବଦା ଯୁବପିଢ଼ିଙ୍କ ପାଇଁ ରାଷ୍ଟ୍ର ନିର୍ମାଣ ଦିଗରେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ ଥିଲେ। ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଟ୍ରଷ୍ଟର ଭାଇସ ଚ୍ୟାରମ୍ୟାନ ବରିଷ୍ଠ ଆଇନିଜୀବୀ ଦେବ ବ୍ରତ ସାହୁ ଶେଷରେ ଧନ୍ୟବାଦ ଦେଇଥିଲେ। । କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ବାଛୁରୀ ପଡାରୁ ଯାଉଥିବା ବାଣ ବୋଝେଇ ଅଟୋ ରାସ୍ତାରୁ ଜବତ

ବୈଶିଙ୍ଗା, ୧୩/୧ (ନି.ପ୍ର): ଦୀପାବଳି ସମୟରେ ବାଛୁରୀପଡ଼ାରେ ବାଣ ତିଆରିକୁ କଟକଣା ଲଗାଯାଇଥିଲା। ଫଳରେ ଲୋକଙ୍କ ମଧ୍ୟରେ ହତାଶା ଭାବ ଦେଖା ଯାଇଥିଲା। ଏହି ଗ୍ରାମରେ ପ୍ରତି ଘରେ ଘରେ ବାଣ ତିଆରି ଏକ କୁଟୀର ଶିଳ୍ପ ଭାବେ ଜଣାଶୁଣା। କାଳୀପୂଜା ପରେ ମୟୂରଭଞ୍ଜର ମକର ପର୍ବ ପାଇଁ ମଧ୍ୟ ବାଣ ତିଆରି ହୋଇଥାଏ ଓ ଏହି ବାଣ ଆଜି ମଙ୍ଗଳବାର ପୂର୍ବାହ୍ନରେ ଏକ ଅଟୋ ଯୋଗେ ରୂପସା ଅଭିମୁଖେ ଯାଉଥିବା ବେଳେ ବୈଶିଙ୍ଗା ଆନାର ପେଟ୍ରୋଲିଂ ଟିମ୍ ରାସ୍ତାରେ ଅଟକାଇ ଅଟୋ ସହିତ ବାଣ ବସ୍ତା ଗୁଡ଼ିକୁ ଥାନା କୁ ନେଇ ଆସିଥିବାର ଜଣାଯାଇଛି। ସମ୍ବାଦ ଲେଖା ହେବା ବେଳକୁ ମାମଲା ରୁଜୁ ହୋଇନଥିବାର ଜଣାଯାଉଛି। ଜବତ ବାଣ ର ଆନୁମାନିକ ମୂଲ୍ୟ ପଚାଶ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଅଟୋ ର ନମ୍ବର ଓଡି ୦୧ ୟୁ ୮୮୬୧ ବୋଲି ଜଣାଯାଇଛି।

# ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ଅରୁନ୍ଧତୀ ଉତ୍ସବ
## ଶ୍ୱେତାଲିସା ଶୁଭଦର୍ଶିନୀଙ୍କୁ ଅରୁନ୍ଧତୀ ଯୁବ ପ୍ରତିଭା ସମ୍ମାନ




ଭୁବନେଶ୍ୱର, ୧୩/୧ (ନି.ପ୍ର): ରାଜଧାନୀର ଅନ୍ୟତମ ଅଗ୍ରଣୀ କଳା ଅନୁଷ୍ଠାନ 'ଅରୁନ୍ଧତୀ କଳା ସଂସଦ' ପକ୍ଷରୁ ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ଅରୁନ୍ଧତୀ ଉତ୍ସବ ରବିବାର ସନ୍ଧ୍ୟାରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ସୂଚନା କମିଶନର ପ୍ରଣବିନ୍ଦୁ ଆଚାର୍ଯ୍ୟ, ବିଶିଷ୍ଟ ଅତିଥି ଓଡ଼ିଶା ସବଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ ଅଧ୍ୟକ୍ଷ ଡ. ଲଳିତ ଦାସ, ସମ୍ମାନିତ ଅତିଥି ଗ୍ରୀଡକୋର ନିର୍ଦ୍ଦେଶକ(ବାଣିଜ୍ୟ ଓ ବ୍ୟବସାୟ ବିକାଶ) ଇଂ ଗିରିଶ ତନ୍ତି ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ସଭାପତି ହର୍ଷବର୍ଦ୍ଧନ ଉଦ୍?ଗାତାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଦେବାନନ୍ଦ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ବକ୍ତାମାନେ ଅଭିଭାଷଣରେ କଳା, ସଂସ୍କୃତିକୁ ବଞ୍ଚାଇବାରେ ଅନୁଷ୍ଠାନର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଶିଷ୍ଟ ଶାସ୍ତ୍ରୀୟ ମର୍ଦ୍ଦଳ ବାଦକ ଓ ପ୍ରଶିକ୍ଷକ ଗୁରୁ ଡ. ଗୌରାଙ୍ଗଚରଣ ମହଲା, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ ଓ କଣ୍ଠଶିଳ୍ପୀ ଗୁରୁ ବିଭୂଦତ୍ତ ନାୟକ, ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ବିଶାରଦ ଓ କଣ୍ଠଶିଳ୍ପୀ ଗୁରୁ ପ୍ରଶାନ୍ତକୁମାର ସାମଲ, ନାଟ୍ୟ ନିର୍ଦ୍ଦେଶକ ଲାଲା ବିରେନ୍ ରାୟ, ଗବେଷକ ପ୍ରଫେସର ଶରତଚନ୍ଦ୍ର ପରିଡ଼ାଙ୍କୁ ଅରୁନ୍ଧତୀ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ରାଜ୍ୟର ଅନ୍ୟତମ ପ୍ରତିଭାସମ୍ପନ୍ନ କଣ୍ଠଶିଳ୍ପୀ ଶ୍ୱେତାଲିସା ଶୁଭଦର୍ଶିନୀଙ୍କୁ ଅରୁନ୍ଧତୀ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭା ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଫେସର ଜବାହର ମିଶ୍ର ଓ ଶ୍ରୀନିବାସ ଶତପଥୀ ଶାସ୍ତ୍ରୀୟ ବଂଶୀବାଦନ (ଯୁଗଳବନ୍ଦୀ) କରିଥିବା ବେଳେ ଗୁରୁ କୁଳମଣି ମିଶ୍ର ତବଲାରେ ସହଯୋଗ କରିଥିଲେ। ସେହିପରି ବାଦ୍ୟବାଣୀ ଅନୁଷ୍ଠାନର ଗୁରୁ ଧନେଶ୍ୱର ସ୍ୱାଇଁ ଓ ସାଥୀ କଳାକାର ତାଳବାଦ୍ୟ ବିଚିତ୍ରା ପରିବେଷଣ କରିଥିଲେ। ଶେଷରେ ଶ୍ୱେତାଲିସା ଦୁଇଟି ଭଜନ ପରିବେଷଣ କରିବା ସହ କାର୍ଯ୍ୟକ୍ରମ ସରିଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ଅନୁଷ୍ଠାନର ସଦସ୍ୟଗଣ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ କଳାପ୍ରେମୀ ଉପସ୍ଥିତ ଥିଲେ।

## ଏଣିକି ପ୍ରତି ମାସ ସମୀକ୍ଷା ହେବ ରଥଯାତ୍ରା ପ୍ରସ୍ତୁତି

ଭୁବନେଶ୍ୱର, ୧୩/୧ (ନି.ପ୍ର): ରଥଯାତ୍ରାକୁ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ପ୍ରସ୍ତୁତି ବୈଠକ। ୬ ମାସ ପୂର୍ବରୁ ସବୁ ବିଭାଗକୁ ପ୍ରସ୍ତୁତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଣିକି ପ୍ରତି ମାସ ସମୀକ୍ଷା ହେବ ରଥ ଯାତ୍ରା ପ୍ରସ୍ତୁତି। ବିଗତ ଦିନରେ ହୋଇଥିବା ତ୍ରୁଟିକୁ ଚିହ୍ନଟ ସହ କେମିତି ସୁଧାରି ହେବ ଏବଂ ଆଉ କଣ ଆବଶ୍ୟକୀୟ ପଦକ୍ଷେପ ହାତକୁ ନିଆଯିବ ସେନେଇ ରିପୋର୍ଟରେ ଉଲ୍ଲେଖ କରିବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ, ପିଇବା ପାଣି, କ୍ୱାଲିଟି ମନିଟର, ସ୍ୱଛତାକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ଭିଡ଼ ପରିଚାଳନା, ଟ୍ରାଫିକ ସମସ୍ୟା ନେଇ ମଧ୍ୟ ଆଲୋଚନା ହୋଇଛି। ବୈଠକରେ ପୋଲିସ ଡିଜି, ଅଗ୍ନିଶମ ବିଭାଗ ଦିଜିଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଏକାଧିକ ବିଭାଗର ସଚିବ ଉପସ୍ଥିତ ଥିଲେ।

## ଅଶ୍ଳୀଳ ନୃତ୍ୟ ପାଇଁ ନିଆଯାଇପାରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୩/୧ (ନି.ପ୍ର): ଯାତ୍ରାରେ ଅଶ୍ଳୀଳ ନୃତ୍ୟ ପ୍ରସଙ୍ଗ। ଆଇନ ମନ୍ତ୍ରୀ କହିଛନ୍ତି ଯେ, ଛତିଶଗଡ ପରି ଓଡ଼ିଶାରେ ବି ହୋଇପାରେ କାର୍ଯ୍ୟାନୁଷ୍ଠାନ। ଆଇନ ମନ୍ତ୍ରୀ କହିଛନ୍ତି ଓଡ଼ିଶାରେ ଜନମତ ବି ସ୍ପଷ୍ଟ ଅଛି, ଅଶ୍ଳୀଳ ନୃତ୍ୟ ନହେଉ। ଏନେଇ ସଂସ୍କୃତି ବିଭାଗ ଏବଂ ରାଜ୍ୟ ସରକାର ଆୟୋଜକ ଏବଂ ଯାତ୍ରା ପାର୍ଟି ମାଲିକଙ୍କୁ ଜଣାଇଛନ୍ତି। ସେମାନେ ଅଶ୍ଳୀଳ ନୃତ୍ୟ ଯଦି କରିବେ ତାହେଲେ ପରିଣାମ ସାମ୍ନା କରିବାକୁ ହେବେ ବୋଲି ମନ୍ତ୍ରୀ କହିଛନ୍ତି।

# କିଶୋରୀ ଗର୍ଭଧାରଣ ରୋକିବା ସମ୍ପର୍କିତ ବୈଠକ ଅନୁଷ୍ଠିତ

ବାରିପଦା, ୧୩/୧ (ନି.ପ୍ର): ଅଙ୍ଗନୱାଡ଼ିରେ ଶିଶୁମାନଙ୍କୁ ୨୧ଟି ଜନଜାତୀୟ ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ ପାଇଁ "ଆମେ ପଢ଼ିବା ଆମ ଭାଷାରେ" ଯୋଜନାକୁ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଆଜି ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି। ଏହି ଅବସରରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ବାଲ୍ୟ ବିବାହ ନିବାରଣ ପାଇଁ ରାଜ୍ୟ ବ୍ୟାପୀ ୧୦୦ ଦିନିଆ ଅଭିଯାନ ଓ କିଶୋରୀ ଗର୍ଭ ଧାରଣ ରୋକିବା ପଦକ୍ଷେପକୁ ଶୁଭାରମ୍ଭ କରିଛନ୍ତି। ଏହାର କାର୍ଯ୍ୟକାରିତା ପାଇଁ ମୟୂରଭଞ୍ଜ ଜିଲ୍ଲାକୁ ପାଇଲଟ ଜିଲ୍ଲା ଭାବେ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଓସ୍ୱାନ ହଲ ଠାରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତା ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲ୍ୟ ବିବାହ ରୋକିବା ଉଦ୍ଦେଶ୍ୟରେ ୧୦୦-ଦିନିଆ ରାଜ୍ୟସ୍ତରୀୟ ଯେଉଁ ଅଭିଯାନ ଆରମ୍ଭ କରାଯାଇଛି ସେହି ଅଭିଯାନରେ ସମୁଦାୟ, ଯୁବ ନେତୃତ୍ୱ, ଆଶା, ଅଙ୍ଗନୱାଡି କର୍ମୀ ଓ ସଂସ୍ଥାଗତ ମଞ୍ଚଗୁଡ଼ିକର ସକ୍ରିୟ ସଂପୃକ୍ତି ମାଧ୍ୟମରେ କନ୍ୟା ଶିକ୍ଷା, ସଚେତନତା ଓ ସୁରକ୍ଷାକୁ ମଜବୁତ କରାଯିବ। ସାଇକେଲ ରାଲି, ଯୁବ ସମ୍ମିଳନୀ, ମାନବ ଶୃଙ୍ଖଳ, ସ୍କୁଲ୍-କଲେଜ ଭିତ୍ତିକ ପ୍ରାରମ୍ଭିକ ସତର୍କତା ବ୍ୟବସ୍ଥା ଓ ଡିଜିଟାଲ ସଚେତନତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଏହାକୁ ସଫଳ କରାଇବା ଉପରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଗୁରୁତ୍ୱ ଦେଇଥିବା ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସୟ୍ ମତବ୍ୟକ୍ତ କରିଛନ୍ତି। ଏହାସହ ମୟୂରଭଞ୍ଜ ଜିଲ୍ଲାରେ ୟୁନିସେଫ ସହଯୋଗରେ କିଶୋରୀ ମାଆ ସହାୟତା ଓ କିଶୋରୀ ଗର୍ଭଧାରଣ ରୋକିବା ପାଇଁ ପାଇଲଟ୍ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏହା ମାଧ୍ୟମରେ ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା, ସାମାଜିକ ସୁରକ୍ଷା, ପୁନଃ ଶିକ୍ଷା ଓ କୌଶଳ ମାର୍ଗ ସହ ସମନ୍ୱିତ ସହାୟତା ପ୍ରଦାନ କରାଯିବ। ଏହି ପ୍ରକଳ୍ପ ଭବିଷ୍ୟତରେ ରାଜ୍ୟସ୍ତରୀୟ ମଡେଲ୍ ଭାବେ କାମ କରିବ ବୋଲି ଜିଲ୍ଲାପାଳ ଶ୍ରୀ ସୟ୍ ସୂଚନା ଦେଇଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସୟ୍ କହିଛନ୍ତି, ଏହାର ସଫଳ ରୂପାୟନ ପାଇଁ ମୁଖ୍ୟତଃ ଦୁଇଟି ଜିନିଷ ଉପରେ ଧ୍ୟାନ ଦେବା ପାଇଁ ପଡିବ। ପ୍ରଥମରେ ସମସ୍ତ ପ୍ରକାର ସାଧନକୁ ଉପଯୋଗ କରି ବାଲ୍ୟ ବିବାହକୁ ରୋକିବା ସହ କିଶୋରୀ ଗର୍ଭଧାରଣ କୁ ରୋକିବା ଦିଗରେ ପଦକ୍ଷେପ ନେବା ଏବଂ ଦ୍ୱିତୀୟରେ ଯଦି କୌଣସି କାରଣରୁ କିଶୋରୀ ଗର୍ଭଧାରଣ ପରିସ୍ଥିତି ଉପୁଜିଛି ତେବେ ତାଙ୍କୁ ସବୁ ପ୍ରକାର ପରାମର୍ଶ, ସହାୟତା ଯୋଗାଇ ସଶକ୍ତ କରିବା। ସେଇଭଳି ଯୁବ ମା ମାନଙ୍କ ମାନସିକ ଓ ମନସ୍ତତ୍ତ୍ୱିକ ସ୍ୱାସ୍ଥ୍ୟ ପରୀକ୍ଷା, ଉପଯୁକ୍ତ ଶିକ୍ଷା ଦାନ ଦ୍ୱାରା ଦକ୍ଷତା ବିକାଶ କରି ସ୍ଥାୟୀ ଜୀବିକା ବ୍ୟବସ୍ଥା ତଥା ସାମାଜିକ ସୁରକ୍ଷା ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା। ଏହାର ସଫଳ ରୂପାୟନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସମନ୍ୱୟର ଆବଶ୍ୟକତା ରହିଛି। ତେଣୁ ଜିଲ୍ଲାରେ ଏହି ଅଭିଯାନ କୁ ସଫଳ କରିବା ପାଇଁ ନିଜ ନିଜ ଦାୟିତ୍ୱ କୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକ ରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ସୁରକ୍ଷା ଓ କାର୍ଯ୍ୟକ୍ରମ ଅଧିକାରିଣୀ ସସ୍ମିତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଣୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠି, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ମିଶନ ଶକ୍ତି ଡି ପି ଏମ ନିରଞ୍ଜନ ପଣ୍ଡା, ଡି ପି ସି ପ୍ରଦ୍ୟୁମ୍ନ ଘୋଷ ସମେତ ୟୁନିସେଫ ର ନେହା ସିଂ ଓ ଘାସିରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବମୋର୍ଚ୍ଚା ପକ୍ଷରୁ ରାଷ୍ଟ୍ରୀୟ ଯୁବ ଦିବସ ପାଳନ ଓ ସ୍ୱଦେଶୀ ସଂକଳ୍ପ

ଖୋର୍ଦ୍ଧା, ୧୩/୧ (ନି.ପ୍ର): ବିଜେପି ଯୁବମୋର୍ଚ୍ଚା ଖୋର୍ଦ୍ଧା ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଯୁବ ବନ୍ଧୁ ମାନେ ଆତ୍ମନିର୍ଭର ଭାରତ ନିମନ୍ତେ ସ୍ୱଦେଶୀ ଆପଣେବା ପାଇଁ ସଙ୍କଳ୍ପ ନେଇଥିଲେ। ଯୁବ ସମ୍ପାଦକ ଗୋପବନ୍ଧୁ ଜେନାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ମିଶନ ପସିବୁଲର ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଯୁବ ମାନସର ପ୍ରତୀକ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଛାତ୍ରଛାତ୍ରୀମାନେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏହି ଅବସରରେ ଗୋପବନ୍ଧୁ ଜେନା ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ ସଂପର୍କରେ ଆଲୋକପାତ କରିଥିଲା ବେଳେ ଯୁବକ ମାନେ ସ୍ୱାମୀଜଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ରାଷ୍ଟ୍ର ଗଠନରେ ସାମିଲ୍ ହେବା ପାଇଁ ଆହ୍ୱାନ ଦେଇଥିଲେ। ଭାରତ ବର୍ଷକୁ ପୁଣି ଥରେ ପରମ ବୈଭବଶାଳୀ ଆତ୍ମନିର୍ଭର ରାଷ୍ଟ୍ରରେ ପରିଣତ କରିବା ପାଇଁ ବିଦେଶୀ ଦ୍ରବ୍ୟକୁ ବର୍ଜନ କରି ସ୍ୱଦେଶୀ ଦ୍ରବ୍ୟକୁ ସମସ୍ତେ ଗ୍ରହଣ କରିବା ନିମନ୍ତେ ସଂକଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମାନସ ରଞ୍ଜନ ସ୍ୱାଇଁ, ଶକ୍ତି ପ୍ରସାଦ ସ୍ୱାଇଁ, ପ୍ରଭୁଦତ୍ତ ଖୁଣ୍ଟିଆ, ରାଜେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅମର୍ଦ୍ଦାରୋଡ ସମବାୟ ସମିତିରେ ଧାନମଣ୍ଡି ଖୋଲିଲା



ବସ୍ତା, ୧୩/୧ (ନି.ପ୍ର): ବସ୍ତା ବ୍ଲକ ଅଞ୍ଚଳର ଚାଷୀ ବହୁ ବାଧାବିଘ୍ନ ସତ୍ତ୍ୱେ ଚାଷ କରି ବହୁ କଷ୍ଟରେ ଧାନ ଅମଳ କରିଛନ୍ତି। ହେଲେ ମଣ୍ଡି ଖୋଲାଯାଇ ନଥିବାରୁ ଦଲାଲ ଙ୍କୁ କମ ଦାମରେ ଧାନ ବିକ୍ରି କରିବାକୁ ବାଧ ହେଉଥିଲେ। ତେବେ ବସ୍ତା ବ୍ଲକ ଅନ୍ତର୍ଗତ ଅମର୍ଦ୍ଦାରୋଡ ସମବାୟ ସମିତିର ସମ୍ପାଦକ ନିରଞ୍ଜନ ପାତ୍ରଙ୍କ ପୌରହିତ୍ୟରେ ବୁଧୁବାର ନାଟାକଟା ସରପଞ୍ଚ ବନ୍ଦନା ସେଠୀ ଯୋଗଦେଇ ଧାନ ମଣ୍ଡି ଉଦଘାଟନ କରିଥିଲେ। ସମବାୟ ସମିତିର ଉଦଘାଟନୀ ଉତ୍ସବରେ ସମବାୟ ସମିତିର ସଭାପତି ଦୀପକ କୁମାର ସାହୁ, ଉପସଭାପତି ମଞ୍ଜୁବାଳା ପାତ୍ର, ଧାନ କ୍ରୟ କମିଟି ସଭାପତି ମଦନ ମୋହନ ପାଳ, ସଦସ୍ୟ ବିଜୟ ବେହେରା, ଭଗିରଥ ପରିଡ଼ା, ଲକ୍ଷ୍ମୀଧର ବେହେରା, ବିନାୟକ ଘୋଷମହାପାତ୍ର, ମନ୍ମଥ ବିଶ୍ୱାଳ, ପୁଷ୍ପିତା ଦାସ, ଆର ଆଇ, ଆର ଏମ ସି ଅଶୋକ କୁମାର ସାନ୍ତରା ପ୍ରମୁଖ ଯୋଗଦେଇ ଥିଲେ। ସମବାୟ ସମିତିର କର୍ମଚାରୀ ଗୌରାଙ୍ଗ ପାତ୍ର, ନିଶିକାନ୍ତ ପରିଡ଼ା, ରବୀନ୍ଦ୍ର ଶୂର, ଅଶ୍ରୁ ମୋଚନ ଦେ, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ମଣ୍ଡି ଉଦଘାଟନୀ କାର୍ଯ୍ୟକ୍ରମକୁ କିଶୋର ନାରାୟଣ ମିଶ୍ରଙ୍କ ପୌରହିତ୍ୟରେ ପୂଜାକାର୍ଯ୍ୟ ସମ୍ପାଦନ ହୋଇଥିବା ବେଳେ ଚାଷୀ ଶମ୍ଭୁନାଥ ସେଠୀ, ନିର୍ମଳ ମହାପାତ୍ର, ଶିଶିର ପ୍ରଧାନ, ଜଗବନ୍ଧୁ ଦାସ, ପଦ୍ମଲୋଚନ ମନ୍ତ୍ରୀ ସମେତ ବହୁ ଚାଷୀ ଯୋଗଦେଇଥିବା ବେଳେ ପାରିଚଳନା କମିଟିର ସଦସ୍ୟ ଲକ୍ଷ୍ମଣ ପାତ୍ର ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ତେବେ ଏବର୍ଷ ଖରିପ ଚାଷରେ ଅମର୍ଦ୍ଦାରୋଡ ସମବାୟ ସମିତି ରେ ୧୦୧୧ ଜଣ ଚାଷୀ ଧାନ ଦେବାକୁ ପଞ୍ଜିକୃତ କରିଥିବାବେଳେ ଚଳିତ ବର୍ଷ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଧାନ କ୍ରୟ କରାଯିବାକୁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ରହିଥିବା ସମବାୟ ସମିତିର ସମ୍ପାଦକ ନିରଞ୍ଜନ ପାତ୍ର ସୂଚନା ଦେଇଛନ୍ତି।

# ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ଉଦଳାକୁ ଦେଇଛି ନୂଆ ପରିଚୟ : ବସନ୍ତ କୁମାର ପରିଡ଼ା

ଉଦଳା, ୧୩/୧ (ନି.ପ୍ର): ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଚଳିତ ଜାନୁଆରି ୧୨ ତାରିଖ ସୋମବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି। ଏହି ଅବସରରେ ସାଧାରଣ ସଭା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଗୋଟିଏ ସପ୍ତାହ ପୂର୍ବରୁ ପ୍ରସ୍ତୁତି ଚାଲିଥିବା ବେଳେ +୨ ଓ +୩ର ଛାତ୍ରୀ ମାନେ ମିଳିମିଶି ଏହାର ରୂପରେଖ ପ୍ରସ୍ତୁତ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ସାଧାରଣ ସଭାରେ ଅଧ୍ୟକ୍ଷତା କରି ଛାତ୍ରୀ ମାନେ ପାଠପଢ଼ା ସହ ଖେଳ, ନାଚ, ଗୀତ ଓ ସେବା ସବୁକିଛିରେ ବେଶ ଭଲ ଦକ୍ଷତା ପ୍ରଦର୍ଶନ କରି କିପରି ମହାବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ। ଉଦଳା ଓକିଲ ସଂଘର ସଂପାଦକ ତଥା ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ବସନ୍ତ କୁମାର ପରିଡ଼ା ଅତିଥି ଭାବରେ ଯୋଗ ଦେଇ କପ୍ତିପଦା ଉପଖଣ୍ଡରେ ଏହା ଏକ ମାତ୍ର ମହିଳା ମହାବିଦ୍ୟାଳୟ ହୋଇଥିବାରୁ ଏବଂ ଏହାର ସୁନାମ ସମଗ୍ର ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଶୁଣିବାକୁ ମିଳୁଥିବାରୁ ଏଥିପାଇଁ ଉଦଳା ଆଜି ଏକନୂଆ ପରିଚୟ ପାଇଛି ବୋଲି ବ୍ୟକ୍ତ କରିଥିଲେ। ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍?ଘାଟନ କରି ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ମାନଙ୍କର ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ଏହାପରେ ଅଧାପିକା ମଂଜୁଳା କଳିଆ ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନା, ଯୁବରେଡ଼କ୍ରସ ଓ ରେଂଜର୍ସ ବିଭାଗ ତରଫରୁ ବର୍ଷ ତମାମ ଚାଲୁଥିବା ସେବା ଓ ସଚେତନତାମୂଳକ କାମର ବିସ୍ତୃତ ଇତିହାସ ବିଷୟରେ ଅବଗତ କରାଇଥିଲେ। ଅବସରପ୍ରାପ୍ତ ପ୍ରାଧାପକ ଡ଼.ବିଜୟ କୁମାର ଦେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ନିଜ ପାଠପଢ଼ା ଜୀବନ ଓ ଶିକ୍ଷାଦାନର ଅନୁଭୂତି ବର୍ଣ୍ଣନା କରିଥିଲେ। ଯାହାକି ଥିଲା ଖୁବ୍ ହୃଦୟସ୍ପର୍ଶୀ। ଏହାପରେ ଅଧାପକ ଗିରିଜା ଶଙ୍କର ପାତ୍ର ବିବରଣି ପାଠ କରିଥିଲେ। କ୍ଷୀରୋଦ ରଂଜନ ମହାନ୍ତି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ଅଶ୍ୱିନି କୁମାର ବେହେରା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ। ପରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।




# ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ଦିବସ-୨୦୨୬ ପାଳିତ



ଭଦ୍ରକ, ୧୩/୧ (ନି.ପ୍ର): ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ଦିବସ-୨୦୨୬ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭଦ୍ରକ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳର ସଦୁପଯୋଗ, ସଂରକ୍ଷଣ ଏବଂ ସୁସ୍ଥିର ଜଳ ପରିଚାଳନା ସମ୍ବନ୍ଧରେ ବିସ୍ତୃଆଲୋକପାତ କରିଥିଲେ। ଉକ୍ତ ସଭାରେ ଜଳସେଚନ ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ (ସାଳନ୍ଦୀ ଜଳସେଚନ), ମୁଖ୍ୟ ଉନ୍ନୟନ ଅଧିକାରୀ,ଜିଲ୍ଲା ପରିଷଦ ଶୁଭେନ୍ଦ୍ର ସାମଲ, ଅଧିକ୍ଷଣ ଯନ୍ତ୍ରୀ, ସାଳନ୍ଦୀ କେନାଲ ଡିଭିଜନ ହିତେଶ କୁମାର ସାହୁ, ମାନ୍ୟବର ମନ୍ତ୍ରୀ ଙ୍କ ପ୍ରତିନିଧି ଅଶୋକ ପୁହାଣ ସହ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ପାଣିପଞ୍ଚାୟତମାନଙ୍କର ଭୂମିକା, ଚାଷୀ ହିତାର୍ଥ ଯୋଜନା ଓ ଜଳ ସଂରକ୍ଷଣ ସଚେତନତା ଉପରେ ଆଲୋଚନା କରାଯାଇଥିଲା।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida